

ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମଃତସ୍ୟୈ ନମଃତସ୍ୟୈ ନମଃତସ୍ୟୈ ନମୋନମଃ ।

# ଆମର ପ୍ରୟାସ

AAMAR PRAYAS

PRGI NO - ORORI/26/A1298



‘ମୋତେ ଚାକିରି ଫେରାଇ ଦିଅନ୍ତୁ, ମୁଁ କେମିତି ବଞ୍ଚିବି...’
ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କ ସାମ୍ନାରେ ଭୋ-ଭୋ
ହୋଇ କାନ୍ଦିଲେ ଯୁବତୀ

ବର୍ଷ-୦୧,ସଂଖ୍ୟା-୬୫, ବୁଧବାର, ୨୭ ମଇ ୨୦୨୬, ଭୁବନେଶ୍ୱର ମୂଲ୍ୟ - ଟ. ୫.୦୦ (ପୃଷ୍ଠା-୦୮) VOl- 01, Issue- 65 Wednesday, 27 May 2026, Bhubaneswar, Rs. 5.00 (Page - 08)


## ସହରୀ ଗତିଶୀଳତା ଅଡିଟ୍‌ରେ ଓଡିଶାର ଦୁଇ ସହର



ଭୁବନେଶ୍ୱର : ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ ତାଙ୍କର ବାର୍ଷିକ କାର୍ଯ୍ୟ ଯୋଜନା ୨୦୨୬-୨୭ ଅନ୍ତର୍ଗତ ଦେଶର ୧୦୧ଟି ସହରରେ ସହରୀ ଗତିଶୀଳତା (ଅର୍ବାନ ମୋବିଲିଟି) ଉପରେ ଏକ ‘ନାଗରିକ-କେନ୍ଦ୍ରିକ ଅନୁପାଳନ ଅଡିଟ୍’ (ସିଟିଜେନ୍-ସେଣ୍ଟ୍ରିକ୍ କମ୍ପ୍ଲାଏନ୍ସ ଅଡିଟ୍) କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବିତ ଅଡିଟ୍ ପ୍ରକ୍ରିୟା ପାଇଁ ଓଡ଼ିଶାରୁ ଭୁବନେଶ୍ୱର ଏବଂ କଟକ ସହରକୁ ଚୟନ କରାଯାଇଛି।ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧକ୍ଷତାରେ ସହରୀ ଗତିଶୀଳତା ଉପରେ ଏକ ‘ଏଣ୍ଟ୍ରି କନଫରେନ୍ସ’ (ପ୍ରାରମ୍ଭିକ ବୈଠକ) ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ଓଡ଼ିଶାର ପ୍ରଧାନ ମହାଲେଖାକାର (ଅଡିଟ୍-୧) ସୁବୁ ଆର୍., ଉପ-ମହାଲେଖାକାର ବାଲକ୍ରିଷ୍ଣା ଏବଂ ଅଡିଟ୍ ଦଳର ସଦସ୍ୟମାନେ ଯୋଗ ଦେଇଥିଲେ।ସମ୍ମିଳନୀ ଅବସରରେ ଅଡିଟ୍ ଦଳ ପକ୍ଷରୁ ପ୍ରସ୍ତାବିତ ଅଡିଟ୍‌ର ମାପଦଣ୍ଡ, ଆଇନଗତ ଓ ନୀତିଗତ ଆଭିମୁଖ୍ୟ, ସହରୀ ପରିବହନ ବ୍ୟବସ୍ଥା, ପ୍ରମୁଖ ସେବା କ୍ଷେତ୍ର, କାର୍ଯ୍ୟପନ୍ଥା ଏବଂ ସମୟସୀମା ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା (ପ୍ରେଜେଣ୍ଟେସନ) କରାଯାଇଥିଲା। ଏଥିସହ ସୁରୁଖୁରୁରେ ଅଡିଟ୍ କାର୍ଯ୍ୟ ଶେଷ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣେ ନୋଡାଲ ଅଫିସର ମନୋନୀତ କରିବାକୁ ଏବଂ ସମ୍ପୃକ୍ତ ସମସ୍ତ ବିଭାଗ ଓ ସଂସ୍ଥାଗୁଡ଼ିକର ସହଯୋଗ ଲୋଡ଼ିଛି ମହାଲେଖାକାରଙ୍କ କାର୍ଯ୍ୟାଳୟ।ଡିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଅଡିଟ୍‌ର ସଫଳ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗ ଏବଂ ଆବଶ୍ୟକୀୟ ସହାୟତା ଯୋଗାଇଦେବାକୁ ଆଶ୍ୱାସନା ଦେଇଛନ୍ତି। ସହରୀ ଗତିଶୀଳତା ବ୍ୟବସ୍ଥାକୁ ଅଧିକ ସ୍ପଷ୍ଟ ଭାବେ ବୁଝିବା, ଗଠନମୂଳକ ଆଲୋଚନା ଏବଂ ବ୍ୟବହାରିକ ପରାମର୍ଶ ପାଇଁ ନିଜ ନିଜର ସମସ୍ୟା, ଆହ୍ୱାନ ଓ କାର୍ଯ୍ୟକ୍ଷେତ୍ରରେ ରହୁଥିବା ଅସୁବିଧାଗୁଡ଼ିକୁ ଅଡିଟ୍ ଟିମ୍ ସମ୍ମୁଖରେ ଉପସ୍ଥାପନ କରିବାକୁ ସେ ବିଭାଗୀୟ ଅଧିକାରୀ ଓ ସହଭାଗୀ ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଅଡିଟ୍ ପରିଚାଳନା ପାଇଁ ପ୍ରସ୍ତାବିତ ସମୟସୀମା ଏବଂ ରୂପରେଖ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ , କ୍ରୁଟ୍ , କଟକ ମହାନଗର ନିଗମ , କଟକ ଉନ୍ନୟନ କର୍ତ୍ତୃପକ୍ଷ , ସ୍ମାର୍ଟ ସିଟି ଲିମିଟେଡ୍, ବାଣିଜ୍ୟ ଓ ପରିବହନ ବିଭାଗ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ , ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଗୃହ ବିଭାଗ ଏବଂ ଅନ୍ୟାନ୍ୟ ସଂପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ଏସଆଇଆର ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର : ରାଜ୍ୟରେ ଆସନ୍ତା ମଇ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ ଙ୍କ ଅଧ୍ୟକ୍ଷତାରେ ଆଭାସୀ (ଭର୍ଚୁଆଲ୍) ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆରଓ) ମାନେ ସାମିଲ ହୋଇଥିଲେ।ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍



ନପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ କହିଛନ୍ତି।ଭୋଟର ତାଲିକା ର ସ୍ୱତନ୍ତ୍ର ସଘନ ସଂଶୋଧନ’ ସମୟରେ ବି ଏଲ ଓ ମାନେ ଘରକୁ ଘର ବୁଲି ସର୍ଭେପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସୋସିଆଲ ମିଡିଆରେ ଏସ ଆଇ ଆର କୁ ନେଇ ପ୍ରସାରିତ ହେଉଥିବା ଯେକୌଣସି ଅପପ୍ରଚାରର ତୁରନ୍ତ ମୁକାବିଲା କରିବାକୁ ଏହି ଆଭାସୀ ବୈଠକରେ ଚେତାବନୀ ଦିଆଯାଇଛି।ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ଯେପରି ନ ବ୍ୟାପେ, ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନେ ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ତୀକ୍ଷ୍ଣ ନଜର ରଖିବେ। କୌଣସି ଅପପ୍ରଚାର ନଜରକୁ ଆସିଲେ, ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ତାର ସତ୍ୟାସତ୍ୟ ଉପସ୍ଥାପନ କରାଯାଇ ଖଣ୍ଡନ କରାଯିବ।ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମ କୁ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ। ଏହା ସହିତ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ।ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବରର ବ୍ୟାପକ ପ୍ରଚାର କରାଯିବ। ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀ ( ଙ୍କ ସହ ଆଲୋଚନା ପାଇଁ ଏକ କଲ୍ ମଧ୍ୟ ବୁକ୍ କରିପାରିବେ।ଭୋଟର ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହାର କିପରି ବହୁଳ ଭାବରେ ପ୍ରଚାର ପ୍ରସାର କରାଯାଇପାରିବ ସେ ଉପରେ ଡ଼େପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ସମସ୍ତ ଜିଲ୍ଲାର ମିଡ଼ିଆ ସେଲ, ସୋସିଆଲ ମିଡ଼ିଆ ସେଲ ର ମୁଖ୍ୟ ଓ ଡିଆଇପିଆରଓ ମାନଙ୍କୁ ପରାମର୍ଶ ଦେଇଛନ୍ତି।

## ପଶ୍ଚିମବଙ୍ଗ ସୀମାରେ ବାଂଲାଦେଶୀଙ୍କ ଭିଡ଼ ସ୍ୱଦେଶ ଫେରିବାକୁ ଖୋଜୁଛନ୍ତି ବାଟ

କୋଲକାତା: ପଶ୍ଚିମବଙ୍ଗରେ ବିଜେପି ସରକାର ଆସିବା ପରଠାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଛାତିରେ ଛନକା ପଶିଛି । ରାଜନୀତି ପ୍ରତିଶ୍ରୁତି ପରେ ପ୍ରଶାସନିକ



ସ୍ତରରେ ପ୍ରକ୍ରିୟା ଆରମ୍ଭ କ୍ଷଣି ଏବେ ସ୍ୱଦେଶ ମୁହାଁ ବାଂଲାଦେଶୀ ନାଗରିକ । ଭାରତ-ବାଂଲାଦେଶ ସୀମା ନିକଟରେ ଶହ ଶହ ସଂଖ୍ୟାରେ ବାଂଲାଦେଶୀ ଏକାଠି ହେଉଥିବାରୁ ଦେଖିବାକୁ ମିଳିଛି । ଯାହାର ଭିଡ଼ିଓ ଖୋଦ୍ ବିଜେପି ସୋସିଆଲ ମିଡ଼ିଆରେ ସେୟାର କରିଛି ।ଉତ୍ତର ୨୪ ପରଗନା ୱିଶୀରହାଟ ସବଡିଭିଜନସ୍ଥିତ ହାକିମପୁର ଚେକ୍ ପଏଣ୍ଟରେ ମଙ୍ଗଳବାର ସକାଳେ ୧୦୦ରୁ ଅଧିକ ବାଂଲାଦେଶୀ ଏକାଠି ହୋଇଛନ୍ତି । ସେଥିରେ ପୁରୁଷ, ମହିଳା ଏବଂ ଛୋଟ ପିଲା ରହିଛନ୍ତି । ସମସ୍ତେ ନିଜ ଦେଶକୁ ଫେରିଯିବାକୁ ଚାହୁଁଛନ୍ତି । ବିଜେପି କହିଛି ଯେ ଏସ୍‌ଆଇଆର୍ ସମୟରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ଏମାନେ ବେଆଇନଭାବେ ସୀମା ଅତିକ୍ରମ କରି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ରହୁଥିଲେ । ତେବେ ନିକଟରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସମସ୍ତ ଜିଲ୍ଲାରେ ହୋଲ୍ଡିଂ ସେଣ୍ଟର୍ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁଥିରେ ବିଦେଶୀ ନାଗରିକଙ୍କୁ ରଖାଯିବ । ସଠିକ୍ ପ୍ରମାଣପତ୍ର ଓ ପରିଚୟ ପତ୍ର ଦେଖାଇଲେ ସେମାନଙ୍କୁ ସ୍ୱଦେଶ ପଠାଯିବ ବୋଲି ସରକାର କଡ଼ା ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେଉଁମାନେ ନାଗରିକ ସଂଶୋଧନ ଅଧିନିୟମରୁ ବାହାରେ ରହିଛନ୍ତି ସେମାନଙ୍କୁ ଅବୈଧ ଘୋଷଣା କରାଯିବ ।

## ଗୁଣ୍ଡିଚା ମନ୍ଦିର ଉନ୍ନତିକରଣ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ପ୍ରଶାସକ



ପୁରୀ: ଆସନ୍ତା ରଥଯାତ୍ରା ପୂର୍ବରୁ ଶେଷ ହେବ ଗୁଣ୍ଡିଚା ମନ୍ଦିର ଉନ୍ନତିକରଣ କାର୍ଯ୍ୟ । ଗୁଣ୍ଡିଚା ମନ୍ଦିରର ସମସ୍ତ ଉନ୍ନତିକରଣ କାର୍ଯ୍ୟର ଅନୁଧ୍ୟାନ କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ। ମୁଖ୍ୟ ପ୍ରଶାସକଙ୍କ ସହିତ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି । ଏହାପରେ ଗୁଣ୍ଡିଚା ମନ୍ଦିର ଭିତରକୁ ଯାଇ ସମସ୍ତ କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରିଛନ୍ତି ମୁଖ୍ୟ ପ୍ରଶାସକ। ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସ୍ଥିତି ଅନୁଧ୍ୟାନ ପରେ କହିଛନ୍ତି ଯେ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଓ ଭିତରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଭକ୍ତମାନେ ଏକ ନୂଆ ଅନୁଭୂତି ପାଇବେ। ଗୁଣ୍ଡିଚା ମନ୍ଦିର ଭିତରେ ଟୁଣିଆ ମହଲ, ରୋଷ ଶାଳା, ବଲ୍ଲଭ ଘରକୁ ନୂଆ ରୂପ ମଧ୍ୟ ଦିଆଯାଇଛି। ସେହିପରି ଗୁଣ୍ଡିଚା ମନ୍ଦିର ଉତ୍ତର ଗୁମୁଟର ନବୀକରଣ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ଜୋରଦାର ପ୍ରୟାସ ଚଳାଇଛି ଶ୍ରୀମନ୍ଦିର ପ୍ରଶାସନ। ସେହିପରି ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିର ମଧ୍ୟ ଉନ୍ନତିକରଣ କାର୍ଯ୍ୟ କରାଯାଉଛି। ତେବେ ଗୁଣ୍ଡିଚା ମନ୍ଦିର ଭିତରେ ଓ ବାହାରେ କଳିଙ୍ଗ ସ୍ଥାପତ୍ୟ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଛି। ପୂର୍ବରୁ ଥିବା ସ୍ଥାପତ୍ୟ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଆସନ୍ତା ରଥଯାତ୍ରା ପରେ ଗୁଣ୍ଡିଚା ମନ୍ଦିର ସାଧାରଣ ଭକ୍ତଙ୍କ ପାଇଁ ଖୋଲିବ। ଏଥିପାଇଁ ଏକ ଏସଓପି ପ୍ରସ୍ତୁତ କରାଯାଇଛି ।

## ଫୁଡ୍ ଜୋନ୍ ପାଇଁ ପ୍ରଶାସନକୁ ବିଧାୟକଙ୍କ ଚିଠି

ଝାରସୁଗୁଡା: ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ସରବାହାଲ ଅଞ୍ଚଳରେ ଏକ ଆଧୁନିକ ଫୁଡ୍ ଜୋନ୍ ସ୍ଥାପନ ପାଇଁ ଜିଲ୍ଲାପାଳଙ୍କୁ ପତ୍ର ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଝାରସୁଗୁଡା ପୌରାଞ୍ଚଳ ଅଧୀନ ସରବାହାଲରେ ଶିଳ୍ପ ବିଭାଗର ଅଧୀନରେ ଥିବା ଖାଲି ଜମିକୁ ସାଧାରଣ ଲୋକଙ୍କ ସ୍ୱାର୍ଥରେ ଫୁଡ୍ ଜୋନ୍ ଭାବେ ବିକଶିତ କରାଯାଇପାରିବ। ଏହି ଫୁଡ୍ ଜୋନ୍ ସ୍ଥାପନ ହେଲେ ସହରରେ ଅନିୟନ୍ତ୍ରିତ ଭାବେ ଚାଲୁଥିବା ରାସ୍ତାକଡ଼ ଖାଦ୍ୟ ବ୍ୟବସାୟକୁ ସଂଗଠିତ କରାଯିବା ସହ ଟ୍ରାଫିକ ସମସ୍ୟା ଓ ଜନଗହଳି ହ୍ରାସ ପାଇବ। ଏଥିସହ ସ୍ଥାନୀୟ ଯୁବକ ଓ ଛୋଟ ବ୍ୟବସାୟୀମାନଙ୍କ ପାଇଁ ସ୍ୱାବଲମ୍ବନ ଓ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ। ଫୁଡ୍ ଜୋନ୍ ମାଧ୍ୟମରେ ଖାଦ୍ୟ ବ୍ୟବସାୟକୁ ଏକ ସୁସଂଗଠିତ ରୂପ ମିଳିବା ସହ ଲୋକଙ୍କୁ ଉନ୍ନତ ସୁବିଧା ମଧ୍ୟ ମିଳିବ ବୋଲି ସେ କହିଛନ୍ତି।ପତ୍ରରେ ସେ ଜିଲ୍ଲା ପ୍ରଶାସନକୁ ଶୀଘ୍ର ଫୁଡ୍ ଜୋନ୍ ସ୍ଥାପନ ପାଇଁ ପଦକ୍ଷେପ ନେବା ସହ ଶିଳ୍ପ ବିଭାଗ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ଚାଲିଥିବା ବେଳେ ମଧ୍ୟ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାକୁ ଆଗୁଆ ଅନୁମତି ଦେଇ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବିକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବିତ ଫୁଡ୍ ଜୋନ୍ ଝାରସୁଗୁଡାର ଆର୍ଥିକ ଓ ବ୍ୟବସାୟିକ ବିକାଶକୁ ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି।

## ୫ ଟଙ୍କାରେ ମିଳିବ ମାଛ-ଭାତ, ଖୋଲାଯିବ ୪୦୦ କ୍ୟାଣ୍ଟିନ୍

କୋଲକାତା: ପଶ୍ଚିମବଙ୍ଗର ସାଧାରଣ ଲୋକ ଏବଂ ଗରିବ ଶ୍ରେଣୀ ପାଇଁ ସରକାର ଘୋଷଣା କରିଛନ୍ତି ଏକ ବଡ଼ କଲ୍ୟାଣକାରୀ ଯୋଜନା। ଏବେ ରାଜ୍ୟରେ ମାତ୍ର ୫ ଟଙ୍କାରେ ମିଳିବ ମାଛ-ଭାତ, ଯାହା ବଙ୍ଗାଳୀଙ୍କ ପ୍ରିୟ ଖାଦ୍ୟ ଭାବେ ପରିଚିତ। ଏହି ସୁବିଧା ପାଇଁ ରାଜ୍ୟବ୍ୟାପୀ ପ୍ରାୟ ୪୦୦ଟି ସ୍ୱତନ୍ତ୍ର କ୍ୟାଣ୍ଟିନ୍ ଖୋଲାଯିବ ବୋଲି ଘୋଷଣା ହୋଇଛି।ଏନେଇ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଆୟୋଜିତ ଏକ ସଭାରେ ଏହି ଯୋଜନାର ଘୋଷଣା କରିଥିଲେ। ସେ କହିଥିଲେ ଯେ ସପ୍ତାହରେ ଦୁଇଦିନ ଏହି କ୍ୟାଣ୍ଟିନ୍‌ଗୁଡ଼ିକରେ ସବସିଡି ଦରରେ ମାଛ-ଭାତ ପରିବେଷଣ କରାଯିବ। ଏହା ଦ୍ୱାରା ଦିନମଜୁରିଆ, ଶ୍ରମିକ, ଅଟୋ ଚାଳକ ଓ ଆର୍ଥିକ ଭାବେ ଦୁର୍ବଳ ଲୋକମାନେ ବିଶେଷ ଭାବେ ଉପକୃତ ହେବେ।ବଙ୍ଗ ସଂସ୍କୃତିରେ ମାଛ-ଭାତର ଗୁରୁତ୍ୱ ଅତ୍ୟନ୍ତ ସ୍ୱତନ୍ତ୍ର। ‘ମାଛ-ଭାତେ ବଙ୍ଗାଳୀ’ ପ୍ରବାଦଟି ଆଜି ମଧ୍ୟ ରାଜ୍ୟର ଖାଦ୍ୟ ପରମ୍ପରାକୁ ପ୍ରତିଫଳିତ କରେ। ଏଭଳି ସ୍ଥିତିରେ ସରକାରଙ୍କ ଏହି ନୂଆ ପଦକ୍ଷେପକୁ ଲୋକମାନେ ସ୍ୱାଗତ କରୁଛନ୍ତି।କେବଳ ଖାଦ୍ୟ ନୁହେଁ, ରାଜ୍ୟ ସରକାର ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ‘ଅନ୍ନପୂର୍ଣ୍ଣା ଯୋଜନା’ ଆରମ୍ଭ କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ଏହି ଯୋଜନା ଅଧୀନରେ ଯୋଗ୍ୟ ମହିଳାମାନଙ୍କୁ ପ୍ରତିମାସ ୩,୦୦୦ ଟଙ୍କାର ଆର୍ଥିକ ସହାୟତା ମିଳିବ। ମେ’ ୨୭ ତାରିଖରୁ ଏହାର ଆବେଦନ ପତ୍ର ବଣ୍ଟନ ଆରମ୍ଭ ହେବ।ଏହାସହ ରାଜ୍ୟ ସରକାର ମଦ ଦୋକାନ ନିୟନ୍ତ୍ରଣକୁ ନେଇ ମଧ୍ୟ କଡ଼ା ନିଷ୍ପତ୍ତି ନେଇଛନ୍ତି। ନୂଆ ନିୟମ ଅନୁସାରେ ସ୍କୁଲ, କଲେଜ ଏବଂ ଧାର୍ମିକ ସ୍ଥାନର ଏକ କିଲୋମିଟର ପରିସର ଭିତରେ ମଦ ଦୋକାନ ଖୋଲିବାକୁ ଅନୁମତି ମିଳିବ ନାହିଁ।ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ବଡ଼ ସଂସ୍କାର ଆଣିବା ଲକ୍ଷ୍ୟରେ ଆୟୁଷ ବିଭାଗକୁ ସ୍ୱାସ୍ଥ୍ୟ ବିଭାଗଠାରୁ ପୃଥକ କରି ଏକ ସ୍ୱତନ୍ତ୍ର ବିଭାଗ ଗଠନ କରାଯିବା ନେଇ ମଧ୍ୟ ଘୋଷଣା ହୋଇଛି।

## ମାଲକାନଗିରି ଜିଲ୍ଲାପାଳଙ୍କ କୋର୍ଟରେ ଆନ୍ତଃରାଜ୍ୟ ପୋଷ୍ୟ ସନ୍ତାନ ପ୍ରକ୍ରିୟା ଚୂଡ଼ାନ୍ତ: ଝାଡ଼ଖଣ୍ଡର ଦମ୍ପତିଙ୍କୁ ମିଳିଲା ଆଇନଗତ ଅଧିକାର




ମାଲକାନଗିରି, ୨୬/୫/୨୬(ମାନସ୍ ରଞ୍ଜନ୍ ନେତାମ୍) ଶିଶୁ ସୁରକ୍ଷା, କଲ୍ୟାଣ ଏବଂ ଥଇଥାନ କ୍ଷେତ୍ରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ? ଙ୍କ ଅଦାଲତରେ ଏକ ଆନ୍ତଃରାଜ୍ୟ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ଆଜି ବିଧିବଦ୍ଧ ଭାବେ ଚୂଡ଼ାନ୍ତ ସମ୍ପନ୍ନ ହୋଇଛି । ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ପଦ ପ୍ରାଧିକରଣ ଦ୍ୱାରା ପୂର୍ବରୁ ଅନୁମୋଦିତ ଏହି ମାମଲାରେ ଜିଲ୍ଲାପାଳଙ୍କ ଦ୍ୱାରା ଚୂଡାନ୍ତ ପୋଷ୍ୟ ସନ୍ତାନ ଆଦେଶ ଜାରି କରାଯାଇଛି। ଏହା ସହିତ ଝାଡ଼ଖଣ୍ଡର ଆଶାୟୀ ଦମ୍ପତିଙ୍କୁ ଏହି ଶିଶୁର ସମ୍ପୂର୍ଣ୍ଣ ଆଇନଗତ ଅଭିଭାବକତ୍ୱ ପ୍ରଦାନ କରାଯାଇଛି।ସୂଚନାଯୋଗ୍ୟ ଯେ, କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ପଦ ପ୍ରାଧିକରଣ ର ନିୟମାନୁସାରେ ସମ୍ପୃକ୍ତ ଶିଶୁଟିକୁ ପୂର୍ବରୁ ଝାଡ଼ଖଣ୍ଡର ଆଶାୟୀ ପିତାମାତାଙ୍କୁ ପ୍ରାକ୍-ପୋଷ୍ୟ ସନ୍ତାନ ପାଳନ ଅଧୀନରେ ହସ୍ତାନ୍ତର କରାଯାଇଥିଲା। ଫୋଷ୍ଟର କେୟାର ଅବଧି ମଧ୍ୟରେ ସମସ୍ତ ନିୟମାବଳୀର ସଫଳ ଅନୁପାଳନ ଏବଂ ଯାଞ୍ଚ ପରେ, ଆଜି ଜିଲ୍ଲାପାଳଙ୍କ କୋର୍ଟରେ ଏହି ଆଇନଗତ ପ୍ରକ୍ରିୟାର ସଫଳ ଅନ୍ତ ଘଟିଛି। ଏହି ଚୂଡ଼ାନ୍ତ ଆଦେଶ ବଳରେ ଶିଶୁଟି ବର୍ତ୍ତମାନ ତାର ନୂତନ ପରିବାରର ଏକ ବୈଧ ସଦସ୍ୟ ଭାବେ ମାନ୍ୟତା ପାଇଛି । ଏହି ଅବସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ନିଜର ଖୁସି ବ୍ୟକ୍ତ କରି କହିଛନ୍ତି ଯେ ପ୍ରତ୍ୟେକ ଶିଶୁର ଏକ ସୁରକ୍ଷିତ ପରିବେଶ ମଧ୍ୟରେ ବଢ଼ିବାର ଏବଂ ନିଜର ଭବିଷ୍ୟତ ଗଢ଼ିବାର ମୌଳିକ ଅଧିକାର ରହିଛି। ଆଜି ଏହି ଆଇନଗତ ପ୍ରକ୍ରିୟାକୁ ସଫଳତାର ସହ ଶେଷ କରି ଶିଶୁଟିକୁ ତାର ସ୍ଥାୟୀ ପରିବାର ନିକଟରେ ହସ୍ତାନ୍ତର କରି ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଆନନ୍ଦିତ। ଝାଡ଼ଖଣ୍ଡରୁ ଆସିଥିବା ଏହି ନୂତନ ଦମ୍ପତିଙ୍କୁ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଶିଶୁଟିର ଉଜ୍ଜ୍ୱଳ ତଥା ସୁଖମୟ ଜୀବନ କାମନା କରିଛନ୍ତି। ଏହି ସମଗ୍ର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୁରୁଖୁରୁରେ ସମ୍ପାଦନ କରିଥିବାରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ସମ୍ପୃକ୍ତ ସ୍ପେଶାଲାଇଜ୍ ?ଡ ଆଡପସନ୍ ଏଜେନ୍ସି ର ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଜିଲ୍ଲାପାଳ ଧନ୍ୟବାଦ ଜଣାଇଛନ୍ତି।

## ଜଣେ ବ୍ୟକ୍ତି ଦୁଇଟି ଚାକିରୀ, ତଦନ୍ତ ଦାବୀ

ଖଡ଼ିଆଳ :(୨୬/୫/୨୬):- ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ଜଣେ ବ୍ୟକ୍ତି ଏକ ସମୟରେ ଦୁଇଟି ସରକାରୀ ବା ଅଧା-ସରକାରୀ ଚାକିରୀ କରିପାରିବେ ନାହିଁ । ଏହାକୁ ସମ୍ପୂର୍ଣ୍ଣ ରୂପେ ବେଆଇନ ବା ପ୍ରତିବନ୍ଧକ ବୋଲି ଧରାଯାଏ।ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେ ରୋଷେୟାଆ ଏବଂ ଜିଓଟେକ୍ ଭଳି ସରକାରୀ କାର୍ଯ୍ୟ ଜଣେ ବ୍ୟକ୍ତି ଏକା ସାଙ୍ଗରେ କରିପାରିବେ ନାହିଁ କ୍ଷ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧି ର ଧାରା ୧୭ ଅନୁଯାୟୀ, ସରକାରଙ୍କ ଠାରୁ ଦରମା ବା ପାରିଶ୍ରମିକ ପାଉଥିବା କୌଣସି ବି କର୍ମଚାରୀ ସରକାରଙ୍କ ବିନା ଅନୁମତିରେ ଅନ୍ୟ କୌଣସି ବ୍ୟବସାୟ ବା ଚାକିରୀରେ ନିଜକୁ ନିୟୋଜିତ କରିପାରିବେ ନାହିଁ। ହେଲେ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଟିମନପୁର ଗ୍ରାମ ପଞ୍ଚାୟତ ଅଧୀନରେ ଦୀର୍ଘ ଆଠ ଦଶ ବର୍ଷ ହେବ ଜିଓଟେକ ଭାବରେ କାର୍ଯ୍ୟରତ ଥିବା ରେଖାରାମ ଦଣ୍ଡସେନା ଗତ ୨୦୨୫ ମସିହାରୁ ପ୍ରାୟ ସାତ ଆଠ ମାସ ହେବ ଟିମନପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେ ମୁଖ୍ୟ ରୋଷେୟାଆ ଭାବରେ ନିଯୁକ୍ତି ପାଇ କାର୍ଯ୍ୟ କରି ଆସୁଛନ୍ତି କ୍ଷ ରୋଷେୟାଆ ଙ୍କୁ ବିଦ୍ୟାଳୟର ହଷ୍ଟେଲରେ ୨୪ ଘଣ୍ଟା (୨୪ଅ୭ )ସବୁବେଳେ ରହିବାକୁ ପଡିଥାଏ କ୍ଷ ହେଲେ ଏପରି ସ୍ଥଳରେ ସେ କିପରି ଉଭୟ ମୁଖ୍ୟ ରୋଷେୟାଆ ଓ ଜିଓଟେକ କାର୍ଯ୍ୟ ଏକା ସାଙ୍ଗରେ କରୁ ଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି କ୍ଷ ଆଜି ପର୍ଯ୍ୟନ୍ତ ସେ ଉଭୟ କାର୍ଯ୍ୟ କରି ଆସୁ ଥିବା ବେଳେ ସ୍ଥାନୀୟ ଗ୍ରାମ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ କିମ୍ବା ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଜାଣି ପାରୁ ନାହାନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି କି ସମସ୍ତେ ଜାଣିଶୁଣି ମିଳିମିଶି କାମ ଚଳାଇ ଛନ୍ତି କ୍ଷ ତାର ତଦନ୍ତ କରିବାକୁ ସ୍ଥାନୀୟ ଜନ ସାଧାରଣ ଦାବୀ କରିଛନ୍ତି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓଡ଼ିଶା ସରକାର ଙ୍କ ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଶିକ୍ଷ୍ୟାନୁଷ୍ଠାନ ଅଟେ । ସେଠାରେ ମୁଖ୍ୟ ରୋଷେୟାଆ ପଦବୀଟି ଚୁକ୍ତିଭିତ୍ତିକ ମାଧ୍ୟମରେ ହୋଇଥିଲେ ମଧ୍ୟ ତାଙ୍କର ଦରମା ସରକାରଙ୍କ ତରଫରୁ ମିଳି ଥାଏ। ଏଥିପାଇଁ ତାଙ୍କୁ ମାସିକ ଦରମା ଭାବଦକୁ ନଅ ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟ କୁ ସରକାର ପାଣ୍ଠି ରୁ ଦିଆ ଯାଇଥାଏ ଜିଓଟେକ୍ (ଏରକ୍ଟଷରମଷ) ସମ୍ବନ୍ଧୀୟ ଯେକୌଣସି ସରକାରୀ ଯୋଜନାର କାର୍ଯ୍ୟ (ଯେପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଘରର ବିଭିନ୍ନ ପର୍ଯ୍ୟାୟ ଯେପରିକି ଭିତ୍ତିଭୂମି, ଲିଣ୍ଟଲ, ଘର ସମ୍ପୂର୍ଣ୍ଣ ହେବାର ଜିଓ-ଟ୍ୟାଗିଂ କରିବା) ପାଇଁ ମଧ୍ୟ ସରକାରୀ ପାଣ୍ଠିରୁ ଅର୍ଥ ମିଳିଥାଏ। ଏହି ସବୁ ଫୋଟୋ ଗୁଡିକ ଉଠାଇବା ଓ ଅପଲୋଡ଼ କରିବା ପାଇଁ ପ୍ରତି ଘର ହିସାବରେ ପାରିଶ୍ରମିକ ଜିଓଟେକ ଙ୍କ ଆକାଉଣ୍ଟ କୁ ସରକାର ଙ୍କ ଆପ ମାଧ୍ୟମରେ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

ଆମର ପ୍ରୟାସ
AAMAR PRAYAS



# ଖୁବ୍‌ଶୀଘ୍ର 'ଆମ ଗାଁରେ ଆମ ତହସିଲ୍' କାର୍ଯ୍ୟକ୍ରମ

## ଜିଲ୍ଲା ପରିଦର୍ଶନ କରିବେ ରାଜସ୍ୱ ବିଭାଗ ଅଧିକାରୀ

ଭୁବନେଶ୍ୱର, ତହସିଲକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ଖୁବ୍‌ଶୀଘ୍ର 'ଆମ ଗାଁରେ ଆମ ତହସିଲ୍' କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଗ୍ରାମ, ପଞ୍ଚାୟତସ୍ତରରେ ତହସିଲ୍ କ୍ୟାମ୍ପ କୋର୍ଟ କରାଯିବ। ପୂର୍ବରୁ ବିଭିନ୍ନ କାମ ପାଇଁ ଲୋକମାନଙ୍କୁ ତହସିଲ୍ କାର୍ଯ୍ୟାଳୟ ଆସିବାକୁ ପଡୁଥିବା ବେଳେ ଏଣିକି କ୍ୟାମ୍ପ କୋର୍ଟ ମାଧ୍ୟମରେ ଗାଁ-ଗାଁରେ ତହସିଲ୍ କାର୍ଯ୍ୟାଳୟର ଅଧିକାରୀମାନେ ଲୋକମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବେ। ଏହାସହ ପ୍ରଜା ଖାତା ସଂଶୋଧନ, ଡିମାର୍କେସନ୍ ଆଦି ବିଭିନ୍ନ ରାଜସ୍ୱ ସେବା ଯୋଗାଇ ଦେବେ। କ୍ୟାମ୍ପ କୋର୍ଟ ମାଧ୍ୟମରେ ରାଜସ୍ୱ ସେବା ସମ୍ପର୍କିତ ଲୋକମାନଙ୍କ ଅଭିଯୋଗ ଶୁଣାଣି କରାଯାଇ ତ୍ୱରିତ ସେବା ପ୍ରଦାନ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେହିପରି ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାର ନୋଡାଲ୍ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଉକ୍ତ ଅଧିକାରୀମାନେ ଜିଲ୍ଲା ପରିଦର୍ଶନ କରିବା ସହ ସେଠାରେ ରାତ୍ରିଯାପନ କରିବେ। ସାଧାରଣ ଲୋକଙ୍କ ସହ ମିଶି ସରକାରଙ୍କ ରାଜସ୍ୱ ସେବା ସମ୍ପର୍କରେ ସେମାନଙ୍କ ମତାମତ ଗ୍ରହଣ କରିବେ। ରାଜସ୍ୱ ବିଭାଗ ବି କେଉଁ କେଉଁ ସେବା ସରଳୀକରଣ କରିଛି ସେ ନେଇ ଲୋକଙ୍କୁ ସୂଚନା ଦେବେ। କେଉଁ ଜିଲ୍ଲାରେ କେଉଁ ବର୍ଗର ଲୋକଙ୍କର କ'ଣ ସମସ୍ୟା ଅଛି, ସେ ସଂପର୍କରେ ଅଧିକାରୀମାନେ ସଚିବଙ୍କୁ ରିପୋର୍ଟ ଦେବେ। ଏହାଦ୍ୱାରା ରାଜସ୍ୱ ବିଭାଗରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆଜି ଲୋକସେବା ଭବନରେ ମନ୍ତ୍ରୀ ଶ୍ରୀ ପୂଜାରୀ ବିଭାଗର ୨ ବର୍ଷର ସଫଳତା ଓ ଉପଲବ୍ଧି ବିଷୟରେ ସମୀକ୍ଷା କରିବା ପରେ କହିଛନ୍ତି 'ଯାହା ଆମେ ଉପଲବ୍ଧି କରୁଛେ, ତାହା ଆମ ସଫଳତା ନୁହେଁ; ବରଂ ଯେଉଁ ଯୋଜନା ଅଥବା ପଦକ୍ଷେପକୁ ସାଧାରଣ ଲୋକ ସଫଳ ବୋଲି ବିବେଚନା କରୁଛନ୍ତି, ତାହା ହିଁ ଆମ ଉପଲବ୍ଧିକ୍ଷ' ଆଜିର ବୈଠକରେ ସହରାଞ୍ଚଳ ଚାଷ ଜମି କିସମ ପରିବର୍ତ୍ତନ ନିୟମକୁ ସରଳୀକରଣ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବିଗତ ଦୁଇ ବର୍ଷରେ ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସେସ୍ (ଓଆରଟିପିଏସ୍) ଆଇନ୍ ଆଧାରରେ ୨.୫ କୋଟିରୁ ଅଧିକ ରାଜସ୍ୱ ସେବା ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ଲୋକାଭିମୁଖୀ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅରବିନ୍ଦ ପାଢ଼ୀ, ଓଏସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳଲୋଚନ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



## ଆତଙ୍କିତ ହୁଅନି, ତେଲ ଅଛି: ମୁଖ୍ୟ ସଚିବ



ଭୁବନେଶ୍ୱର, : ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ଯୋଗାଣ ସ୍ଥିତିର ସମୀକ୍ଷା କରି ମୁଖ୍ୟ ସଚିବ ଅନୁ ଗର୍ଗତେଲର କୌଣସି ଅଭାବ ନ ଥିବା କହିଛନ୍ତି। ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତିର ସମୀକ୍ଷା ପରେ ଗଣମାଧ୍ୟମ ସହ ଆଲୋଚନା କରି ଶ୍ରୀମତୀ ଗର୍ଗ ରାଜ୍ୟବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ କହିଥିଲେ ଯେ ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଓ ୟୁରିଆ ସାରର ଯୋଗାଣ ସବୁଆଡ଼େ ସ୍ଥିର ରହିଛି। ତେଣୁ ପେଟ୍ରୋଲ ପମ୍ପରେ ଅଯଥା ଭିଡ଼ ନ କରିବା ଓ ଅତଙ୍କିତ ନ ହେବାକୁ ସେ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଥିଲେ ଯେ ପ୍ରତି ଜିଲ୍ଲାରେ ଯଥେଷ୍ଟ ପରିମାଣର ତେଲ ଅଛି। ବର୍ତ୍ତମାନ ସମୟର ଫାଇଦା ନେଇ ଯେଉଁମାନେ କଳାବଜାରକୁ ପ୍ରୋତ୍ସାହନ ଦେବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। କଳାବଜାରକୁ ରୋକିବା ପାଇଁ ଚଢ଼ଉ ଜାରି ରହିଛି। ତେଲ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ଓ ଯେଉଁ ସ୍ଥାନରେ ଉଲ୍ଲଂଘନ ଭଳି ସାମ୍ନା ସାମନାକୁ ଆସୁଛି, ସେଠାରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ଜିଲ୍ଲାପାଳମାନଙ୍କୁ କହିଛନ୍ତି। ତେଲ ଯୋଗାଣ ସ୍ୱାଭାବିକ ରଖିବାକୁ ଯୋଗାଣ ବିଭାଗ ଅଧିକାରୀମାନେ ତେଲ କମ୍ପାନିମାନଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଛାନିଆ ହୋଇ କିଣିଲେ କିମ୍ବା ଗୁଜବ ପ୍ରଚାର କଲେ କେବଳ କୃତ୍ରିମ ଅଭାବ ଦେଖାଦେବ ବୋଲି ସରକାର କହିଛନ୍ତି। ପେଟ୍ରୋଲିୟମ ମନ୍ତ୍ରଣାଳୟ ମଧ୍ୟ ସ୍ପଷ୍ଟ କରିଛି ଯେ ଓଡ଼ିଶାରେ ତେଲ ଓ ଗ୍ୟାସ୍ ଯୋଗାଣ ସ୍ୱଷ୍ଟ ରହିଛି। ଟର୍ମିନାଲ, ଡିପୋ ଓ ପେଟ୍ରୋଲ ପମ୍ପ ସ୍ୱାଭାବିକ ଭାବେ କାମ କରୁଛି। କେଉଁ ସ୍ଥାନରେ କେତେ ତେଲ ଅଛି ତାହାକୁ ବାସ୍ତବ ସମୟରେ ନିରୀକ୍ଷଣ କରାଯାଉଛି। ସବୁ ସ୍ଥାନରେ ଷ୍ଟକ୍ ଉପଯୁକ୍ତ ସ୍ତରରେ ଥିବା ମନ୍ତ୍ରଣାଳୟ ଦାବି କରିଛି। ଯେତିକି ତେଲ ଓ ଗ୍ୟାସ୍ ଦରକାର ସେତିକି କିଣିବା ଓ ଆତଙ୍କିତ ନ ହେବାକୁ ତେଲ କମ୍ପାନିଗୁଡ଼ିକ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି।

## ତେଲ ପାଇଁ ଚାଲିଗଲା ଜୀବନ

### ଅଧା ରାସ୍ତାରେ ବାଇକ୍‌ରେ ସରିଗଲା ତେଲ

ମାଲକାନଗିରି, ମାଲକାନଗିରି ଜିଲ୍ଲାରେ ତେଲର ଘୋର ଅଭାବ। ପେଟ୍ରୋଲ ଓ ଡିଜେଲ ନମିଳିବାରୁ ପ୍ରଥମେ ପାଞ୍ଚ ହଜାର କୁକୁଡ଼ା ଆଉ ଏବେ ଜଣେ ବ୍ୟକ୍ତିର ଜୀବନଚାଲିଗଲା। ତେଲର ଅଭାବ ଯୋଗୁଁ ଅନେକ ସମସ୍ୟା ଭୋଗୁଛନ୍ତି ଜନତା । କେଉଁଠି ଘଣ୍ଟା ଘଣ୍ଟା ଧରି ଲୋକେ ଲାଇନ ରେ ଛିଡା ହେଉଛନ୍ତି ତ ଆଉ କେଉଁଠି ଜାତୀୟ ରାଜପଥ ଜାମ ହେଉଛି । ସେଥି ମଧ୍ୟରୁ ଆସିଛି ଆଉ ଏକ ହୃଦୟ ବିଦାରକ ଚିତ୍ର ଯେଉଁଠି ତେଲ ର ଅଭାବ ଯୋଗୁଁ ଚାଲିଗଲା ଜଣେ ବ୍ୟକ୍ତିର ଜୀବନ । ମୃତ ବ୍ୟକ୍ତି ଜଣକ ହେଲେ ମାଲକାନଗିରି ଜିଲ୍ଲା କୁସୁମପୁଟ ଗାଁର ବସନ୍ତ ଖିଲ। ଘଟଣା ଅନୁଯାୟୀ ମୃତ ବସନ୍ତ ଆମ୍ବ ତୋଳିବା ପାଇଁ ଗଛ ଉପରେ ଚଢିଥିଲେ। ହେଲେ ହଠାତ ତାଙ୍କ ଗୋଡ ଖସିଯିବାରୁ ସେ ପଡ଼ି ଯାଇଥିଲେ। ତଳେ ପଡ଼ିଯିବା ପରେ ସେ ଗୁରୁତର ହୋଇଥିଲେ। ତୁରନ୍ତ ପରିବାର ଲୋକେ ତାକୁ ବାଇକଯୋଗେ ଚିକିତ୍ସାଳୟକୁ ଆଣୁଥିବା ବେଳେ ଅଧା ରାସ୍ତାରେ ଗାଡ଼ିର ତେଲ ସରିଯାଇଥିଲା । ତେବେ ତେଲ ସରିବା ପରେ ସେହି ଅଞ୍ଚଳରେ ତେଲ ନ ମିଳିବା ଯୋଗୁଁ ଅଧା ରାସ୍ତାରେ ଆମ୍ବୁଲାନ୍ସକୁ ଫୋନ କରାଯାଇଥିଲା। କିଛି ସମୟ ପରେ ଆମ୍ବୁଲାନ୍ସ ଆସିବା ପରେ ବସନ୍ତକୁ ମାଥିଲି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାଥିଲିରେ ଡାକ୍ତର ତାଙ୍କୁ ସେଠାରୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ରିଲିଭ୍ କରିଥିଲେ। ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମାଟି ତଳୁ ବାହାରୁଛି ପୁଳା ପୁଳା ମଦ



ଏରସମା, ଏରସମା ଥାନା ଅଧୀନ ରାମତରା ଗାଁରେ କିଛି ଦିନ ପୂର୍ବରୁ ମଦ ବିରୋଧି ଆନ୍ଦୋଳନ ହୋଇଥିଲା । ଏଥିରେ ମଦ ବେପାର କରୁଥିବା ସମସ୍ତ ବେପାରୀଙ୍କ ଘର ଘର ବୁଲି ବନ୍ଦ ପାଇଁ ମହିଳାମାନେ ଚେତାବନୀ ଦେଇଥିଲେ । ପରେ ବେପାର କରିଥିବାରୁ ସେମାନଙ୍କୁ ଗିରଫ କରାଯାଇଥିଲା । ରାମତରା ଗାଁର କ୍ରିଷ୍ଣା ସେଠୀ ଦୁଇ ଦିନ ପୂର୍ବରୁ ଜାମନରେ ଆସିଥିଲେ । ଜେଲରୁ ଆସିବା ପରେ କ୍ରିଷ୍ଣା ସେଠୀ ପୁଣି ମଦ ବେପାର କରିଥିଲେ। ଏହା ଜାଣିପାରି ଗାଁର ମହିଳାମାନେ ତାଙ୍କ ଘରକୁ ଯାଇ ବିରୋଧ କରିଥିଲେ । ଏରସମା ଥାନାରେ ଜଣାଯାଇଥିଲା । ପରେ ସେଠାରେ ଏରସମା ଥାନା ତରଫରୁ ଚଢାଉ କରାଯାଇଥିଲା । ନିକଟରେ ଥିବା ଖୋଲା ପଡିଆରୁ ମାଟି ତଳୁ ପୁଳା ପୁଳା ପୋତା ଯାଇଥିବା ମଦ ବାହାରିଲା। ପୁନଶ୍ଚ କ୍ରିଷ୍ଣା ସେଠୀଙ୍କୁ ଗିରଫ କରାଯାଇଛି।

## ତାଳଚେରରେ ଚାଲିଛି ଅବାଧ ମାଟି ଚୋରାଚାଲାଣ

### ରେଳଧାରଣାରେ ମାଟି ପକାଇବା ଆଳରେ ବିକ୍ରି ହେଉଛି



ତାଳଚେର, ତାଳଚେରରେ କୋଟିକୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ୍ ହେବାରେ ଲାଗିଛି। ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ଏଭଳି ଲୁଟ୍ ଚାଲିଛି। ଏଥିରେ କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ରହିଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ତାଳଚେର ଏଫ୍‌ସିଆଇଠାରୁ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ନୂତନ ରେଳଧାରଣା ନିର୍ମାଣ ହେଉଛି। ଏହି ନୂତନ ରେଳଧାରଣା ପାଇଁ ପ୍ରଶାସନ ପକ୍ଷରୁ ମାଟି ପକାଇବାକୁ ଅନୁମତି ରହିଛି। ହେଲେ, ମାଟି ରେଳଧାରଣାରେ ପକାଇବା ଆଳରେ ଠିକାସଂସ୍ଥା କୋଇଲା ଖଣିର ଜମି ଓ ସରକାରୀ ଜମିରୁ ମାଟି ଉଠାଇ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପ୍ରତିଦିନ ହାଇୱାରେ ଶତାଧିକ ଟ୍ରିପ୍ ମାଟି ଚୋରାଚାଲାଣ କରାଯାଉଛି। ମାଟି ଚାଲାଣ ଦ୍ୱାରା ଧୂଳି ଉଡୁଛି। ଦୁର୍ଘଟଣା ଆଶଙ୍କା ବି ରହିଛି। ସରକାର ରାଜସ୍ୱ ବି ହରାଉଛନ୍ତି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖ ଲୋକ ଏହି କାରବାରରେ ସଂପୃକ୍ତ ଥିବାରୁ ପୁଲିସ, ଜିଲ୍ଲା ପ୍ରଶାସନ, ତହସିଲ ଓ ଖଣି ବିଭାଗର ଅଧିକାରୀ ଅଣଦେଖା କରୁଛନ୍ତି। ଅନନ୍ତ ବିହାର କଲୋନି ପାଖ ତଥା ଦୁର୍ଗାମଣ୍ଡପ ଅଞ୍ଚଳ ସହିତ ଘଣ୍ଟପଡ଼ା, ବାଘମରା, କନଭେୟର, ଟେଣ୍ଟୁଲୋଇ, ଏଫ୍‌ସିଆଇ, ବଲଣ୍ଡା ଅଞ୍ଚଳରୁ ମାଟି ଉଠାଯାଉଛି। ଘଣ୍ଟପଡ଼ା ଗ୍ରାମର କିଛି ଜମି ମାଲିକଙ୍କ ଅଜାଣତରେ ରାତିଅଧିଆ ମାଟି ଉଠାଇ ବିକ୍ରି କରୁଛନ୍ତି। ଏ ବାବଦରେ ତହସିଲ କର୍ତ୍ତୃପକ୍ଷ ସବୁ ଜାଣି ମୁହଁ ଖୋଲୁନାହାନ୍ତି। ସରକାରୀ ବାବୁ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିକଟରେ ମାସକୁ ମାସ ଚାନ୍ଦା ପହଞ୍ଚି ଯାଉଥିବାରୁ ସେମାନେ ନିରବ ଥିବା ଟେଣ୍ଟଲୋଇ ଗ୍ରାମର ପରମାନନ୍ଦ ମାଝୀ ଅଭିଯୋଗ କରିଛନ୍ତି। ଏଫ୍‌ସିଆଇ ଅଞ୍ଚଳର ପ୍ରମୋଦ ସାହୁ କହିଛନ୍ତି ଯେ ରେଲୱେ କାମ କରୁଥିବା ଠିକାସଂସ୍ଥା ଯେଉଁ ପରିମାଣରେ ମାଟି ଅନୁମତି ନେଇଛି ଏବଂ ଯେଉଁ ଅଞ୍ଚଳରୁ ନେଇଛି ତାହାଠାରୁ ଅଧିକ ମାଟି ଉଠାଇ ବିକ୍ରି କରାଯାଉଛି। ସେଭଳି ଅନନ୍ତବିହାର ଦୁର୍ଗା ମନ୍ଦିରର ସଦସ୍ୟ ପ୍ରଶାନ୍ତ ବେହେରା କହିଛନ୍ତି ଯେ ଅନନ୍ତ କଲୋନି ତଥା ଦୁର୍ଗାମନ୍ଦିର ପାଖରୁ ପ୍ରତିଦିନ ବେଧଡ଼କ ଭାବେ ମାଟି ଉଠାଯାଉଛି। ଏ ନେଇ ବାଲାଜୀ କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳକ ସମ୍ବିତ କୁମାର କହିଛନ୍ତି ଯେ, ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଅନୁରୋଧକ୍ରମେ କେବଳ ତେଲ ଖର୍ଚ୍ଚ ନେଇ ମାଟି ପକାଇ ଦିଆଯାଉଛି। ଏ ନେଇ ତାଳଚେର ଖଣି ଉପନିର୍ଦ୍ଦେଶକ ଦେବେନ୍ଦ୍ର ଦଳାଇଙ୍କୁ ପଚାରିବାରୁ, ଏହି ଖବର ଆମ ପାଖରେ ନାହିଁ। ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଗାଁ ପାଇଁ ଜମିଦାନ କଲେ ଦୁଇ ଆଦିବାସୀ ଭାଇ



କେନ୍ଦୁଝର ଗାଁରେ କୋଠଘର ନଥିଲା। ପୂଜାପାର୍ବଣରୁ ଆରମ୍ଭ କରି ଭୋଜିଭାତ ଆୟୋଜନରେ ଅସୁବିଧା ହେଉଥିଲା। ଏହି ସମସ୍ୟା ଦୂର କରିବାକୁ ଗୋଟିଏ ଆଦିବାସୀ ପରିବାରର ଦୁଇଭାଇ ନିଜ ଜମିକୁ ଗାଁ କମିଟିକୁ ଦାନ କରି ଦେଇଛନ୍ତି। କେନ୍ଦୁଝର ସଦର ବ୍ଲକ୍ ମହାଦେଇଯୋଡ଼ା ପଞ୍ଚାୟତ ନାଉପଦା ଗାଁରେ ଏହି ଘଟଣା ଦେଖିବାକୁ ମିଳିଛି। ଚାଖଣ୍ଡେ କିମ୍ବା ହାତେ ଜମି ପାଇଁ ମହାଭାରତ ହେଉଥିବା ବେଳେ ଗାଁ କମିଟିକୁ ୧୦ ଡିସିମିଲ୍ ଜମି ଦାନ କରି ଦୁଇ ଭାଇ କ୍ଷେତ୍ର ନାଏକ (୮୦) ଓ ରଙ୍ଗା ନାଏକ (୭୦) ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ନାଉପଦା ଗାଁରେ ସରକାରୀ ଜମି ଅଭାବ ଯୋଗୁଁ ସାମୂହିକ ଉତ୍ସବ ଆୟୋଜନ ପାଇଁ ଲୋକଙ୍କୁ ହଇରାଣ ହେବାକୁ ପଡୁଥିଲା। ଗାଁ ମୁଣ୍ଡରେ କ୍ଷେତ୍ର ଓ ରଙ୍ଗାଙ୍କ ଏକ ଜମି ଥିଲା। ଏହାକୁ ଗାଁ କମିଟିକୁ ଦାନ କରିବା ପାଇଁ କମିଟିର ବରିଷ୍ଠ ଲୋକମାନେ ସେମାନଙ୍କୁ ଅନୁରୋଧ କରିଥିଲେ। ଅନୁରୋଧ ରକ୍ଷାକରି ଦୁଇଭାଇ ନିଜ ଜମିରୁ ୧୦ ଡିସିମିଲ୍ ଗାଁ ଲୋକଙ୍କୁ ଦେବାକୁ ରାଜି ହୋଇଥିଲେ। ଏବେ ଏହି ଗାଁରେ ଏକ ଡିସିମିଲ୍ ଜମିର ମୂଲ୍ୟ ପ୍ରାୟ ୫୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ମୂଲ୍ୟବାନ ସମ୍ପତ୍ତିକୁ ନିଜ ମୃତ୍ୟୁ ପୂର୍ବରୁ ଗାଁକୁ ଦାନ ସୂତ୍ରରେ ଦେବା ଲାଗି ଇଚ୍ଛାକରି ଦୁଇଭାଇ ଶନିବାର ନୋଟାରି ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ କାଗଜପତ୍ର କରିଛନ୍ତି। ନାଉପଦା ଗାଁର ଏହି ଦୁଇଭାଇଙ୍କ ନିକଟକୁ ଏବେ ପ୍ରଶଂସାର ସୁଅ ଛୁଟୁଛି। ପୂର୍ବରୁ ରାଇକଳା ବିଦ୍ୟାଳୟ ପାଇଁ ଜଣେ ୯୦ ବର୍ଷର ବୃଦ୍ଧ ଚାଷୀ ୧ ଏକର ୪ ଡିସିମିଲ ଜମି ଦାନ କରିଥିଲେ। ଏହି ଚାଷୀ ଜଣକ ହେଲେ ରାଇକଳା ବିଦ୍ୟାଳୟ ପାଖ କନ୍ଦରକଳା ଗାଁର ପରମାନନ୍ଦ ମହାନ୍ତ।

## ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ, ଯନ୍ତ୍ରଣା ସହ ସଂଘର୍ଷ କରୁଛନ୍ତି ଡମୁଣୀ



ଦଶମନ୍ତପୁର କୋରାପୁଟଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ଅଧିନସ୍ଥ ମହୁ ଗାଁର ଜଣେ ବୃଦ୍ଧା ଏବେ ଶଯ୍ୟାରେ ଯନ୍ତ୍ରଣା ସହ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ତାଙ୍କ ନାଁ ଡମୁଣୀ ପୂଜାରୀ (୬୦)। ମହିଳାଙ୍କ ସ୍ୱାମୀ ଗୋବର୍ଦ୍ଧନ ପୂଜାରୀଙ୍କ କହିବା ଅନୁସାରେ ଗତ ୫ ମାସ ତଳେ ତାଙ୍କ ସ୍ତ୍ରୀ ଥଣ୍ଡା ଯୋଗୁଁ ନିଆଁରେ ବସିଥିଲେ। ଅସାବଧାନତା ଯୋଗୁଁ ହଠାତ୍ ତାଙ୍କର ଶାଢ଼ିରେ ନିଆଁ ଲାଗି ଥିଲା। ଚିତ୍କାର ପରେ ପରିବାର ଲୋକ ନିଆଁକୁ ଆୟତ୍ତ କରି ଉଦ୍ଧାର କରି ଥିଲେ ଏବଂ ଆମ୍ବୁଲାନ୍ସରେ ଦଶମନ୍ତପୁର ଡାକ୍ତରଖାନାରେ ଭର୍ତ୍ତି କରି ଥିଲେ। ପ୍ରାଥମିକ ଚିକିତ୍ସା ପରେ ଡମୁଣୀଙ୍କୁ କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ୍ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିଛି ଦିନ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିଲା। କିନ୍ତୁ ସଂପୂର୍ଣ୍ଣ ସୁସ୍ଥ ହୋଇ ନ ଥିଲା। ପାଖରେ ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଡାକ୍ତରଖାନାରେ ଅଧିକ ଚିକିତ୍ସା କରି ପାରି ନ ଥିଲେ। ଆବଶ୍ୟକ ଔଷଧ ପତ୍ର କିଣିବା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଟଙ୍କା ନ ଥିଲା। ଅନ୍ୟ ପଟେ ସରକାରଙ୍କ ମାଗଣା ଚିକିତ୍ସା ପାଇଁ ତାଙ୍କ ପାଖେ ଆୟୁଷ୍ମାନ କାର୍ଡ ନାହିଁ। ଶେଷରେ କୌଣସି ବିକଳ୍ପ ନ ପାଇ ନିଜ ଘରକୁ ନେଇ ଯାଇ ଥିଲେ। ଏବେ ଶଯ୍ୟାଗ୍ରସ୍ତ ହୋଇ ଜୀବନ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି। ଏହି ପରିବାର ଅତି ଗରିବ ଶ୍ରେଣୀର ଅଟନ୍ତି। ମୂଲ ଲାଗିଲେ ଚୁଲି ଜଳେ। ପରିବାର ଚଳିବାକୁ ବହୁ କଷ୍ଟ। କେଉଁଠୁ ଅର୍ଥ ଆଣି ଚିକିତ୍ସା କରିବେ ବୋଲି କହିଛନ୍ତି। ସେ ପଟେ ପରିବାର କହିଲେ ସ୍ୱାମୀ ସ୍ତ୍ରୀ ଓ ତିନି ସନ୍ତାନକୁ ନେଇ ସଂସାର। ହେଲେ ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହୋଇ ଆସୁଥିବା କହିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି, ଏହି ଗରିବ ଡମୁଣୀ ପୂଜାରିଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତାର ହାତ ବଢାଇଲେ ପରିବାର ଲୋକ ଉପକୃତ ହେବେ ବୋଲି ନିବେଦନ କରିଛନ୍ତି।

## ଗୁମୁରି କାନ୍ଦୁଛି ମାଗୁରା: ୨ କୋଟି ଖର୍ଚ୍ଚ ସରିଲାଣି, ଆରମ୍ଭ ହୋଇପାରୁନି ? ପାର୍କ କାମ

କଟକ : ଘୁଞ୍ଚିଘୁଞ୍ଚି ଯାଉଛି ଚୌଦ୍ୱାର ମାଗୁରା ନେ ?କାବିହାର ଓ ନୂତନ ପାର୍କ ପ୍ରକଳ୍ପ। ୨୦୧୪ ମସିହାରେ ଶିଳାନ୍ୟାସ ହେବା ପରଠୁ ?କେବଳ ଦଳ ସଫା କରାଗଲା। ହେଲେ ବୋଟ୍ ଚାଲିପାରିଲାନି। ୨୦୨୦ରେ ମଡେଲ୍ ପାର୍କ ପାଇଁ ଶୁଭ ଦିଆଯାଇଥିଲେ ବି ବାଲି ମୁଠାଏ ପଡ଼ିପାରିଲାନି। ଠିକା ସଂସ୍ଥାକୁ ହଟାଯାଇ ନୂଆ ଟେଣ୍ଡର କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିଲା। ତଥାପି ଜିଲ୍ଲା ପ୍ରଶାସନ ନିରବ ରହୁଥିବାରୁ ପ୍ରକଳ୍ପ ଅଧାପନ୍ତରିଆ ଅବସ୍ଥାରେ ରହିଛି। ସୂଚନା ଅନୁସାରେ, ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ରଙ୍କ ଦ୍ୱାରା ୨୦୧୪ ମସିହାରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଚୌଦ୍ୱାର ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶର ଲୋଭ ଦେଖାଇ ଏକାଧିକ ସରକାରୀ ଅଧିକାରୀ ଓ ନେତା ଏଠାକୁ ବାରମ୍ବାର ଗସ୍ତ କରିଥିଲେ। ଯେଉଁଥିପାଇଁ ଏହି ପ୍ରକଳ୍ପ ପାର୍ଶ୍ୱରେ ଥିବା ଦୋକାନବଜାର ଉଚ୍ଛେଦ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧କୋଟି ୬୦ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କଡ଼ରେ କଂକ୍ରିଟ୍ ବାଡ଼ ନିର୍ମାଣ, ଜଗିଂ ଟ୍ରାକ୍ ଇତ୍ୟାଦି ନିର୍ମାଣ କରାଯାଇଥିଲା।

# ବର୍ଦ୍ଧିତ ଡେଙ୍ଗୁ ବୋଝକୁ ମୁକାବିଲା କରିବା ପାଇଁ ସମନ୍ୱିତ ପଦ୍ଧତି ସମୟର ଆହ୍ୱାନ

ଭୁବନେଶ୍ୱର, ଡେଙ୍ଗୁ ଆଉ କେବଳ ଏକ ଋତୁକାଳୀନ ରୋଗ ହୋଇ ରହିନାହିଁ। ଏହା ଏକ ଦ୍ରୁତ ବିକଶିତ ଜନସ୍ୱାସ୍ଥ୍ୟ ସଙ୍କଟ ପାଲଟିଯାଇଛି, ଯାହା ପାଇଁ ସାରା ବର୍ଷ ନିରନ୍ତର ପ୍ରସ୍ତୁତି ଆବଶ୍ୟକ। ବିଶେଷଜ୍ଞଙ୍କ ମତରେ ପରିବର୍ତ୍ତନଶୀଳ ମହାମାରୀ ପଦ୍ଧତି, ଦ୍ରୁତ ସହରୀକରଣ, ଜଳବାୟୁ ପରିବର୍ତ୍ତନଶୀଳତା, ଆନ୍ତର୍ଜାତୀୟ ଭ୍ରମଣ ଏବଂ ବର୍ଦ୍ଧିତ ଭେକ୍ଟର ଅନୁକୂଳନ ବିଶ୍ୱରେ ଡେଙ୍ଗୁ ସଂକ୍ରମଣ କ୍ଷେତ୍ରର ପ୍ରସାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଭାରତରେ ଜଳବାୟୁ ପରିସ୍ଥିତି ଏବଂ ଜନସଂଖ୍ୟା ଘନତା ଯୋଗୁଁ ଡେଙ୍ଗୁ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି। ଏଥିପାଇଁ ଦୃଢ଼ ନିରୀକ୍ଷଣ ବ୍ୟବସ୍ଥା, ପ୍ରାରମ୍ଭିକ ପ୍ରକୋପ ଚିହ୍ନଟ ଯନ୍ତ୍ରପାତି ଏବଂ ଦୃଢ଼ ଜନସ୍ୱାସ୍ଥ୍ୟ ହସ୍ତକ୍ଷେପ ଆବଶ୍ୟକ। ଜାତୀୟ ଡେଙ୍ଗୁ ଦିବସ ୨୦୨୬ ପାଳନ ଅବସରରେ, ଏମ୍ସ ଭୁବନେଶ୍ୱରର ଜେନେରାଲ ମେଡିସିନ ବିଭାଗ ପକ୍ଷରୁ ଡେଙ୍ଗୁ ଅପଡେଟ୍ ୨୦୨୬: କ୍ଲିନିକାଲ୍ ଇନସାଇଟ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଉପରେ ଜାତୀୟ ସିଏମ୍‌ଇ ଆୟୋଜନ ଅବସରରେ ଉପସ୍ଥିତ ଦେଶର ପ୍ରମୁଖ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଶିକ୍ଷାବିତମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏହି ଦିନିକିଆ ଆଲୋଚନାଚକ୍ରରେ ଡେଙ୍ଗୁ ନିବାରଣ, ନିର୍ଣ୍ଣୟ, ଚିକିତ୍ସା ଏବଂ ନିୟନ୍ତ୍ରଣ ରଣନୀତି ଉପରେ ବ୍ୟାପକ ବୈଜ୍ଞାନିକ ଆଲୋଚନା ହୋଇଥିଲା। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ଭାରତରେ ଡେଙ୍ଗୁର ବର୍ଦ୍ଧିତ ବୋଝକୁ ମୁକାବିଲା କରିବା ପାଇଁ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଗବେଷକ, ପ୍ରଶାସକ ଏବଂ ସମାଜକୁ ସାମିଲ ପୂର୍ବକ ସମନ୍ୱିତ ପଦ୍ଧତିର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦିଷ୍ଟ ଆଣ୍ଟିଭାଇରାଲ ଥେରାପିର ଅନୁପସ୍ଥିତି ଏବଂ ଗମ୍ଭୀର ରୋଗ ପ୍ରଗତି ଅପ୍ରତ୍ୟାଶିତତା ଯୋଗୁଁ ଡେଙ୍ଗୁ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଆସୁଛି। ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ମଧ୍ୟରେ ସମୟୋଚିତ ରୋଗ ନିର୍ଣ୍ଣୟ, ମାନକୀକରଣ ଚିକିତ୍ସା ପ୍ରୋଟୋକଲ୍ ଏବଂ କ୍ଷମତା ନିର୍ମାଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ। ସାର୍ବଜନୀନ ସ୍ୱାସ୍ଥ୍ୟ ସଚେତନତା ଏବଂ ଗବେଷଣା ସହିତ କ୍ଲିନିକାଲ୍ ଉତ୍କର୍ଷତାକୁ ସମନ୍ୱିତ କରିବାରେ ଏମ୍ସ ଭୁବନେଶ୍ୱର ଭଳି ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ। ଏମ୍ସ ଭୁବନେଶ୍ୱର ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡା, ଏବଂ ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ମାର୍ଗଦର୍ଶନ କରିଥିଲେ। ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ପ୍ରଫେସର ତଥା ଆୟୋଜନ କମିଟି ଅଧ୍ୟକ୍ଷ ଡ. ରଶ୍ମି ରଞ୍ଜନ ମହାନ୍ତି, ଡେଙ୍ଗୁ ଚିକିତ୍ସାରେ ବିକଶିତ ହେଉଥିବା ରୋଗ ନିର୍ଣ୍ଣୟ ଏବଂ ପରିଚାଳନା ପ୍ରୋଟୋକଲ୍ ସମ୍ପର୍କରେ ଚିକିତ୍ସକମାନେ ଅବଗତ ରହିବା ପାଇଁ ଏପରି ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ। ଆୟୋଜନ କମିଟି ସଂଗଠନ ସମ୍ପାଦକ ତଥା ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ସହଯୋଗୀ ପ୍ରଫେସର ଡ. ଦେବାନନ୍ଦ ସାହୁଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମନ୍ୱୟ ଏବଂ ବୈଜ୍ଞାନିକ କାର୍ଯ୍ୟାନ୍ୱୟନ ଦକ୍ଷତାର ପରିଚାଳିତ ହୋଇଥିଲା। ଉଦଘାଟନୀ ସମାରୋହରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ପୂର୍ବତନ ଆଞ୍ଚଳିକ ପରାମର୍ଶଦାତା ଡ. ଏ. ପି. ଦାଶ ଯୋଗ ଦେଇଥିଲେ। ବିଶ୍ୱ ସ୍ତରରେ ମହାମାରୀ ବିଶେଷଜ୍ଞ ଏବଂ ଭେକ୍ଟର-ବାହିତ ରୋଗ ବିଶେଷଜ୍ଞ, ଡ.ଦାଶ ବିଶ୍ୱ ଡେଙ୍ଗୁ ପରିସ୍ଥିତି ଉପରେ ଏକ ବିସ୍ତୃତ ଅଭିଭାଷଣ ପ୍ରଦାନ କରିଥିଲେ, ଯେଉଁଥିରେ ଡେଙ୍ଗୁ ସଂକ୍ରମଣର ପରିବର୍ତ୍ତିତ ମହାମାରୀ, ଗୁରୁତର ରୋଗ ଢାଞ୍ଚାର ଉଦୟ ଏବଂ ଆର୍ବୋଭାଇରାଲ୍ ରୋଗ ସମ୍ପର୍କରେ ବୃଦ୍ଧି ପାଉଥିବା ଆନ୍ତର୍ଜାତୀୟ ଚିନ୍ତାଧାରା ଉପରେ ଆଲୋଚନା କରାଯାଇଥିଲା। ଡେଙ୍ଗୁ ଭଳି ଭେକ୍ଟର-ବାହିତ ରୋଗର ମୁକାବିଲାରେ ରୋଗ ନିରୀକ୍ଷଣ ବ୍ୟବସ୍ଥା, ଗବେଷଣା ଏବଂ ସମ୍ପ୍ରଦାୟ-ମୁଖୀ ସ୍ୱାସ୍ଥ୍ୟସେବା ରଣନୀତିକୁ ସୁଦୃଢ଼ କରିବା ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ ଆଇସିଏମଆରସି, ଭୁବନେଶ୍ୱର ନିର୍ଦ୍ଦେଶକ ଏବଂ ଆଇସିଏମ୍‌ଆର, ନୂଆଦିଲ୍ଲୀର ଏଡିଜି, ଡ. ସଂଘମିତ୍ରା ପତି। ଡେଙ୍ଗୁ ସଂକ୍ରମଣ ଦ୍ୱାରା ଉପୁଜିଥିବା ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ପ୍ରମାଣ-ଆଧାରିତ ନୀତିନିର୍ଦ୍ଧାରଣ, ଗବେଷଣା ସହଯୋଗ ଏବଂ ଜନସ୍ୱାସ୍ଥ୍ୟ ପ୍ରସ୍ତୁତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ପତି। ସ୍ୱାସ୍ଥ୍ୟ ସେବା ଅତିରିକ୍ତ ନିର୍ଦ୍ଦେଶକ ଏବଂ ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ଭେକ୍ଟର-ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଓଡ଼ିଶା, ଡ. ଶୁଭାଶିଷ ମହାନ୍ତି, ଓଡ଼ିଶାରେ ପରିବର୍ତ୍ତନଶୀଳ ମହାମାରୀ ଏବଂ ଡେଙ୍ଗୁର ଭାର ବିଷୟରେ ବିସ୍ତୃତ ସୂଚନା ଉପସ୍ଥାପନ କରିଥିଲେ, ବିଶେଷ କରି ଓଡ଼ିଶା ଏବଂ ପୂର୍ବ ଭାରତ ଉପରେ ଧ୍ୟାନ ଦିଆଯାଇଥିଲା। ବିଶେଷଜ୍ଞମାନେ ମିଳିତ ଭାବରେ ଜଳବାୟୁ-ସମ୍ବେଦନଶୀଳ ରୋଗ ନିରୀକ୍ଷଣ, ପ୍ରାଥମିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା, ପରୀକ୍ଷାଗାର କ୍ଷମତା ବୃଦ୍ଧି କରିବା ଏବଂ ଆନ୍ତଃଶାଖାଗତ ଗବେଷଣା ସହଯୋଗକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# ନୂଆପଡ଼ା ଜିଲ୍ଲାରେ ବଢୁଛି ବେନିୟମ ବାଲି ଚୋରା ଚାଲାଣ

## ବିପଦରେ ପରିବେଶ, ସରକାର ହରାଉଛନ୍ତି କୋଟି କୋଟି ଟଙ୍କାର ରାଜସ୍ୱ

ଖଡ଼ିଆଳ :- ବେଆଇନ ବାଲି ଉତ୍ତୋଳନ ଯୋଗୁଁ ନଦୀର ତଟବର୍ତ୍ତୀ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି ହେଉଥିବା ବେଳେ ଏବଂ ପରିବେଶର ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଏହା ସହିତ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଛନ୍ତି। ବାଲି ଚୋରା ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସ୍ଥାୟୀ ଏବଂ ଦୃଢ଼ ପଦକ୍ଷେପ ଗହଣ କରିବାକୁ ସାଧାରଣରେ ଦାବି ହେଉଛି ।ନୂଆପଡ଼ା ଜିଲ୍ଲାର ବିଭିନ୍ନ ନଦୀପୀଠରୁ ବେଆଇନ ବାଲି ଚୋରା ଚାଲାଣ ମାମଲା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।ସ୍ଥାନୀୟ ବାଲି ମାଫିଆମାନେ ସରକାରୀ ନିୟମକୁ ବେଖାତିର କରି ଦିନରାତି ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ବାଲି ଚୋରି ଯୋଗୁଁ ନ ?ଦୀବନ୍ଧ ଦୁର୍ବଳ ହେଉଥ ?ିବାରୁ ବର୍ଷା ଦିନେ ବନ୍ୟା ଆସି ଗାଁ ଗଣ୍ଡା ବୁଡ଼ିଯିବାର ଭୟ ସୃଷ୍ଟି ହୋଇଛି କ୍ଷ ଓଭରଲୋଡିଂ ବାଲି ଗାଡ଼ି ଚଳାଚଳ ଯୋଗୁଁ ଗ୍ରାମାଞ୍ଚଳର ପକ୍କା ରାସ୍ତାଗୁଡ଼ିକ ଭାଙ୍ଗି ରୁଟି ଚୁରମାର ହୋଇଯାଉଛି , ଯାହା ଦ୍ୱାରା ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ।ସମୟ ସମୟରେ ଖଣି ବିଭାଗ,ତହସିଲଦାର ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ବେନିୟମ ବାଲି ଗାଡ଼ି ଗୁଡିକୁ ଜବତ ସହ ଜରିମାନା ଆଦାୟ କରାଯାଉଛି। ମାତ୍ର ଏହି କାର୍ଯ୍ୟାନୁଷ୍ଠାନ କେବଳ ସାମୟିକ ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। ଅନେକ ସ୍ଥାନରେ ବାଲି ମାଫିଆ ଏବଂ କିଛି ଅସାଧୁ ସରକାରୀ କର୍ମଚାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଚଢ଼ାଉ ପୂର୍ବରୁ ହିଁ ସୂଚନା ଲିକ୍ ହୋଇଯାଉଥ ?ିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବାଲି ମାଫିଆମାନେ କୌଣସି ବୈଧ ନିଲାମ କିମ୍ବା ୱାଇ-ଫର୍ମ (ଣ-ରକ୍ଟକ୍ସଙ୍କ) ନଥାଇ ମେସିନ ସାହାଯ୍ୟରେ ନଦୀ ଗର୍ଭରୁ ରାତି ସାରା ବାଲି ଖୋଳୁଛନ୍ତି। ଶହ ଶହ ଟ୍ରାକ୍ଟର, ହାଇଓ୍ୱା ଏବଂ ଟ୍ରକ୍ ମାଧ୍ୟମରେ ଏହି ବାଲିକୁ ବାହାରକୁ ଚୋରା ଚାଲାଣ କରାଯାଉଛି। କେତେକ ସ୍ଥାନରେ ନିଲାମ ନିଆଯାଇଥିବା ସୀମାଠାରୁ ବହୁ ଅଧିକ ଗଭୀର ପର୍ଯ୍ୟନ୍ତ ବାଲି ଉତ୍ତୋଳନ କରାଯାଉଥିବା ଦେଖିବାକୁ ମିଳୁଛି ।ଅନିୟନ୍ତ୍ରିତ ଏବଂ ବେନିୟମ ବାଲି ଉତ୍ତୋଳନ ଯୋଗୁଁ ନଦୀଗୁଡ଼ିକର ଗତିପଥ ବଦଳିବାର ଆଶଙ୍କା ଦେଖାଦେଇଛି। ନଦୀ ଶଯ୍ୟାରୁ ଅତ୍ୟଧିକ ବାଲି କଢ଼ାଯିବା ଫଳରେ ଆଖପାଖ ଅଞ୍ଚଳରେ ଭୂତଳ ଜଳସ୍ତର ଦ୍ରୁତଗତିରେ କମିବାରେ ଲାଗିଛି। ନୂଆପଡ଼ା ଜିଲ୍ଲାର ବିଭିନ୍ନ ପ୍ରମୁଖ ନଦୀପଠାରୁ ବେନିୟମ ବାଲି ଚୋରା ଚାଲାଣ ଏବେ ଚରମ ସୀମାରେ ପହଞ୍ଚିଛି। ପ୍ରଶାସନର କଟକଣା ଏବଂ ଚଢ଼ାଉ ସତ୍ତ୍ୱେ ବାଲି ମାଫିଆମାନେ ସକ୍ରିୟ ରହି ଦିନ ଦ୍ୱିପ୍ରହରରେ କୋଟି କୋଟି ଟଙ୍କାର ବାଲି ଲୁଟ୍ କରୁଛନ୍ତି। ଏହା ଦ୍ୱାରା ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥ ?ିବା ବେଳେ ସ୍ଥାନୀୟ ପରିବେଶ ଓ ନଦୀର ପ୍ରାକୃତିକ ଗଠନ ଗମ୍ଭୀର ସଙ୍କଟ ମଧ୍ୟକୁ ଠେଲି ହୋଇଯାଉଛି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ତୋର୍ଲି ଠାରେ ଏକ ବାଲି କଣି ବା ଘାଟ ରହିଛି କ୍ଷ ଏହି ବାଲି କଣି ବା ଘାଟ ଟି ଶ୍ରୀ ପବନ କୁମାର ଅଗ୍ରୱାଲ ଗ୍ରାମ - ଗମ୍ଭାରୀଗୁଡା ପୋଷ୍ଟ - ଗଣ୍ଡବାହାଲି ଥାନା - ସିନାପାଲି ଜିଲ୍ଲା ନୂଆପଡ଼ା ଙ୍କ ନାମରେ ଲିଜ ରହିଛି କ୍ଷ ଏନେଇ ତାଙ୍କୁ ପଚାରି ବୁଝିବାରୁ ସେ ନିଜେ ବାଲି ଘାଟ ଚଳାଉଥିବା ନ ଥିବା ବେଳେ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଛତା ଗ୍ରାମର ଉପେନ୍ଦ୍ର ବାଗ ନାମକ ଜଣେ ବ୍ୟକ୍ତି ବାଲି ଚଳାଉ ଥିବା ତାଙ୍କ ସୂତ୍ରରୁ ଜଣା ପଡିଛି କ୍ଷ ଉକ୍ତ ବାଲି ଘାଟର ଉସ୍ତର କ୍ଷେତ୍ରଫଳ ଅନୁସାରେ (ରକ୍ବା ) ୧୨.୨୦ ଏକର ହୋଇଥିବା ବେଳେ ଖାତା ନମ୍ବର - ୧୭୩, ପ୍ଲଟ ନମ୍ବର ୧ ଓ ୫୪୫ ବୋଲି




ସୂଚନାରୁ ଜଣାପଡିଛି କ୍ଷ ବାର୍ଷିକ ନ୍ୟୁନତମ ଅନୁମୋଦିତ ବାଲି ଉଠାଣ ପରିମାଣ ଏମଜିକ୍ୟୁ ୧୫୦୦ ଘନ ମିଟର ରହିଥିବା ବେଳେ ଏହାର ଦଶ ପନ୍ଦର ଗୁଣା ବାଲି ଉଠାଣ ହେଉଥିବା ଅଭିଯୋଗ ହେଉଛି କ୍ଷ ପରିବେଶ ମଞ୍ଜୁରୀ ନମ୍ବର ଏସି -୨୫ସି ୦୧୦୭ (୫୨୯୬୮୪୩) ଯାହାର ଅବଧି ୨୫/ ୧୦/୨୦୨୫ ରୁ ୩୧/୩/୨୬ ପର୍ଯ୍ୟନ୍ତ ଥିବା ତାହା ମଧ୍ୟ ଶେଷ ହୋଇଯାଇଥିବା ବେଳେ ଦୁଇ ମାସ ହେବ ବାଲି ଉଠାଣ କାର୍ଯ୍ୟ ଚାଲୁ ରହିଛି କ୍ଷବର୍ତ୍ତମାନ ଇସି ର ଅବଧି ସରିଯାଇଥିଲେ ସୁଦ୍ଧା ରାତି ସାରା ବାଲି ଚୋରା ଚାଲାଣ କରାଯାଉଛି କ୍ଷ ବିସ୍ଫୋରଣ ଅନୁମତି, ପରିବେଶ ମଞ୍ଜୁରୀ ଓ ସିଟିଓ (କାର୍ଯ୍ୟ କରିବା ପାଇଁ ଅନୁମତି ନାହିଁ ) ଏସବୁ ଅନୁମତି ନ ଥାଏ ମଧ୍ୟ ତୋର୍ଲି ବାଲି ଘାଟରୁ ପ୍ରାୟ ଦୁଇ ମାସ ହେବ (ଏପ୍ରିଲ ମାସରୁ ) ଶହ ଶହ ହାଇବା, ଟ୍ରାକଟର ରେ ବାଲି ରାତିରେ ଚୋରା ଚାଲାଣ କରାଯାଉ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି କ୍ଷ ସରକାର ଙ୍କ କୌଣସି ଅନୁମତି ନ ଥାଏ କିପରି ଖୋଲାମଖିଲା ରାତି ସାରା ବାଲି ଚୋରା ଚାଲାଣ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି କ୍ଷ ଖଣି ବିଭାଗ ପାଖରେ କଣ ସତରେ ଖବର ନାହିଁ କି ତାଙ୍କ ସହ ସଲାସୁତୁରା ରେ ସବୁ କାମ ଚାଲିଛି ତାହା ପ୍ରଶ୍ନବାଚୀ କରୁଛି କ୍ଷ ଏନେଇ ସମ୍ପୃକ୍ତ ତୋର୍ଲି ବାଲି ଘାଟ ଚଳାଉଥିବା ବ୍ୟକ୍ତିଙ୍କୁ ବିଭିନ୍ନ ସୂତ୍ରରୁ ପଚାରି ବୁଝିବାରୁ ବିଭାଗୀୟ ଲୋକଙ୍କ ସହ ଭଲ ସମ୍ପର୍କ ଅଛି ତମେ ଯାହା କରିବାର ଅଛି କର ବୋଲି ପାଲଟା ପ୍ରତିକ୍ରିୟା ରଖିଥିଲେ କ୍ଷ ଜଣେ ଅନଧିକୃତ ବ୍ୟକ୍ତି କିପରି ଏଭଳି ଏକଛତ୍ର ବାଦ ଭାବରେ ବାଲି ଚୋରା ଚାଲାଣ କରିବାକୁ ସାହସ କରୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି କ୍ଷ ସାଧାରଣ ଲୋକଙ୍କୁ ଉଚିତ ମୂଲ୍ୟରେ ବାଲି ଯୋଗାଇବା ପାଇଁ ସରକାର ବାଲିର ସର୍ବାଧିକ ବିକ୍ରି ମୂଲ୍ୟ (ଗଝଚ) ଧାର୍ଯ୍ୟ କରିଛନ୍ତି କ୍ଷ ହେଲେ ଉକ୍ତ ତୋର୍ଲି ବାଲି ଘାଟ ଚଳାଉ ଥିବା ଉପେନ୍ଦ୍ର ବାଗ ନାମକ ବ୍ୟକ୍ତି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦରରେ ବାଲି ବିକ୍ରି କରିଥିବା ଅଭିଯୋଗ ହେଉଛି । ତୋର୍ଲି ବାଲି ଘାଟ ଚଳାଉ ଥିବା ବ୍ୟକ୍ତି ଜଣକ ସମସ୍ତ ନୀତି ନିୟମକୁ ଉଲଂଘନ କରୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କିମ୍ବା ଖଣି ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଉକ୍ତ ବାଲି ଚଳାଉ ଥିବା ବ୍ୟକ୍ତି ସରକାରୀ ଧାର୍ଯ୍ୟ ମୂଲ୍ୟ ରୁ ବହୁ ଚଢ଼ା




ଦରରେ ବାଲି ବିକ୍ରି କରୁଛନ୍ତି ହେଲେ ଖଣି ବିଭାଗ ସବୁ ଜାଣି ଚୁପ ହୋଇ ବସିଛି କ୍ଷ ପ୍ରତ୍ୟେକ ବାଲି ଘାଟରେ ସିସିଟିଭି (ଉଉଝଠ) କ୍ୟାମେରା ଲଗାଇବା ଏବଂ ସୁରକ୍ଷା ଗାର୍ଡ ମୁତୟନ କରିବା ବାଧ୍ୟତାମୂଳକ କରାଯାଇଥିଲେ ମଧ୍ୟ ଏହି ତୋର୍ଲି ବାଲି ଘାଟରେ ତାହା ଦେଖିବାକୁ ମିଳୁନାହିଁ କ୍ଷ ବାଲି ଉଠାଣରେ ଜେସିପି କିମ୍ବା ଚେନ ମେସିନ୍ ବ୍ୟବହାର ଉପରେ ନିଷେଧାଦେଶ ଓ କଟକଣା ରହିଛି କ୍ଷ ନଦୀ ଗର୍ଭରୁ ମେସିନ୍ ସାହାଯ୍ୟରେ ବାଲି ଉଠାଇବା (ଗରମକ୍ଷବଭସଛରୟ ଝଙ୍କମ-ଶ୍ୱସକ୍ଟଭ) ସମ୍ପୂର୍ଣ୍ଣ ନିଷେଧ ରହିଛି ହେଲେ ତୋର୍ଲି ବାଲି ଘାଟରେ ସମ୍ପୂର୍ଣ୍ଣ ବାଲି ଉଠାଣ କାର୍ଯ୍ୟ ଜେସିପି ମେସିନ ସାହାଯ୍ୟରେ କରାଯାଉଛି କ୍ଷ ରାତ୍ରିକାଳୀନ ବାଲି ଖନନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି କ୍ଷ ସୂର୍ଯ୍ୟାସ୍ତ ପରେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ (ରାତି ସମୟରେ) ବାଲି ଘାଟରୁ ବାଲି ଉଠାଇବା ଉପରେ କଟକଣା ରହିଛି। ହେଲେ ତୋର୍ଲି ବାଲି ଘାଟ ରେ ରାତି ସାରା ବାଲି ଚୋରା ଚାଲାଣ କରାଯାଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି କ୍ଷବାଲି ଉଠାଇବା ପୂର୍ବରୁ ପରିବେଶ ଓ ଜଙ୍ଗଲ ବିଭାଗ ଠାରୁ ପରିବେଶ ମଞ୍ଜୁରୀ ପତ୍ର ଇସି (ରଉ) ଆଣିବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ତୋର୍ଲି ବାଲି ଘାଟରେ କୌଣସି ଇସି (ରଉ ) ବର୍ତ୍ତମାନ ସୁଦ୍ଧା ମିଳି ନ ଥିବା ଜଣା ପଡିଛି କ୍ଷ ବାଲି ଘାଟରୁ କେତେ ପରିମାଣର ଏବଂ କେଉଁ ସୀମା ମଧ୍ୟରୁ ବାଲି ଉଠାଯିବ, ତାହାର ଏକ ବୈଜ୍ଞାନିକ ଖଣି ଯୋଜନା ପ୍ରସ୍ତୁତ କରିବାକୁ ପଡ଼େ। ତାହା ମଧ୍ୟ ତୋର୍ଲି ବାଲି ଘାଟରେ ଖଣି ବିଭାଗ ପକ୍ଷ କରାଯାଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣା ପଡିଛି କ୍ଷ ଏହା ଛଡା ବିଭାଗ ପକ୍ଷରୁ ସିଟିଓ (ଉଝଙ ) ବା କାମ କରିବା ପାଇଁ ବା ବାଲି ଉଠାଣ ପାଇଁ ଅନୁମତି ମିଳି ନ ଥିବା ସୂଚନା ମିଳିଛି କ୍ଷ ତଥାପି କେଉଁ ସାହସରେ ତୋର୍ଲି ବାଲି ଘାଟରୁ ରାତି ସାରା ବାଲି ଉଠାଣ ହୋଇ ଯାଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି କ୍ଷ ଆଗାମୀ ଦିନରେ ଏହି ବାଲି ଚୋରି ଉପରେ ନଜର ରଖିବା ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବୀ ହେଉଛି । ନଚେତ୍ ଆଗାମୀ ଦିନରେ ଏହା ଏକ ବଡ଼ ପ୍ରାକୃତିକ ବିପର୍ଯ୍ୟୟର ରୂପ ନେବ ବୋଲି ପରିବେଶବିତ୍ ?ମାନେ ଚେତାବନୀ ଦେଇଛନ୍ତି। ଏଥିପ୍ରତି ନୂଆପଡ଼ା ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଏକ ଟିମ ଗଠନ କରି ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ରେ ଦାବୀ ହେଉଛି ।

## ଗରଦପୁର ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



କେନ୍ଦ୍ରାପଡ଼ା/ଗରଦପୁର, :ଆଜି ଗରଦପୁର ବ୍ଲକ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଧାରଣ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇ ସମ୍ପୃକ୍ତ ବିଭାଗ ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନିଆଯାଇଥିଲା ।ଏହି ଅଭିଯୋଗ ଶୁଣାଣିରେ ମୋଟ ୭୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ଏବଂ ୯ଟି ସାମୁହିକ ଅଭିଯୋଗ ଥିଲା। ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୧୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।ଶୁଣାଣି ସମୟରେ ରାଜସ୍ୱ, ସାମାଜିକ ସୁରକ୍ଷା, ଗ୍ରାମୀଣ ଆବାସ, ସରକାରୀ କଲ୍ୟାଣମୂଳକ ଯୋଜନା ଏବଂ ଅନ୍ୟାନ୍ୟ ନାଗରିକ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକ ଉପରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ ।ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ,ଜିଲ୍ଲା ପରିଷଦ ମୁଖ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି,ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ବିଡ଼ିଓ ଅନିଲ କୁମାର ସେଠୀ, ତହସିଲଦାର ଗରଦପୁରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।ସୂଚନାଯୋଗ୍ୟ ଯେ, ଆସନ୍ତା ୧ ଜୁନରେ ରାଜନଗର ବ୍ଲକ ଏବଂ ୮ ଜୁନରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସକାଳ ୭ଟାରୁ ୧୦ଟା ମଧ୍ୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ସେହିପରି ୨୨ ଜୁନରେ ପଟ୍ଟାମୁଣ୍ଡାଇ ବ୍ଲକ ଏବଂ ୨୯ ଜୁନରେ ରାଜକନିକା ବ୍ଲକରେ ପୂର୍ବାହ୍ନ ୧୦.୩୦ ମିନିଟରୁ ଦିନ ୧ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।ଜନସାଧାରଣଙ୍କୁ ଏହି ଶିବିରର ସୁଯୋଗ ନେଇ ନିଜ ଅଭିଯୋଗ ଓ ସମସ୍ୟା ସମାଧାନ ପାଇଁ ଯୋଗଦେବାକୁ ଅନୁରୋଧ କରାଯାଉଛି।

## ଟ୍ରାଫିକ ପୋଲିସଙ୍କ ମାନବିକତା-ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ହସ୍ପିଟାଲ ପଠାଇଲେ

ମାଲକାନଗିରି, (ମାନସ୍ ରଞ୍ଜନ୍ ନେତାମ୍) ମାଲକାନଗିରି ସହରର ଟ୍ରାଫିକ ଜୋନ ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ଜଣେ ଯୁବକଙ୍କୁ ଡ୍ୟୁଟିରେ ଥିବା ଟ୍ରାଫିକ ପୋଲିସ କର୍ମଚାରୀ ତୁରନ୍ତ ପ୍ରାଥମିକ ଚିକିତ୍ସା କରି ହସ୍ପିଟାଲକୁ ପଠାଇଛନ୍ତି। ସୂଚନା ଅନୁଯାୟୀ, ଦୁର୍ଘଟଣାରେ ବାଇକ ଆରୋହୀଙ୍କର ହାତ ଓ ପାଦରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହେଉଥିଲା। ଏହି ସମୟରେ ଡ୍ୟୁଟିରେ ଥ ?ିବା ଟ୍ରାଫିକ ପୋଲିସ କର୍ମଚାରୀ ହରବିଳାସ ବିଶ୍ୱାସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଜ ପାଖରେ ଥିବା ଫାଷ୍ଟଏଡ ବକ୍ସ ବ୍ୟବହାର କରି ଆହତ ଯୁବକଙ୍କ କ୍ଷତ ସ୍ଥାନ ପରିଷ୍କାର କରିବା ସହ ବ୍ୟାଣ୍ଡେଜ କରିଥିଲେ । ପରେ ତୁରନ୍ତ ଆମ୍ବୁଲାନ୍ସ ଡାକି ଆହତ ଯୁବକଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତରଙ୍କ ମତାନୁସାରେ, ସମୟୋଚିତ ପ୍ରାଥମିକ ଚିକିତ୍ସା ଯୋଗୁଁ ସଂକ୍ରମଣର ଆଶଙ୍କା କମିଛି ଏବଂ ଆହତ ଯୁବକଙ୍କ ଅବସ୍ଥା ଏବେ ସ୍ଥିର ଅଛି। ପ୍ରତ୍ୟକ୍ଷଦର୍ଶୀମାନେ ଟ୍ରାଫିକ ପୋଲିସଙ୍କ କାର୍ଯ୍ୟକୁ ପ୍ରଶଂସା କରି କହିଛନ୍ତି ଯେ, ଆମେ ଭାବୁଥିଲୁ ପୋଲିସ କେବଳ ଚାଲାଣ କାଟେ, କିନ୍ତୁ ଆଜି ମାନବିକତା ଥିବା ଦେଖିଲୁ। ଏନେଇ ହରବିଳାସ ବିଶ୍ୱାସ କହିଛନ୍ତି ଯେ, ବର୍ଦ୍ଦି ପିନ୍ଧିଛି ମାନେ ପ୍ରଥମେ ମୁଁ ଜଣେ ମଣିଷ। ଜଣଙ୍କ ଜୀବନ ବଞ୍ଚାଇବା ହିଁ ସବୁଠାରୁ ବଡ଼ ଡ୍ୟୁଟି। ଏହା ସହ ସେ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ମାନି ଧୀରେ ଗାଡ଼ି ଚଳାଇବାକୁ ଓ ଟ୍ରାଫିକ ଜୋନ ଅଞ୍ଚଳରେ ସତର୍କ ରହିବାକୁ ଆହ୍ୱାନ କରିଛନ୍ତି।

## ଜିଉଟିପାଲ୍ଲୀ ଜଙ୍ଗଲରେ ଜୁଆ ଆଡ୍ଡା ଉପରେ କୋରୁକୋଣ୍ଡା ପୋଲିସର ଚଢ଼ାଉ : ୩ ଗିରଫ, ୯ ମୋଟରସାଇକେଲ ଓ ନଗଦ ଟଙ୍କା ଜବତ

ମାଲକାନାଗିରି ୨୬/୦୫/୨୬(ମାନସ୍ ରଞ୍ଜନ୍ ନେତାମ୍): ମାଲକାନଗିରି ଜିଲ୍ଲାରେ ଅବୈଧ ଜୁଆ କାରବାର ବିରୋଧରେ ପୋଲିସ ପକ୍ଷରୁ ଚାଲିଥିବା କଡ଼ା କାର୍ଯ୍ୟାନୁଷ୍ଠାନ ଅନ୍ତର୍ଗତ କୋରୁକୋଣ୍ଡା ଥାନା ପୋଲିସ ଆଉ ଏକ ସଫଳତା ହାସଲ କରିଛି। ଜିଉଟିପାଲ୍ଲୀ ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିବା ସହ ୯ଟି ମୋଟରସାଇକେଲ ଏବଂ ନଗଦ ୪୪୦ ଟଙ୍କା ଜବତ କରିଛି ।ସୂଚନା ଅନୁଯାୟୀ, ଜିଉଟିପାଲ୍ଲୀ ଜଙ୍ଗଲ ଅଞ୍ଚଳରେ ଦୀର୍ଘଦିନ ଧରି କିଛି ବ୍ୟକ୍ତି ଗୁପ୍ତ ଭାବେ ଜୁଆ କାରବାର ଚଳାଉଥିବା ନେଇ ପୋଲିସ



ପାଖରେ ଅଭିଯୋଗ ପହଞ୍ଚିଥିଲା। ବିଶେଷ ସୂତ୍ରରୁ ଖବର ପାଇ କୋରୁକୋଣ୍ଡା ଥାନାର ଏସଆଇ ପ୍ରଶାନ୍ତ କୁମାର ସାବତଙ୍କ ତତ୍ତ୍ୱାବଧାନରେ ଏବଂ ଏଏସଆଇ ନୀଳାଞ୍ଚଳ ସବରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ ଗଠନ କରାଯାଇଥିଲା ।ପରେ ପୋଲିସ ଟିମ ହଠାତ୍ ? ଚଢ଼ାଉ କରି ଜୁଆ ଖେଳୁଥିବା ବେଳେ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଚଢ଼ାଉ ସମୟରେ କିଛି ବ୍ୟକ୍ତି ଫେରାର ହୋଇଯାଇଥିବା ବେଳେ ୩ ଜଣଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଥିଲା। ସେମାନଙ୍କ ନିକଟରୁ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ସହ ନଗଦ ୪୪୦ ଟଙ୍କା ଜବତ କରାଯାଇଛି ।ଏହାସହ ଘଟଣାସ୍ଥଳରୁ ୯ଟି ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଜବତ ଗାଡ଼ିଗୁଡ଼ିକର ମାଲିକାନା ଓ ଘଟଣା ସହ ସମ୍ପୃକ୍ତତା ନେଇ ପୋଲିସ ତଦନ୍ତ ଜାରି ରଖିଛି ।ଏହି ଘଟଣାକୁ ନେଇ କୋରୁକୋଣ୍ଡା ଥାନାରେ କେସ ନଂ ୯୮/୨୦୨୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ହଜାତକୁ ପଠାଯାଇଥିବା ସୂଚନା ମିଳିଛି।

## ସାଇନ୍ ବୋର୍ଡରେ ଗୋଟିଏ ସ୍ଥାନ, କାମ ହେଉଛି ଅନ୍ୟତ୍ର : କଦମଗୁଡା କଲଭର୍ଟ କାମକୁ ନେଇ ବଢୁଛି ବିବାଦ

ମାଲକାନଗିରି (ମାନସ୍ ରଞ୍ଜନ୍ ନେତାମ୍)ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କଦମଗୁଡା ପଞ୍ଚାୟତରେ ଚାଲିଥିବା କଲଭର୍ଟ ନିର୍ମାଣ କାର୍ଯ୍ୟକୁ ନେଇ ଏବେ ବଡ଼ ଧରଣର ପ୍ରଶ୍ନ ଉଠିଛି। ସରକାରୀ ସାଇନ୍ ବୋର୍ଡରେ କଦମଗୁଡା ତଳସାହି ରାସ୍ତାରେ କଲଭର୍ଟ ନିର୍ମାଣ ହେବାକୁ ଦର୍ଶାଯାଇଥିବା ବେଳେ ବାସ୍ତବରେ କସୁଗୁଡା ଠାରୁ ଡାବୁଗୁଡା ରାସ୍ତାରେ କାମ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଓ ଚର୍ଚ୍ଚା ଦେଖାଦେଇଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କଦମଗୁଡା ତଳ ସାହିରେ ବର୍ଷାଦିନେ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୁଏ। ସ୍କୁଲ ଛାତ୍ରଛାତ୍ରୀ, ରୋଗୀ ଓ ସାଧାରଣ ଲୋକ ନାନା ଅସୁବିଧା ଭୋଗୁଥିଲେ ମଧ୍ୟ ସେଠାରେ କାମ ନକରି ଅନ୍ୟ ରାସ୍ତାରେ କଲଭର୍ଟ ନିର୍ମାଣ କରାଯାଉଥିବାରୁ ଲୋକମାନେ ଏହା ପଛରେ ବଡ଼ ଅନିୟମିତତା ଥିବା ସନ୍ଦେହ କରୁଛନ୍ତି ।ସାଇନ୍ ବୋର୍ଡରେ ଗୋଟିଏ ସ୍ଥାନ ଦର୍ଶାଇ ସରକାରୀ ଅର୍ଥ ଅନ୍ୟ ସ୍ଥାନରେ ଖର୍ଚ୍ଚ କରାଯାଉଛି ,କାହା ଇଙ୍ଗିତରେ ଏପରି ସ୍ଥାନ ପରିବର୍ତ୍ତନ କରାଗଲା ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଥିବା ବେଳେ ପ୍ରକଳ୍ପ କାର୍ଯ୍ୟର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନଚିହ୍ନ ସୃଷ୍ଟି ହୋଇଛି ।ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ଯେ, ଯଦି ପ୍ରକୃତ ଆବଶ୍ୟକ ସ୍ଥାନକୁ ଛାଡ଼ି ଅନ୍ୟତ୍ର କାମ କରାଯାଉଛି, ତେବେ ଏହା ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିବା ସମାନ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ସ୍ଥାନରେ କଲଭର୍ଟ ନିର୍ମାଣ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି ।ଘଟଣାକୁ ନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ହସ୍ତକ୍ଷେପ କରିବେ କି ନାହିଁ, ତାହାକୁ ଏବେ ସମସ୍ତଙ୍କ ନଜର ରହିଛି।

## ଘରୋଇ ବସ୍‌ରୁ ୭ଲକ୍ଷ ଟଙ୍କାର ମୋବାଇଲ ଗାଏବ



ମାଲକାନଗିରି, (ମାନସ୍ ରଞ୍ଜନ୍ ନେତାମ୍)ଭୁବନେଶ୍ୱରରୁ ମାଲକାନଗିରି କୁ ଚଳାଚଳ କରୁଥିବା ଘରୋଇ ବସରୁ ୭ ଲକ୍ଷ ଟଙ୍କାର ମୋବାଇଲ ପେଟି ଗତକାଲି ଗାଏବ ହୋଇଯାଇଛି। ଗାଏବ ହୋଇଥିବା ପେଟିରେ ୭୦ ଟି ମୋବାଇଲ ଥିଲା । ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି ।ଅଭିଯୋଗ ଅନୁଯାୟୀ, 'ମହାଦେବ' ନାମକ ଘରୋଇ ବସର ପାର୍ସଲ ସଂଗ୍ରହ କାଉଣ୍ଟର ଭୁବନେଶ୍ୱରରେ ରହିଛି। ଯେଉଁଠାରେ ଲୋକେ ବିଭିନ୍ନ ସାମଗ୍ରୀ ପଠାଇବା ପାଇଁ ପାର୍ସଲ ଜମା କରି ନିର୍ଦ୍ଧାରିତ ଦେୟ ପ୍ରଦାନ କରନ୍ତି। ପାର୍ସଲ ଗ୍ରହଣ ପରେ କାଉଣ୍ଟର ପକ୍ଷରୁ ରସିଦ ମଧ୍ୟ ଦିଆଯାଏ। ଏହି ପ୍ରକ୍ରିୟା ଅନୁଯାୟୀ ଭୁବନେଶ୍ୱରର ଡିଲାଇଟ ଡିଷ୍ଟ୍ରିବ୍ୟୁଟର ପକ୍ଷରୁ ମାଲକାନଗିରିର ଡିଜିଟାଲ ୱାର୍ଲ୍ଡ ନାମକ ସଂସ୍ଥାକୁ ୭୦ଟି ନୂତନ ମୋବାଇଲ ଏକ ପେଟିରେ ପ୍ୟାକ୍ କରି ବସ୍ ପାର୍ସଲ କାଉଣ୍ଟରରେ ଦିଆଯାଇଥିଲା। ଏଥି ପାଇଁ ୨୦୦ ଟଙ୍କା ଦେୟ ଦେବା ପରେ ଏକ ରସିଦ ପାର୍ସଲ କାଉଣ୍ଟର ପକ୍ଷରୁ ପ୍ରଦାନ କରାଯାଇଥିଲା। କିନ୍ତୁ ବସଟି ମାଲକାନଗିରି ପହଞ୍ଚିବା ବେଳକୁ ମୋବାଇଲ ପେଟି ମିଳିନଥିଲା କ୍ଷ ବସ୍ କର୍ମଚାରୀଙ୍କୁ ବାରମ୍ବାର ପଚରା ଉଚରା ପରେ ମଧ୍ୟ କୌଣସି ସଠିକ ତଥ୍ୟ ମିଳିନଥିଲା। ପାର୍ସଲ ବାବଦକୁ ଦିଆଯାଇଥିବା ଟଙ୍କା ଓ ରସିଦ ଦେଖାଇବା ପରେ ମଧ୍ୟ ବସ କର୍ମଚାରୀ କୌଣସି ଗୁରୁତ୍ୱ ଦେଇନଥିଲେ। ଡିଜିଟାଲ ୱାର୍ଲ୍ଡର ମାଲିକ ଶ୍ରୀମତି ମୌସୁମୀ ସାହା ମାଲକାନଗିରି ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ବସକୁ ଅଟକ ରଖିବା ସହ କର୍ମଚାରୀଙ୍କୁ ଥାନାକୁ ଆଣି ପଚରା ଉଚରା କରୁଥିବା ଜଣା ପଡିଛି । ଗତକାଲି ମୋବାଇଲ୍ ପେଟିର ସନ୍ଧାନ ରେ ପୋଲିସ ବାହାରିଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି ।

## ଗୁଣିଗାରେଡି ସନ୍ଦେହରେ ମହିଳାଙ୍କୁ ପିଟିପିଟି ହତ୍ୟା ଘଟଣା
## ୩ ବ୍ୟକ୍ତିଙ୍କୁ ଗିରଫ କଲା ଓରକେଲ ପୋଲିସ

ମାଲକାନଗିରି, ୨୬/୦୫/୨୬(ମାନସ୍ ରଞ୍ଜନ୍ ନେତାମ୍) ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅଧିନସ୍ଥ ଶାରଦାଗୁଡା ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ମହିଳାଙ୍କୁ ପିଟିପିଟି ହତ୍ୟା ଘଟଣାରେ ଆଜି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଓରକେଲ ପୋଲିସ। ମିଳିଥିବା ସୂଚନାନୁଯାୟୀ ଶାରଦାଗୁଡା ଗ୍ରାମରେ ଗତ ୧ ବର୍ଷ ମଧ୍ୟରେ ଗ୍ରାମର ୮ ରୁ ୧୦ ବ୍ୟକ୍ତି ଙ୍କ ଅଚାନକ ମୃତ୍ୟୁ ହୋଇ ଆସୁଥିଲା। ତେବେ ଗ୍ରାମରେ ଏପରି ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢୁଥିବା ଦେଖି ଗ୍ରାମରେ ଏକ ବୈଠକ ଡକାଇ କୋଟପାଡ଼ ଅଞ୍ଚଳ ରୁ ଜଣେ ଗୁଣିଆ ଙ୍କୁ ଡାକିଥିଲେ ଗ୍ରାମବାସୀ। ଉକ୍ତ ଗୁଣିଆ ଜଣଙ୍କ ଗ୍ରାମକୁ ଆସି ଚୁଡା ମନ୍ତ୍ରାଇ ସମସ୍ତ ଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ଗ୍ରାମର ପଦ୍ମା ନାୟକ(୫୧) ଉକ୍ତ ମନ୍ତ୍ରା ହୋଇଥିବା ଚୁଡା କୁ ଖାଇ ଅସୁସ୍ଥ ହୋଇ ପଡ଼ିଥିଲେ। ଯାହାଦ୍ୱାରା ଉକ୍ତ ଗୁଣିଆ ଜଣଙ୍କ ପଦ୍ମା ଏହି ସବୁ ଲୋକଙ୍କ ମୃତ୍ୟୁ ର କାରଣ କହିବା ସହ ଗତ ୨୦ ଦିନ ମଧ୍ୟରେ ଗ୍ରାମର ୨ ବ୍ୟକ୍ତି ଙ୍କ ମୃତ୍ୟୁ ପାଇଁ ପଦ୍ମା ହିଁ ଦାୟୀ ବୋଲି କହିଥିଲା। ଏହାପରେ ମୃତ୍ୟୁବରଣ କରିଥିବା ୨ ବ୍ୟକ୍ତିଙ୍କ ପୁଅମାନେ ରାଗରେ ଉତକ୍ଷିପ୍ତ ହୋଇ ଗାଁ ଦାଣ୍ଡରେ ପଦ୍ମା ଙ୍କୁ ଲାତ ଗୋଇଠା ମାରିଥିଲେ। ଏହାଦେଖି ପଦ୍ମା ଙ୍କ ପୁଅ ଗଣେଶ ଆସି ତାଙ୍କ କବଳରୁ ଆହତ ଅବସ୍ଥାରେ ନିଜ ମାଙ୍କୁ ରକ୍ଷା କରିଥିଲେ। ପଦ୍ମା ଙ୍କୁ ମାଡ଼ ପରେ ସେ ମୃତ୍ୟୁବରଣ କରିଥିଲେ। ଏନେଇ ପଦ୍ମା ଙ୍କ ପୁଅ ଗଣେଶ ଓରକେଲ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଉକ୍ତ ମାମଲାକୁ ଆଧାର କରି ରବିବାର ଘଟଣା ସ୍ଥଳରେ କୋରାପୁଟ ରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିବା ପରେ ୩ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ୩ ବ୍ୟକ୍ତି ହେଲେ ଶାରଦାଗୁଡା ଗ୍ରାମର ମହେଶ୍ୱର ପାଙ୍ଗି, ହରି ପାଙ୍ଗି ଏବଂ ହରିଷ ଚନ୍ଦ୍ର ଖିଲ। ଆଜି କେସ ନଂ ୧୫୭/୨୬ ରେ ମାମଲା ରୁଜୁ କରି ଏହି ୩ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ସଂପାଦକୀୟ

# ରେକର୍ଡ଼ ଛୁଇଁବ ଖାଦ୍ୟ ଉତ୍ପାଦନ

ବିଗତ ଛ'ମାସ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ସାରା ବିଶ୍ୱର ଅର୍ଥନୀତିକୁ ଊଣା ଅଧିକ ପ୍ରଭାବିତ କରିଛି। ଏହାଫଳରେ ମୁଦ୍ରାସ୍ଫୀତି ବଢ଼ି ଚାଲିଥିବା ବେଳେ ବିଭିନ୍ନ ରାଷ୍ଟ୍ର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଯୋଗାଣ ଶୃଙ୍ଖଳ ବିପର୍ଯ୍ୟସ୍ତ ହୋଇଛି ଏବଂ ତୈଳ ସାମଗ୍ରୀର ଅଭାବ ଦେଖାଦେଇଛି। ଏହି ଯୁଦ୍ଧ କେବେ ଶେଷ ହେବ, ତାହା ଜଣାପଡୁ ନାହିଁ। କାରଣ ଉଭୟ ରୁଷ ଓ ୟୁକ୍ରେନ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଯୁଦ୍ଧର ପ୍ରଥମ ଅବସ୍ଥାରେ ଭାରତକୁ କିଛି ମାତ୍ରାରେ ଅସୁବିଧା ସାମ୍ନା କରିବାକୁ ପଡ଼ିଥିଲା। କିନ୍ତୁ ଏବେ ଆମ ଦେଶ ସେହିସବୁ ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ସକ୍ଷମ ହୋଇଛି। ନିରାଶା ଭିତରେ ଆଶାର ଆଲୋକ ଦେଖିବାକୁ ମିଳିଛି। ଏହାରି ଭିତରେ ଗୋଟିଏ ଖୁସି ଖବର ହେଉଛି ଯେ, ୨୦୨୧-୨୨ ବର୍ଷରେ ଭାରତର ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ଼ ଛୁଇଁବାକୁ ଯାଉଛି। କୌଣସି ବେସରକାରୀ ଆକଳନ ନୁହେଁ, ଖୋଦ୍ ସରକାରୀ ରିପୋର୍ଟରେ ଏହା ଦର୍ଶାଯାଇଛି। ରିପୋର୍ଟ ଅନୁଯାୟୀ ୨୦୨୧-୨୨ ବର୍ଷରେ ଚାଉଳ, ଗହମ, ଡାଲି, ସମେତ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ଼ ୩୧୫.୭ ନିୟୁତ ଟନ୍ ଛୁଇଁବ। ପୂର୍ବବର୍ଷ ତୁଳନାରେ ଏହା ୪.୯୮ ନିୟୁତ ଟନ୍ ଅଧିକ। ରୁଷ-ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ବିଶ୍ୱର ବିଭିନ୍ନ ଭାଗରେ କୃଷି ଉତ୍ପାଦନ ବ୍ୟାହତ ହୋଇଥିବା ବେଳେ ଭାରତର ସଫଳତା ନିଶ୍ଚିତ ଭାବରେ ଦେଶବାସୀଙ୍କୁ ଆଶ୍ୱସ୍ତି ଆଣିଦେବ। ଏହି ଯୁଦ୍ଧ ପ୍ରଭାବରେ ବିଶ୍ୱ ବଜାରରେ ଖାଦ୍ୟ ସାମଗ୍ରୀ ଦର ଆଶାତୀତ ଭାବରେ ବୃଦ୍ଧି ପାଇଛି। ଖାଦ୍ୟ ଓ କୃଷି ସଂସ୍ଥାନର ଖାଦ୍ୟଦର ସୂଚନାଙ୍କ ୨୦୨୨ ବର୍ଷରେ ୧୩.୮ ପ୍ରତିଶତକୁ ବୃଦ୍ଧି ପାଇଛି। ଖାଦ୍ୟ ଶସ୍ୟ, ତୈଳ ଓ ଦୁଗ୍ଧଜାତ ସାମଗ୍ରୀର ପାଇକାରୀ ଦରବୃଦ୍ଧି ଫଳରେ ବିଶ୍ୱ ବଜାରରେ ଏହାର ମୂଲ୍ୟ ଅତ୍ୟଧିକ ବୃଦ୍ଧି ପାଇଛି। ଘରୋଇ ବଜାରରେ ଖାଦ୍ୟ ଯୋଗାଣ କ୍ଷେତ୍ରରେ ଅଭାବ ଦେଖାଦେବାରୁ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ପାଇଁ ଭାରତ ସରକାର ରପ୍ତାନୀ କଟକଣା ଲାଗୁ କରିଥିଲେ। ୨୦୨୧-୨୨ ବର୍ଷରେ ଉତ୍ପାଦିତ ହେବାକୁ ଥିବା ୩୧୫.୭ ନିୟୁତ ଟନ୍ ଖାଦ୍ୟଶସ୍ୟ ଗତ ୫ବର୍ଷ ଭିତରେ ଦେଶର ହାରାହାରି ଖାଦ୍ୟଶସ୍ୟ ଉତ୍ପାଦନ ତୁଳନାରେ ୨୫ ନିୟୁତ ଟନ୍ ଅଧିକ ବୋଲି ଜଣାପଡ଼ିଛି। ଏହି ବର୍ଷ ରେକର୍ଡ଼ ପରିମାଣ ଚାଉଳ, ଗହମ, ମକା, ଚଣା, ଡାଲି, ସୋରିଷ, ତୈଳବୀଜ ଓ ଆଖୁ ଉତ୍ପାଦିତ ହେବ ବୋଲି ଆଶା କରାଯାଉଛି। ଚାଉଳ ଉତ୍ପାଦନ ପରିମାଣ ୧୩୦.୨୯ ନିୟୁତ ଟନ୍ ହେବା ବେଳେ ଗହମ ଉତ୍ପାଦନ ୧୦୬.୮୪ ନିୟୁତ ଟନ୍ ହେବ ବୋଲି କେନ୍ଦ୍ର କୃଷି ମନ୍ତ୍ରଣାଳୟ ଆକଳନ କରିଛି। ସେହିପରି ତୈଳବୀଜ ଉତ୍ପାଦନ ପରିମାଣ ୩୭.୭ ନିୟୁତ ଟନ୍‌କୁ ଛୁଇଁ ରେକର୍ଡ଼ ସୃଷ୍ଟିହେବ ବୋଲି ମନ୍ତ୍ରଣାଳୟ ଆଶା ବାନ୍ଧିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର କୃଷି ଅନୁକୂଳ ନୀତି, କୃଷକମାନଙ୍କର କଠିନ ପରିଶ୍ରମ ତଥା କୃଷି ବିଜ୍ଞାନୀଙ୍କ ବୈଷୟିକ ପରାମର୍ଶ ଯୋଗୁଁ ଉତ୍ପାଦନ ବୃଦ୍ଧି ସମ୍ଭବପର ହୋଇଥିବାର କୁହାଯାଉଛି। ତେବେ ଦରବୃଦ୍ଧି ଓ ମହଙ୍ଗା ମାଡ଼ ଲୋକଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ଦୁର୍ବସହ କରିଥିବା ବେଳେ ଖାଦ୍ୟଶସ୍ୟ ଉତ୍ପାଦନରେ ରେକର୍ଡ଼ ସୃଷ୍ଟିକୁ ଏକ ବଡ଼ ସଫଳତା କୁହାଯାଇପାରେ।

# ସ୍ୱାକ୍ଷରତା ହିଁ ବିକାଶର ପରିମାପକ

ସ୍ୱାକ୍ଷରତା ହିଁ ବିକାଶର ପରିମାପକ। ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ । ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ। କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ। ଲୋକପ୍ରିୟ କାହାଣୀ କୁହେ – "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା' ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତା'ହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତା'ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ" । ଏଥିରୁ ସାକ୍ଷରତାର ଗୁରୁତ୍ୱ ସ୍ପଷ୍ଟ ଅନୁମେୟ। ମହାମାରୀ କରୋନା ଯୋଗୁଁ ପ୍ରାୟ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପିଲାମାନଙ୍କ ପାଠ ପଢା ବାଧା ପ୍ରାପ୍ତ ହୋଇଥିଲା। ସେମାନଙ୍କ ଭବିଷ୍ୟତ ସଜାଡିବା ପାଇଁ ଓ ଶିକ୍ଷାଦାନକୁ ଭରଣା କରିବା ଆମ ରାଜ୍ୟ ତଥା ଦେଶ ସମେତ ସାରା ବିଶ୍ୱରେ ଅନ୍‌ଲାଇନରେ ପାଠ ପଢାକୁ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ପାଠପଢାର ମୁଖ୍ୟ ମାଧ୍ୟମ ଥିଲା ସ୍ମାଟ୍‌ଫୋନ, କମ୍ପ୍ୟୁଟର ଏବଂ ଟିଭି। ତେବେ ସ୍ମାଟ୍‌ଫୋନ ଏବଂ ଟିଭି ବିନା ଅନ୍‌ଲାଇନ ଶିକ୍ଷା କେତେ ଫଳପ୍ରଦ ହୋଇଥିଲା ତାହା ଆମେ ଜାଣିଛେ। ଏକ ସମୀକ୍ଷାରୁ ଜଣା ପଡ଼ିଛି ଯେ, ଆମ ରାଜ୍ୟର ମାତ୍ର ୨୮ପ୍ରତିଶତ ପିଲାଙ୍କ ପାଖରେ ସ୍ମାଟ୍‌ଫୋନ୍ ଥିବା ବେଳେ ବାକି ୭୨ପ୍ରତିଶତ ପିଲା ଦାମିକା ଫୋନ୍ ଧରିବାକୁ ଅସମର୍ଥ। ସେହିପରି ରାଜ୍ୟର ୫୬.୩୦ପ୍ରତିଶତ ପିଲାଙ୍କ ଘରେ ଟିଭି ଥିଲା ବେଳେ ୪୩.୭୦ପ୍ରତିଶତ ପିଲାଙ୍କ ଘରେ ଟିଭି ନଥିବା ଜଣାପଡିଥିଲା। ଫଳରେ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍‌ଲାଇନ ଶିକ୍ଷା ଏକରକମ ଅପହଞ୍ଚ ହୋଇଥିଲା। ସେ ଯାହା ହେଉନା କାହିଁକି ପରେ କରୋନାର ପ୍ରକୋପ କମିବା ପରେ ନିକଟରେ ମାଟ୍ରିକ, ଯୁକ୍ତ ଦୁଇ ଓ ଯୁକ୍ତ ତିନି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହା ମଧ୍ୟରେ ଶିକ୍ଷାଦାନ ସ୍ୱାଭାବିକ ହୋଇଛି। ଏହା ଆମ ପାଇଁ ଖୁସିର କଥା । ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ। ପ୍ରତି ପାଞ୍ଚ ଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ। କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ। ପରିସଂଖ୍ୟାନ ତଥ୍ୟରୁ ଜଣାପଡ଼େ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ। ବର୍କିନା ଫାସୋ, ନିଗର ଓ ମାଲିରେ ସ୍ୱାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ। କିନ୍ତୁ ବିଶ୍ୱର ସ୍ୱାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଯଣାପଡିଛି ଯେ, ଏବେ ବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଊର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସ୍ୱାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସ୍ୱାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି। ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ। ବର୍କିନା ଫାସୋ, ନିଗର ଓ ମାଲିରେ ସ୍ୱାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ। କିନ୍ତୁ ବିଶ୍ୱର ସ୍ୱାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଯଣାପଡିଛି ଯେ, ଏବେ ବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଊର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସ୍ୱାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସ୍ୱାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି। ଏକ ସମୀକ୍ଷାରୁ ଜଣା ପଡ଼ିଛି ଯେ, ଆମ ରାଜ୍ୟର ମାତ୍ର ୨୮ପ୍ରତିଶତ ପିଲାଙ୍କ ପାଖରେ ସ୍ମାଟ୍‌ଫୋନ୍ ଥିବା ବେଳେ ବାକି ୭୨ପ୍ରତିଶତ ପିଲା ଦାମିକା ଫୋନ୍ ଧରିବାକୁ ଅସମର୍ଥ। ସେହିପରି ରାଜ୍ୟର ୫୬.୩୦ପ୍ରତିଶତ ପିଲାଙ୍କ ଘରେ ଟିଭି ଥିଲା ବେଳେ ୪୩.୭୦ପ୍ରତିଶତ ପିଲାଙ୍କ ଘରେ ଟିଭି ନଥିବା ଜଣାପଡିଥିଲା। ଫଳରେ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍‌ଲାଇନ ଶିକ୍ଷା ଏକରକମ ଅପହଞ୍ଚ ହୋଇଥିଲା।

# ରାଜନୀତି କ୍ଷମତା ନା ବିକାଶ ପାଇଁ

**ପ୍ରଦୀପ୍ତ କୁମାର ଜେନା**

ଆଜିର ରାଜନୀତି କେବଳ ସତ୍ତା ପାଇଁ, ଏକଥା କେବଳ ମୁଁ କହୁନାହିଁ। ଏହି କିଛିଦିନ ତଳେ ଭାରତ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଶ୍ରୀ ନିତିନ୍ ଗଡ଼କାରୀ ଏହି କଥା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବାସ୍ତବିକ ଏହା ନିଛକ ସତ୍ୟ। ଆଜି ଭାରତବର୍ଷରେ ଯେତେ ରାଜନୈତିକ ଦଳ ରାଜନୀତି ପଶାପାଲିରେ ଗୋଟି ଚାଳନା କରୁଛନ୍ତି ସେମାନେ କେହି ଦେଶ ଭକ୍ତ ନୁହନ୍ତି। ଦେଶର ପ୍ରଗତି ବା ଉନ୍ନତି ଯେତିକି ହେବାର ହେଉ କିପରି ସେମାନେ ଦୀର୍ଘ ଦିନ କ୍ଷମତାକୁ ନିଜ ହାତମୁଠାରେ ରଖିହେବ, ସେହି ଚିନ୍ତାରେ ସମସ୍ତେ ବ୍ୟସ୍ତ। ୨୦୨୪ ନିର୍ବାଚନ ଆହୁରି ପାଖ ପାଖି ଦୁଇ ବର୍ଷ ଥିଲେବି ଅଜି ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କେବଳ ସତ୍ତା ହାସଲ ହିଁ ଏକମାତ୍ର ଲକ୍ଷ୍ୟ। ଭାରତବର୍ଷକୁ ପରାଧୀନତାର ନାଗଫାସରୁ ମୁକ୍ତ କରିବା ପାଇଁ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଅନେକ ଦେଶଭକ୍ତ ନିଜର ଘର ସଂସାର ତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ସେମାନଙ୍କ ଭିତରୁ ଅନେକ କାରବରଣ କରିବା ସହିତ କିଛି ଦେଶପ୍ରେମୀଙ୍କୁ ଜୀବନ ଦେବାକୁ ପଡିଥିଲା। ଦେଶ ପାଇଁ ସେମାନେ ହସି ହସି ଫାଶିଖୁଣ୍ଟରେ ଝୁଲିପଡ଼ିଥିଲେ। ସେମାନଙ୍କ ତ୍ୟାଗ, ତପସ୍ୟ ଓ ବଳିଦାନ ଫଳରେ ଆମ୍ଭେ ଆଜି ନିଜକୁ ସ୍ୱାଧୀନ ଦେଶର ନାଗରିକ ବୋଲି କହିପାରୁଛେ। ଯେଉଁ ମାନଙ୍କ ରକ୍ତରେ ଏ ମାଟି ରକ୍ତ ରଞ୍ଜିତ ହୋଇଥିଲା ସେମାନେ କେବଳ ଇତିହାସ ପୃଷ୍ଠାରେ ରହିଗଲେ। ଆଉ କିଛି ଚାଟୁକାର, ସୁବିଧବାଦୀ, ଇଂରେଜମାନଙ୍କ ଦଲାଲ ଗଣତନ୍ତ୍ରର ଖୋଳପା ଭିତରେ ସ୍ୱାଧୀନତାର ସ୍ୱାଦ ଚାଖିଲେ। ଦୀର୍ଘଦିନ ଧରି କ୍ଷମତାକୁ ଜାବୁଡି ଧରିବାର କଳା ଓ କୌଶଳ ସେମାନେ ଆଗାମୀ ପିଢ଼ିକୁ ଶିଖାଇ ଦେଇଗଲେ। କଂଗ୍ରେସ ଇଂରେଜ ମାନଙ୍କ ପାଖରୁ ଶିକ୍ଷା ଲାଭ କରିଥିବା ଯସଙ୍ଗସୟର ବଭୟ ଵଙ୍କକ୍ଷର କ୍ରୁକ୍ଷକ୍ଷସମଚଙ୍କୁ ପ୍ରୟୋଗ କରି ହିନ୍ଦୁ ଓ ମୁସଲମାନଙ୍କୁ ଭାଗଭାଗ କରି ମୁସଲମାନମାନଙ୍କୁ ସନ୍ତୁଷ୍ଟ କରିବା ସହିତ ହିନ୍ଦୁମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକଭାବେ ବିଚାର କଲା। ଏକଦା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ନିଜ ବକ୍ତବ୍ୟରେ କହିଥିଲେ ଭାରତ ବର୍ଷର ସମସ୍ତ ସଂସାଧନ ଉପରେ ପ୍ରଥମ ଅଧିକାର ମୁସଲମାନଙ୍କର। କଂଗ୍ରେସ ଯେ ହିନ୍ଦୁମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ଭାବୁଥିଲେ ଏହି କଥାରୁ ସ୍ପଷ୍ଟ ଅନୁମେୟ। କଂଗ୍ରେସ ମଧ୍ୟ ହିନ୍ଦୁମାନଙ୍କୁ ଭାଗ ଭାଗ କରି ଦଳିତମାନଙ୍କ ହିତୈଶୀ ସାଜିଥିଲା। କଂଗ୍ରେସ ଦଳିତ ଓ ମୁସଲମାନମାନଙ୍କ ପରମ ହିତୈଶୀ ଭାବେ ନିଜକୁ ଚିତ୍ରିତ କରି ପାଖାପାଖୀ ୫୫ ବର୍ଷ ଶାସନରେ ରହି କ୍ଷମତାର ସ୍ୱାଦ ଚାଖିଲ। ଦୀର୍ଘ ୫୫ ବର୍ଷ ଶାସନରେ ରହିବ ପରେ ସମାଜରେ ଦଳିତ ଓ ମୁସଲମାନ ପଛୁଆ ଭାବେ ରହିଥିଲେ। ଏପରିକି ୭୫ ବର୍ଷ ସ୍ୱାଧୀନତାର ପରେ ମଧ ମୁସଲମାନ ଓ ଦଳିତ ମାନଙ୍କର ସାମଗ୍ରିକ ବିକାଶ ହୋଇନାହିଁ। କେବଳ କ୍ଷମତାରେ ରହିବ ପାଇଁ କଂଗ୍ରେସ ଦଳିତ ଓ ମୁସଲମାନମାନଙ୍କ ହିତୈଶୀ ସାଜିଥିଲା। ଯେଉଁ ଦିନ ସେମାନେ ବୁଝିଗଲେ ଯେ, କଂଗ୍ରେସ ସେମାନଙ୍କ ପ୍ରକୃତ ହିତୈଶୀ ନୁହେଁ ସେବେଠାରୁ ସେମାନେ କଂଗ୍ରେସ ଆଡୁ ମୁହଁ ଫେରାଇ ନେଇଗଲେ ଫଳରେ କଂଗ୍ରେସ କ୍ଷମତାରୁ ଦୁରେଇଗଲ। ଏହି ନିକଟରେ ରାଜସ୍ଥାନର ଜଣେ କଂଗ୍ରେସ ବିଧାୟକ ଦଳିତମାନଙ୍କ ଉପରେ ଅତ୍ୟାଚାର ହେଉଛି କହି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। କେବଳ ପ୍ରଚାର ପ୍ରସାର କରି ତୁଷ୍ଟିକରଣ ରାଜନୀତି କଲେ ଦେଶର ମଙ୍ଗଳ ହେବନି କି ବ୍ୟକ୍ତିର ହୁଏତ କିଛି ଦିନ କ୍ଷମତାକୁ ଜାବୁଡି ଧରି ହେବ। ଯେତେବେଳେ ଲୋକମାନେ ତୁମର ଅସଲ ଚରିତ୍ରକୁ ଜାଣିଯିବେ ସେତେବେଳେ ତୁମକୁ ଫୋପାଡ଼ି ଦେବେ। ଯାହା କଂଗ୍ରେସ ପାଇଁ ହୋଇଛି। ଯଦି ପ୍ରକୃତରେ ଗୋଟିଏ ସରକାର ଦେଶ ଓ ଦେଶ ବାସୀଙ୍କ ପାଇଁ କିଛି କରିବାକୁ ଚାହିଁବେ ସେ ସରକାର ବେଶିଦିନ କ୍ଷମତାରେ ରହି ପାରିବ ନାହିଁ। କଥାରେ ଅଛି ଯେତେ ଅଧିକ କାର୍ଯ୍ୟ କରିବ ସେତେ ଅଧିକ ଭୁଲ ହେବ। ଯଦି କିଛି କରିବ ନାହିଁ କିଛି ଭୁଲ ହେବ ନାହିଁ। ସେହି ନ୍ୟାୟରେ ଯେଉଁ ସରକାର ଦେଶ ପାଇଁ ଦୀର୍ଘସୂତ୍ରୀ କାର୍ଯ୍ୟ କରିବାକୁ ଚାହିଁବ ସେ କ୍ଷମତାରେ ରହିବେ ନାହିଁ। ସବୁ ଦଳର ଶୀର୍ଷ ନେତୃତ୍ୱର ଇଚ୍ଛା ଯେ କୌଣସି ଉପାୟରେ ଶାସନ କାଳକୁ ଜାବୁଡି ଧରିବା। ଦେଶର ମଙ୍ଗଳ ହେଉ ଏ କଥା କେହି ଚିନ୍ତା କରୁନାହାନ୍ତି ବା କେହି ଗାନ୍ଧୀ ଗୋପବନ୍ଧୁ ନୁହଁନ୍ତି। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିବାଲ ଯେତେବେଳେ ସରକାରକୁ ଆସିଲେ ବହୁତ ବଡ଼ ବଡ଼ କଥା କହିଲେ। ଦୁର୍ନୀତି ଲୋପ କରିଦେବି, ଦିଲ୍ଲୀକୁ ଏକ ଆଦର୍ଶ ପ୍ରଦେଶ କରିଦେବି ଇତ୍ୟାଦି। ସେ ଆସୁ ଆସୁ ଚଉକିର ମୋହ ଏତେ ମାତ୍ରରେ ବଢିଗଲା ସେ କିଭଳି ତାଙ୍କର ସାମ୍ରାଜ୍ୟ ଦିଲ୍ଲୀରୁ ସମଗ୍ର ଭାରତ ବର୍ଷକୁ ବ୍ୟାପିବ, ସେହି ଚିନ୍ତାରେ ରହିଲେ। ପାଣି ବିଜୁଳି ବିଲ୍ ମୁକ୍ତ କରି ଲୋକମାନଙ୍କୁ ନିଜ ଆଡ଼କୁ ଆକର୍ଷଣ କଲେ। ତୁଷ୍ଟିକରଣ ରାଜନୀତିରେ ଗୋଟିଏ ସମ୍ପ୍ରଦାୟକୁ ହାତମୁଠାରେ ରଖି ଅନ୍ୟ ସମ୍ପ୍ରଦାୟ ବିରୁଦ୍ଧରେ ବିଶୋଦ୍ଗାର କଲେ। ସେ ବୁଝିଗଲେ କ'ଣ କଲେ ଦିଲ୍ଲୀ ତାଙ୍କର ହାତ ଛଡା ହେବନି। ମାଗଣା ବାଣ୍ଟି ହଜାର ହଜାର କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରିବା ସହିତ ନିଜ ଦଳର ପ୍ରଚାର ପାଇଁ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଲେ। କ୍ଷମତାରେ ରହିବ ପାଇଁ ପଞ୍ଜାବରେ ଖାଲିସ୍ଥାନୀ ସଂଗଠନ ସହିତ ହାତ ମିଳିବାକୁ ପଛେଇଲେ ନାହିଁ। ବଜେପି ଏକ ହିନ୍ଦୁତ୍ୱବାଦୀ ସଂଗଠନ ବୋଲି ସମସ୍ତେ ଜାଣନ୍ତି। ୫୦ ଭାଗ ହିନ୍ଦୁ ଏ ଦଳକୁ ସମର୍ଥନ କରିଥା'ନ୍ତି। ସମର୍ଥନ କରିବା ପଛରେ କଂଗ୍ରେସର ହିନ୍ଦୁ ବିରୋଧୀ ମନୋଭାବ ଅଧିକ ପରିମାଣରେ ଦାୟୀ। ନରେନ୍ଦ୍ର ମୋଦି ସରକାରକୁ ହିନ୍ଦୁମନେ ପୂର୍ଣ ସହଯୋଗ କରୁଛନ୍ତି, ହେଲେ ହିନ୍ଦୁମାନଙ୍କୁ ସମାନ ଅଧିକାର ଦେବାକୁ ସରକାର କୌଣସି ଠୋସ ପଦକ୍ଷେପ ନେଉନାହାନ୍ତି। 'ସବ୍‌କା ସାଥ ସବ୍‌କା ବିକାଶ' ଓ 'ସବ୍‌କା ବିଶ୍ୱାସ'ର ନାରା ଦେଇ ସରକାର ମୁସଲମାନଙ୍କୁ ଆସ୍ତେ ଆସ୍ତେ ବିଜେପି ଆଡକୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛନ୍ତି। ହିନ୍ଦୁମାନେ ଭାବୁଛନ୍ତି ବିଜେପି କେବଳ ହିନ୍ଦୁମାନଙ୍କୁ ସହାୟତା କରିପାରିବ। ଦୀର୍ଘ ୭୫ ବର୍ଷ ସ୍ୱାଧୀନତା ପରେ ହିନ୍ଦୁମାନେ ଭାରତ ବର୍ଷରେ ଅବହେଳିତ ଅଛନ୍ତି। ହିନ୍ଦୁମାନଙ୍କ ଧାର୍ମିକ, ସାଂସ୍କୃତିକ, ଶିକ୍ଷାଗତ ସ୍ୱାଧୀନତା ଉପରେ ଅଙ୍କୁଶ ଲାଗିଛି। ହିନ୍ଦୁ ମନ୍ଦିରକୁ ସରକାର ନିୟନ୍ତ୍ରଣ କରୁଛନ୍ତି। ହିନ୍ଦୁ ପିଲାମାନଙ୍କୁ ଧାର୍ମିକ ଶିକ୍ଷା ଦେବାକୁ ସରକାରୀ ସ୍କୁଲ ମକ୍କକ୍ଷକ୍ଷରଶରେ ଅନୁମତି ନାହିଁ। ମୁସଲମାନମାନେ ୧୦/୧୫ ପିଲା ଜନ୍ମ କରିବା ଫଳରେ ହିନ୍ଦୁମାନଙ୍କ ପ୍ରତି ବିପଦ ଦେଖା ଦେଇଛି। ସେମାନେ ଜାଣି ଶୁଣି ସଂଖ୍ୟା ବଢ଼ାଇ ଚାଲୁଥିବା ବେଳେ ସରକାର ଜନ୍ମ ନିୟନ୍ତ୍ରଣ କାନୁନ୍ ଅଣୁ ନାହାନ୍ତି। ଭାରତ ବର୍ଷରେ ୧୦୦ କୋଟି ହିନ୍ଦୁ ସମାନ ନିୟମ କଥା କହୁଥିବା ବେଳେ ସରକାର ଚୁପ ରହୁଛନ୍ତି। ଉଇଇ ଘଜଉ କଥା ଉପରେ ବହୁତ ତୁମ୍ବି ତୋଫାନ୍ ହେଲା। ସେ କୁଆଡେ ଗଲା କିଛି ଜଣା ପଡୁନି। ମୋଦି ସରକାର ଜଣେ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ପଦରେ ବସାଇ ନିଜର ଭୋଟ ବ୍ୟାଙ୍କ୍‌କୁ ସୁରକ୍ଷିତ ରଖିବାକୁ ପ୍ରୟାସ କରଛନ୍ତି। ଚରଓ ଭଳି ସଂଗଠନ ଦେଶରେ ଅରାଜକତା ସୃଷ୍ଟି କରିଚାଲିଛି ଓ ଭାରତରେ ସାରିଆ ଆଇନି ଲାଗୁ ପାଇଁ ଯେଭଳି ପ୍ରୟାସ କରୁଛି ସେଇଭଳି ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବାକୁ ସରକାର ଆନ୍ତରିକତା ଦେଖାଉ ନାହାନ୍ତି। ଭାରତର ୯ଟି ପ୍ରଦେଶରେ ହିନ୍ଦୁ ଅଳ୍ପସଂଖ୍ୟକରେ ପହଞ୍ଚିଲାଣି। ୨୦୦ ଜିଲ୍ଲାରୁ ହିନ୍ଦୁମାନେ ପଳାୟନ କରୁଛନ୍ତି। ମୁସଲମାନମାନେ ହିନ୍ଦୁ ଦେବା ଦେବୀମାନଙ୍କୁ ଅରୁଚିକର ମନ୍ତବ୍ୟ ଦେଉଥିବା ବେଳେ ଯଦି କେହି ହିନ୍ଦୁ ସେମାନଙ୍କ ଧର୍ମ ଉପରେ କିଛି ମତାମତ ଦେଉଛି ତା'ର ଗର୍ଦ୍ଦନ କଟି ଦିଆଯାଉଛି। ରାଜସ୍ଥାନ, କର୍ଣ୍ଣାଟକ, କୋଲକାତା ଘଟଣାରୁ ସ୍ପଷ୍ଟ ଅନୁମେୟ। ଓଡ଼ିଶାରେ ୨୦୦୮ ମସିହାରେ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଅତି ଅମାନୁଷିକ ଭାବରେ ହତ୍ୟା କରାଗଲା। ସେହି ସମୟରେ ବିଜେଡି ଓ ବିଜେପିର ମିଳିତ ସରକାର ଓଡ଼ିଶାରେ ଶାସନ କରୁଥିଲେ। ଚାରିଆଡୁ ଲୋକମାନେ ସ୍ୱର ଉତ୍ତୋଳନ କଲେ ବିଜେପି ସରକରରୁ ଓହରିଆସୁ। ହେଲେ ସେମିତି କିଛି ହେଲାନାହିଁ। ବିଜେପି କ୍ଷମତା ଲୋଭରେ ସରକାରରୁ ନିଜର ସମର୍ଥନ ପ୍ରତ୍ୟହର କଲାନାହିଁ। ଯଦି ବିଜେପି ସମର୍ଥନ ପ୍ରତ୍ୟହର କରିଥା'ନ୍ତା ତାହେଲେ ପରବର୍ତ୍ତୀ ଅବସ୍ଥାରେ ସେ ଲୋକମାନଙ୍କ ଆସ୍ଥାଭାଜନ ହୋଇପାରିଥା'ନ୍ତା। ଆଜିର ଦିଗହାର ହିନ୍ଦୁ ଯଦି ନିଜେ ସଜାଗ ନହେବ ଓ ନିଜ ଭିତରେ ସମନ୍ୱୟ ନରଖିବ କୌଣସି ରାଜନୈତିକ ଦଳ ତା'ର ରକ୍ଷା କରିବାକୁ ଆଗେଇଆସିବେ ନାହିଁ। ଦିନକୁ ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବଢି ବଢ଼ି ଚାଲିଛି। ହେଲେ ସରକାରଙ୍କ ନିଦ ଭାଙ୍ଗୁନି। ମୋଦି ସରକାରଙ୍କ ସବୁଠାରୁ ବଡ ସଫଳତା ଅଯୋଧରେ ରାମ ମନ୍ଦିର ପ୍ରତିଷ୍ଠା। ଯେଉଁ ଭଳି ମୁସଲିମ ଜନସଂଖ୍ୟା ବଢି ଚାଲିଛି କଇଁର ମୁସଲିମମାନେ ଯେଭଳି ଭାରତରେ ସାରିଆ ଆଇନି ଲାଗୁ କରିବାକୁ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରୁଛନ୍ତି ଯଦି ମୋଦି ଭୋଟ ହାତେଇବା ଲକ୍ଷ୍ୟରେ କଠୋର ଆଇନି ନ ଆଣନ୍ତି ଏ ଅଯୋଧ ରାମମନ୍ଦିର ଯେ ଦିନେ ବବରୀ ମସଜିଦ୍ ନ ହେବ କିଏ କହିବ। ଭାରତର ଝାରଖଣ୍ଡ, ବିହାର, କେରଳ ଆଦି ପ୍ରଦେଶର କିଛି ମୁସଲିମ ବହୁଳ ଅଞ୍ଚଳରେ ଶୁକ୍ରବାର ନମାଜବାରିରେ ସ୍କୁଲ ଗୁଡିକୁ ବନ୍ଦ କରାଯାଉଛି। ଏହା ଏକପ୍ରକାର ସମ୍ବିଧାନ ଓ ଆଇନିର ଖିଲାପ। କଂଗ୍ରେସ ସରକାର ଙ୍କସଭକ୍ରକ୍ଷସସ୍ୱଙ୍କ କମିଶନ ପଦ ସୃଷ୍ଟି କରିଥିଲେ। ଙ୍କସଭକ୍ରକ୍ଷସସ୍ୱଙ୍କର ସଂଜ୍ଞା ନିର୍ଦ୍ଧାରଣ କରାଯାଇନାହିଁ। ଅଧୁନା ଭାରତରେ ମୁସଲିମ ଜନସଂଖ୍ୟା ୨୦ କୋଟିରେ ପହଞ୍ଚିଲାଣି। କିନ୍ତୁ ସେମାନଙ୍କୁ ଙ୍କସଭକ୍ରକ୍ଷସସ୍ୱଙ୍କ ଶ୍ୱଶ୍ୱବଶ୍ୱଙ୍କଶ୍ୱ ଦିଆଯାଉଛି। ସରକାର ଏ ସମ୍ପର୍କରେ ଏକ ନୀତି ନିର୍ଦ୍ଧାରଣ କରିବା ଉଚିତ। ଅନ୍ତତଃ ପକ୍ଷେ ଯେଉଁ ଜିଲ୍ଲାରେ ହିନ୍ଦୁ ଅଳ୍ପ ସଂଖ୍ୟକ ସେହି ଜିଲ୍ଲାରେ ହିନ୍ଦୁ ମାନଙ୍କୁ ଅଳ୍ପ ସଂଖ୍ୟକ ଶ୍ୱଶ୍ୱବଶ୍ୱଙ୍କଶ୍ୱ ଦିଆଯିବ ଉଚିତ। ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ ନିମିତ୍ତ ୧୦ ବର୍ଷ ସମ୍ବିଧାନରେ ସଂରକ୍ଷଣ କରାଯାଇଥିଲା। ୭୫ ବର୍ଷ ପରେ ବି କୌଣସି ରାଜନୈତିକ ଦଳ ତା'ର ସମୀକ୍ଷା କରୁନାହାନ୍ତି। କାରଣ ଏଥିରେ ଯିଏ ହାତ ଦେବା ସେ ଦଳ ପୁନ କ୍ଷମତାକୁ ଫେରିବା କଷ୍ଟକର ହୋଇପଡିବ। ସବୁ ରାଜନୈତିକ ଦଳର ଗୋଟିଏ ଲକ୍ଷ ଯେ, କୌଣସି ଉପାୟରେ କ୍ଷମତାକୁ ଜାବୁଡି ଧରିବା କ୍ଷମତା ଲିପ୍ସୁ ଦଳ ବା ନେତୃତ୍ୱ କେବେ ଦେଶର ପ୍ରଗତି ପାଇଁ ସହାୟକ ନୁହେ। ହିନ୍ଦୁମାନେ ଯେଉଁ ଭାବରେ ମୋଦି ସରକାରଙ୍କ ଉପରେ ଭରସା କରୁଛନ୍ତି ସରକାର ସେଭଳି ହିନ୍ଦୁମାନଙ୍କ ପାଇଁ କାର୍ଯ୍ୟ କରୁନାହାନ୍ତି ବୋଲି ହିନ୍ଦୁମାନଙ୍କ ଅଭିଯୋଗ କଂଗ୍ରେସ ଯେଭଳି ନିଜକୁ ଦଳିତ ଓ ମୁସଲମାନମାନଙ୍କ ହିତୈଶୀ ଭାବରେ ନିଜକୁ କ୍ରୁକ୍ଷକ୍ଷହରମଶ୍ୱ କରୁଥିଲା ଓ ପରେ ଏମାନେ କଂଗ୍ରେସର ଉଦେଶ୍ୟକୁ ବୁଝି ମୁହଁ ଫେରାଇ ନେଇଥିଲେ। ଠିକ ସେଇଭଳି ହିନ୍ଦୁମାନେ ସମୟ ଆସିବ ବିଜେପି ଠାରୁ ମୁହଁ ଫେରାଇ ନେବେ। ଅନେକ ହିନ୍ଦୁ ଭାବୁଛନ୍ତି ଗୋଟିଏ ହିନ୍ଦୁତ୍ୱବାଦୀ ସରକାର ଥାଇ ହିନ୍ଦୁମାନେ ସ୍ୱାଧୀନ ଭାବରେ ନିଜର ମତ ବ୍ୟକ୍ତ କରିପାରୁନାହାନ୍ତି। ଯଦି ରାଜନୈତିକ ଦଳ, ଦେଶ ଓ ଦେଶବାସୀଙ୍କ ପାଇଁ ସମର୍ପିତ ତା'ହେଲେ ଅଣ ବିଜେପି ଶାସିତ ରାଜ୍ୟରେ ଆୟୁସମାନ ଭାରତ ସ୍ୱାସ୍ଥ୍ୟ ଯୋଜନା କାହିଁକି ଲାଗୁ କରାଯାଉନାହିଁ। ଯଦି କେନ୍ଦ୍ର ସରକାର ୫ ଲକ୍ଷ ଟଙ୍କାର ସୁବିଧା ଶ୍ୱକ୍ସରବଶ୍ୱଙ୍କରଭଶ୍ୱ ପାଇଁ ଦେଉଛନ୍ତି ତାହେଲେ ସେ ସୁବିଧା ଲୋକଙ୍କୁ କାହିଁକି ଦିଆଯାଉନାହିଁ। ରାଜ୍ୟ ସରକାର ଯେତେ ଯୋଜନା କରିବା କଥା କରନ୍ତୁ କେନ୍ଦ୍ର ଯୋଜନାର ସୁଫଳ ଲୋକ ପାଇଲେ ଅସୁବିଧା କୋଉଠି ରହିଲା। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ରାଜନୈତିକ ଦଳମାନେ ଲୋକଙ୍କ ପାଇଁ କାର୍ଯ୍ୟ କରୁନାହାନ୍ତି କେବଳ ସେମାନେ କ୍ଷମତା ଲିପ୍ସୁ। ପ୍ରତ୍ୟେକ ରାଜ୍ୟ ସରକାର ନିର୍ବାଚନ ସମୟରେ ଟଙ୍କା ବାଣ୍ଟି ଓ ଲୋଭନୀୟ ଉପହାରର ଆଶା ଦେଇ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ କୌଣସି ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନନେଇ କିଛି ଲୋଭନୀୟ କାର୍ଯ୍ୟକ୍ରମ ଯଥା, କାଳିଆ ଯୋଜନା, ପିଠା ଯୋଜନା, ହରିଶ୍ଚନ୍ଦ୍ର ଯୋଜନା ଆଦି ମାଧ୍ୟମରେ ଦୀର୍ଘ ୨୨ ବର୍ଷ ଧରି କ୍ଷମତାକୁ ଜାବୁଡି ଧରିଛନ୍ତି। ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କ୍ଷମତାରେ ରହିବ ପାଇଁ ସମସ୍ତ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ କେତେବେଳେ ବିଜେପି ତ କେତେବେଳେ ଆର୍‌ଜେଡ଼ି ସହିତ ସାଲିସ କରୁଛନ୍ତି। ଯେଉଁ ଆର୍‌ଜେଡ଼ି ଦଳକୁ ଦୁର୍ନୀତିଗ୍ରସ୍ତ ଦଳ କହି ସରକାରରୁ ଓହରି ଆସିଥିଲେ। ପୁଣି ସେହି ଦଳ ସହିତ ଏବେ ମିଶି ସରକାର ଗଠନ କରିଛନ୍ତି। ଏହା କ'ଣ ଦେଶ ସ୍ୱାର୍ଥ ପାଇଁ ନା ନିଜର ସ୍ଥିତି ବଜାୟ ରଖିବା ପାଇଁ। ଠିକ କେଜ୍ରିବାଲ, ନୀତିଶ କୁମାର, ନବୀନ ବାବୁଙ୍କ ଭଳି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ମନେ ସେହିମାନଙ୍କ ପଦାଙ୍କ ଅନୁସରଣ କରୁଛନ୍ତି। ରାଜନୈତିକ ଦଳମାନେ ବୁଝି ଗଲେଣି ଯେ କିଛି ଜନକଲ୍ୟାଣକାରୀ କାର୍ଯ୍ୟ ନ କରି ନିର୍ବାଚନ ସମୟରେ ଟଙ୍କା ମଦ ଓ କିଛି ଲୋଭନୀୟ ସାମଗ୍ରୀ ବାଣ୍ଟି ଦେଲେ ନିର୍ବାଚନ ବୈତରଣୀ ପାର ହୋଇ ଯିବ। କ୍ଷମତାରେ ରହିବ ପାଇଁ ଯେଉଁ ଭଳି ରାଜନୈତିକ ଦଳ ଗୁଡ଼ିକ କୋଟି କୋଟି ଟଙ୍କା ରାଜକୋଷରୁ ବର୍ବାଦ କରି ନିଜ ଭିତରେ ପ୍ରତିଯୋଗିତା କରିଚାଲିଛନ୍ତି ସେଥିରେ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତା ପ୍ରକଟ କରିଛନ୍ତି। ତାହେଲେ ଆପଣମାନେ କୁହନ୍ତୁ ଆଜିର ରାଜନୀତି ସତ୍ତା ପାଇଁ ନା ଦେଶର ପ୍ରଗତି ପାଇଁ।

# ସେବା ଓ ଶାନ୍ତିର ଦେବୀ- ମଦର ଟେରେସା

ସୁସ୍ଥ, ପୀଡିତ, ଦଃଖି ଓ ରଙ୍କି ମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ। ଏହି ପ୍ରବୃତି ଯେଉଁ ପୁରୁଷ ଓ ନାରୀମାନଙ୍କଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହି ଭଳି ଜଣେ ସେବା ଓ ଶାନ୍ତିର ଦେବୀ। ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ। ସେ ସମସ୍ତ ବିକାର ଓ ଘୃଣାକୁ ଭୁଲି ଲାଗି ପଡନ୍ତି ପିଡୀତର ସେବାରେ। ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗିର ସେବା କରନ୍ତି। ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ(ୟୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହ କରିଥିଲେ। ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥିଲିକ ଖ୍ରୀଷ୍ଟିୟାନ। ସେମାନଙ୍କ ପାଞ୍ଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତଥିଲେ। ବଡ ପୁତ୍ର ଲାଜର, ମଧ୍ୟମକନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା)।

ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିଦ୍ ଓ ରାଜନୀତି ସଚେତନ ବ୍ୟକ୍ତି। ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା। ବିଧବା ମାଆ ବହୁ ବାଧାବିଘ୍ନ ସ୍ୱତେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ। ଦାରିଦ୍ର ଜାଲ ଜନିତ ସମସ୍ତ ଦୁଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ। ଘର କାମରେ ସେ ମାଆଙ୍କୁ ସର୍ବଦା ସାହଯ୍ୟ କରୁଥିଲେ। ସେ ଛୋଟବେଳରୁ ସତ୍ୟ, ଶାନ୍ତି,ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ। ନିୟମିତ ଗିର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରିଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତି ଦିନ କାମ।

ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା। ମାତାଙ୍କ ଅନୁମତି ନେଇ ସେ ଲୋରେଟୋ ସିଷ୍ଟରମାନଙ୍କ ସହ ଯୋଗ ଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରର୍ଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗ ଦେଇ ନନ୍ ତାଲିମ ନେଲେ। ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ। ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମ କରଣ କରାଗଲା ସିଷ୍ଟର ଟେରେସା।



**ଅକ୍ଷୟ କୁମାର ରାଉତ**

୧୯୨୯ ମସିହାରେ ଦାର୍ଜିଲିଂଠାରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ। କିନ୍ତୁ ଦୁଃସ୍ଥ ଓ ପିଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା। ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ। ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ। ହାତରେ ପାଞ୍ଚ ଟଙ୍କା ଧରି ବସ୍ତିଲୋକଙ୍କର ସେବା ଆରମ୍ଭ କରିଦେଲେ। ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସିଂ ତାଲିମ ନେଲେ। ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ' ମିଶନାରିଜ୍ ଅଫ ଚ୍ୟାରିଟି' । ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା।

୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେ ବାସଦନ। ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶ୍ରୁଷା। ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ। ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ। ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ। ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦ ତଳେ ପଡ଼ି କ୍ଷମାଭିକ୍ଷାକଲେ। ବହୁ ଲୋକ ସହଯୋଗର ହାତ ବଢାଇଦେଲେ। ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯିଶୁଙ୍କୁ ଦେଖିଥାଆନ୍ତି। ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତ୍ତବ୍ୟ। 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନକଲେ ପ୍ରେମଦାନ ଓ ଶାନ୍ତନଗର। ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ। ମଦର ଟେରେସାଙ୍କର ସେବା କରିବାର ପରିଷର ଅତି ବ୍ୟାପକ। ଗରିବ, ଦୁଃସ୍ଥ, ବୁଭୁକ୍ଷ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଇଦୀମାନଙ୍କର ସେବା ପୁର୍ନବାସ ପାଇଁ ମଦର ଟେରେସା ଲାଗିପଡିଥିଲେ।

ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା। ମଦର ଟେରେସା ତାଙ୍କ ଅସାଧାରଣ ସେବା କାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା 'ରାମୋନ୍ ମାଗ୍‌ସେସେ ପୁରସ୍କାର'। ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ ଢଢଓଓ ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆୱାର୍ଡ'' 'ଜନ୍ ଏଫ. କେନେଡି ଇନଟରନେସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', 'ଟେମ୍ପଲ୍‌ଟନ୍ ପୁରସ୍କାର', 'ମେଟେର୍ ଏଟ୍ ମାଜିଷ୍ଟ୍ରା ଆୱାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ ଫ୍ରାନ୍‌ସିସ୍ ଅଫ୍ ଆସ୍କିସି' ପୁରସ୍କାର ପାଇଥିଲେ। ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତାପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇଲେ। କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରଖରେ ମଦର ଟେରେସାଙ୍କୁ ନ୍ତ ଆଲବେନିଆ ସ୍ୱର୍ଣ୍ଣ ସମ୍ମାନନ୍ତ ପ୍ରଦାନ କରିଥିଲେ। ୧୯୯୬ ମସିହରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ। ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା। ଟେରେସାଙ୍କୁ 'ମିଶନାରୀଜ୍ ଅଫ ଚାରିଟି' ର ହେଡକ୍ୱାଟର'ମଦର ହାଉସକୁ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ମହାନ୍ ରଷିଗଣ



ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି ଯେ ଯାହାର ମନ ଦୁଃଖରେ ବିଚଳିତ ହୁଏ ନାହିଁ, ଯିଏ ସୁଖର ଇଚ୍ଛା କରିନଥାଏ। ଯିଏ ଦ୍ୱେଷ, ଭୟ ଏବଂ କ୍ରୋଧରୁ ମୁକ୍ତ ରହିଥାଏ, ସେପରି ନିଶ୍ଚଳ ବୁଦ୍ଧିସମ୍ପନ୍ନ ମନୁଷ୍ୟ ମୁନି ବା ଋଷି ବୋଲାଇବାର ଯୋଗ୍ୟ । ସନ୍ଥ, ସାଧୁ, ଋଷି, ଯତି, ତପସ୍ୱୀ, ଭିକ୍ଷୁ, ଶ୍ରମଣ ଆଦି ଅନେକ ନାମ ରହିଥିଲେ ବି ଏମାନେ ସମସ୍ତେ ଈଶ୍ୱରଙ୍କ ଅତି ନିକଟତର ବୋଲି ଶାସ୍ତ୍ରରେ ଏମାନଙ୍କ ମହିମା ବର୍ଣ୍ଣନା କରାଯାଇଛି । ଏମାନେ ସମାଜ କଲ୍ୟାଣ ପାଇଁ ବଳିଷ୍ଠ ଯୋଗଦାନ ଦେଇଛନ୍ତି । ବୈଦିକ ଏବଂ ପୌରାଣିକ କାଳରେ ଏପରି ଅନେକ ପ୍ରସିଦ୍ଧ ଋଷିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେଉଁମାନେ କୌଣସି ନା କୌଣସି କାରଣ ପାଇଁ ପ୍ରସିଦ୍ଧି ହାସଲ କରିଥିଲେ।

ମହର୍ଷି ଅଙ୍ଗିରା ଥିଲେ ଋକ୍‌ବେଦର ପ୍ରସିଦ୍ଧ ଋଷି । ସେ ବ୍ରହ୍ମାଙ୍କ ପୁତ୍ର ଥିଲେ। ତାଙ୍କ ପୁତ୍ର ବୃହସ୍ପତି ଦେବତାମାନଙ୍କର ଗୁରୁ ଥିଲେ । ଋକ୍‌ବେଦ୍‌ରେ ଉଲ୍ଲେଖ ରହିଛି ଯେ ଋଷି ଅଙ୍ଗିରା ସର୍ବପ୍ରଥମେ ଅଗ୍ନି ଉତ୍ପନ୍ନ କରିଥିଲେ।

ବିଶ୍ୱାମିତ୍ରଙ୍କୁ ଗାୟତ୍ରୀ ମନ୍ତ୍ରର ପ୍ରଣେତା ବୋଲି କୁହାଯାଏ । ବେଦମନ୍ତ୍ରର ସର୍ବପ୍ରଥମ ଦ୍ରଷ୍ଟାଙ୍କ ମଧ୍ୟରେ ତାଙ୍କୁ ଗଣନା କରାଯାଇଥାଏ । ଆୟୁର୍ବେଦାଚାର୍ଯ୍ୟ ସୁଶ୍ରୁତ ତାଙ୍କର ପୁତ୍ର ଥିଲେ । ବିଶ୍ୱାମିତ୍ରଙ୍କ ପରମ୍ପରାରେ ଚାଲୁଥିବା ଋଷିଗଣ ତାଙ୍କ ନାମ ଧାରଣ କରିଥିଲେ । ଏହି ପରମ୍ପରା ଅନ୍ୟ ଋଷିଙ୍କ ସହିତ ମଧ୍ୟ ଚାଲିଥାଏ। ବିଶ୍ୱାମିତ୍ରଙ୍କ ଅନ୍ୟନାମ କୌଶିକ ଥିଲା । ବେଦକାଳର ଅନ୍ୟଜଣେ ପ୍ରମୁଖ ଋଷି ଥିଲେ ବଶିଷ୍ଠ । ସେ ସପ୍ତର୍ଷିଙ୍କ ମଧ୍ୟରେ ଅନ୍ୟତମ । ସେ ଋକ୍‌ବେଦର ଅନେକ ମନ୍ତ୍ର ରଚନା କରିଥିଲେ। ତାଙ୍କୁ ମଧ୍ୟ ଗାୟତ୍ରୀ ମନ୍ତ୍ରର ସାଧକ କୁହାଯାଏ । ତାଙ୍କ ପତ୍ନୀ ଦେବୀ ଅରୁନ୍ଧତୀ ବୈଦିକ କର୍ମକାଣ୍ଡରେ ତାଙ୍କର ସହଭାଗିନୀ ଥିଲେ । ମହର୍ଷି କଶ୍ୟପ ବେଦ ଏବଂ ପୁରାଣ କାଳର ମହାନ ଋଷିଙ୍କ ମଧ୍ୟରେ ପରିଗଣିତ ହୋଇଥାନ୍ତି । ସେ ମାରୀଚ ଋଷିଙ୍କ ପୁତ୍ର ଥିଲେ। ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି ଯେ ମହର୍ଷି କଶ୍ୟପଙ୍କ

# କେଶ ଝଡ଼ିବା ସମସ୍ୟାର ସମାଧାନ କରନ୍ତୁ



କେଶ ଝଡ଼ିବା ଏକ ମୁଖ୍ୟ ସମସ୍ୟା। ଆଜିକାଲି ପରିବେଶ ପ୍ରଦୂଷଣ କାରଣରୁ ପ୍ରାୟ ସବୁ ଋତୁରେ କେଶ ଝଡ଼ିଥାଏ। ଏହାକୁ ନେଇ ପୁଅରୁ ଝିଅ ପର୍ଯ୍ୟନ୍ତ ସମସ୍ତେ ଚିନ୍ତିତ ରହିବା ଏକ ସ୍ୱାଭାବିକ କଥା, କାରଣ ଆଜିକାଲି ଚନ୍ଦା ହେବାଟା ଆଉ ବଡ଼ କଥା ହୋଇ ନାହିଁ। ଯେଉଁଦିନ କେଶ ସଫା କରିବାର ଅଛି ତା'ର କିଛି ସମୟ ପୂର୍ବରୁ ପାଚିଲା କଦଳୀରେ ମହୁ ମିଶ୍ରଣ କରି ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ତାହାକୁ ନିଜ ମୁଣ୍ଡରେ ଲଗାନ୍ତୁ। ଲଗାଇବା ପରେ କଦଳୀ କେଶରେ ଶୁଖିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। କେଶ ଶୁଖିଯିବା ପରେ ମୁଣ୍ଡକୁ ସଫା କରିଦିଅନ୍ତୁ। ଏହାବ୍ୟତୀତ ଆପଣ ମହୁରେ ଲେମ୍ବୁ ରସ ମିଶାଇ ମଧ୍ୟରେ କେଶରେ ଲଗାଇ ପାରିବେ। ଏହା ଦ୍ୱାରା କେଶର ରୁକ୍ଷପଣ ଦୂର ହୋଇଥାଏ ଓ ଅପେକ୍ଷାକୃତ କେଶ ଝଡ଼ିବା କମ୍ ହୋଇଥାଏ। ଆପଣ ଲଗାଇଉଥିବା ତେଲ ବୋତଲରେ କିଛି ମେଥି ଗୁଣ୍ଡ କରି ପକାଇ ଦିଅନ୍ତୁ। ମେଥି ନୂଆ ଚୁଟି ଉଠାଇବାରେ ସାହାଯ୍ୟ କରିଥାଏ। ଆପଣଙ୍କର ଝଡ଼ି ଯାଇଥିବା କେଶ ସ୍ଥାନରୁ ନୂଆ କେଶ ଉଠାଇବାରେ ମେଥି ବିଶେଷ ସହାୟକ ହେବ। ଏହାବ୍ୟତୀତ ଆପଣ ନିଜ କେଶକୁ ଯେତେ ମଳିଧୂଳିଠାରୁ ଦୂରରେ ରଖିପାରିବେ। ସପ୍ତାହକୁ ଅତିକମ୍‌ରେ ୨ ଥର ମୁଣ୍ଡ ଧୋଇବା ଅଭ୍ୟାସ କରନ୍ତୁ।



# ମା' ସରସ୍ୱତୀଙ୍କ ଆବିର୍ଭାବ କାହାଣୀ



ପୁରାଣ ଅନୁସାରେ, ସୃଷ୍ଟି ଆରମ୍ଭ ବେଳେ ଭଗବାନ ବିଷ୍ଣୁଙ୍କ ଠାରୁ ଆଜ୍ଞା ପାଇ ସୃଷ୍ଟିକର୍ତ୍ତା ବ୍ରହ୍ମା ମନୁଷ୍ୟ ଯୋନିର ରଚନା କରିଥିଲେ। କିନ୍ତୁ ବ୍ରହ୍ମା ନିଜର ସର୍ଜନାରେ ସନ୍ତୁଷ୍ଟ ନଥିଲେ। କାରଣ କାହାର ବି ବାକ୍ ଶକ୍ତି ନଥିଲା । ତେଣୁ ସାରା ବିଶ୍ୱ ବ୍ରହ୍ମାଣ୍ଡ ଥିଲା ନିରବ, ନିସ୍ତବ୍ଧ । ଅନେକ ଚିନ୍ତା କରିବା ପରେ ବ୍ରହ୍ମା ନିଜ କମଣ୍ଡଳୁ ଜଳ ପୃଥିବୀ ଉପରେ ଛିଞ୍ଚିଥିଲେ, ଫଳରେ ପୃଥିବୀରେ କମ୍ପନ ହେବା ସହ ଅଦ୍ଭୁତ ଶକ୍ତି ରୂପରେ ଚର୍ତୁଭୁଜ ବିଶିଷ୍ଟ ସୁନ୍ଦର ନାରୀ ପ୍ରକଟ ହୋଇଥିଲେ। ତାଙ୍କର ଗୋଟିଏ ହାତରେ ଥିଲା ବୀଣା ଏବଂ ଅନ୍ୟ ହାତ ଆଶୀର୍ବାଦ ମୁଦ୍ରାରେ ରହିଥିଲା। ସେହିଭଳି ଅନ୍ୟ ଦୁଇ ହସ୍ତରେ ସେ ପୁସ୍ତକ ଏବଂ ମାଳି ଧାରଣ କରିଥିଲେ।



ଦେବୀଙ୍କୁ ବ୍ରହ୍ମା ବୀଣା ବାଦନ କରିବାକୁ କହିଲେ। ଏହାପରେ ଦେବୀ ସରସ୍ୱତୀଙ୍କ ବୀଣାର ମଧୁର ଧ୍ୱନିରୁ ସଂସାରର ସମସ୍ତ ଜୀବଜନ୍ତୁଙ୍କୁ ବାଣୀ ବା ବାକ୍ ଶକ୍ତି ପ୍ରାପ୍ତ ହୋଇଥିଲା। ନଦୀ, ଝରଣା ସବୁ କଳ କଳ ନାଦରେ ବହିବାକୁ ଲାଗିଲେ। ପ୍ରକୃତିର ଅପରୂପ ଶୋଭାରେ ହସି ଉଠିଲା ସାରା ସଂସାର। ତେଣୁ ବ୍ରହ୍ମା ସନ୍ତୁଷ୍ଟ ହୋଇ ଏହି ସୁନ୍ଦରୀ ନାରୀଙ୍କ ନାମ ଦେଇଥିଲେ ସରସ୍ୱତୀ। ପୁରାଣ ଅନୁଯାୟୀ, ଭଗବାନ ଶ୍ରୀବିଷ୍ଣୁ ମା' ସରସ୍ୱତୀଙ୍କ ଉପରେ ଖୁସି ହୋଇ ବସନ୍ତ ପଞ୍ଚମୀ ଦିନକୁ ସରସ୍ୱତୀଙ୍କ ଜନ୍ମ ଦିବସ ଭାବେ ପାଳନ କରିବାକୁ ବରଦାନ ଦେଇଥିଲେ। ମାନ୍ୟତା ରହିଛି, ଏହିଦିନ କାମଦେବ ପତ୍ନୀ ରତିଙ୍କ ସହ ପୃଥିବୀପୃଷ୍ଠକୁ ଆସିଥାନ୍ତି। ଏଣୁ ଯେଉଁ ପତ୍ନିପତ୍ନୀ ଏହି ଦିନ କାମଦେବ ଓ ରତିଙ୍କୁ ପୂଜା କରିଥାନ୍ତି, ସେମାନଙ୍କ ବୈବାହିକ ଜୀବନ ଖୁସିରେ କଟିଥାଏ। ଏହି ଦିନ ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ପୂଜା କରିବା ବିଧି ରହିଛି।

# ଶ୍ରୀଗଣେଶ ଓ ଶ୍ରୀବିଷ୍ଣୁଙ୍କ ପୃଷ୍ଠଭାଗ ଦର୍ଶନ ବର୍ଜିତ କାହିଁକି ?

ଆମ ପରମ୍ପରାରେ ଦେବାଦେବୀଙ୍କ ଦର୍ଶନ କରିବା ଶୁଭ ବୋଲି ଗ୍ରହଣ କରାଯାଇଛି। ଦର୍ଶନ ମାତ୍ରକେ ଆମର ପାପ କ୍ଷୟ ହୋଇଥାଏ ବୋଲି ମଧ୍ୟ ମାନ୍ୟତା ରହିଛି। ତେବେ ଭଗବାନ୍ ଗଣେଶ ଏବଂ ବିଷ୍ଣୁଙ୍କୁ ପୃଷ୍ଠ ଭାଗରୁ ଦର୍ଶନକୁ ବର୍ଜିତ କରାଯାଇଛି ? ଗଣେଶ ଏବଂ ବିଷ୍ଣୁ ଉଭୟ ହେଉଛନ୍ତି ସମସ୍ତ ସୁଖ ପ୍ରଦାନକାରୀ ଦେବତା। ଭକ୍ତଙ୍କର ସମସ୍ତ ଦୁଃଖ ନିବାରଣ କରି ଶତ୍ରୁ ବିନାଶ କରିଥାନ୍ତି । ତେଣୁ ପ୍ରତିଦିନ ଗଣେଶ ଏବଂ ବିଷ୍ଣୁଙ୍କ ଦର୍ଶନ କରିବା ଶୁଭ । ଏହାଦ୍ୱାରା ମଧ୍ୟ ଆମର ମନ ଶାନ୍ତ ରହିଥାଏ। କାର୍ଯ୍ୟରେ ସଫଳତା ପାପ୍ତି ହୁଏ। ଗଣେଶ ଠାକୁରଙ୍କୁ ରିଦ୍ଧି ଏବଂ ସିଦ୍ଧିଦାତା କୁହାଯାଏ। ଗଣେଶଙ୍କ ଶରୀରରେ ଜୀବନ ଏବଂ ବ୍ରହ୍ମାଣ୍ଡ ସହ ଯୋଡ଼ା ସମସ୍ତ ଅଙ୍ଗର ନିବାସ। ଗଣେଶଙ୍କ ଶୁଣ୍ଢରେ ଧର୍ମ ବିଦ୍ୟମାନ। କାନରେ ରୁଚି। ବାମ ହସ୍ତରେ ଅନ୍ନ, ଡାହାଣ ହସ୍ତରେ ବର ରହିଛି। ପେଟରେ ସମୃଦ୍ଧି, ନାଭିରେ ବ୍ରହ୍ମାଣ୍ଡ। ଚକ୍ଷୁରେ ଲକ୍ଷ୍ୟ, ପାଦରେ ସାତଲୋକ ରହିଥିବା ବେଳେ ମସ୍ତକରେ ବ୍ରହ୍ମଲୋକ ବିଦ୍ୟମାନ। ଗଣେଶଙ୍କୁ ସମ୍ମୁଖ ଭାଗରୁ ଦର୍ଶନ କରିବା ମାନେ ଉପରୋକ୍ତ ସମସ୍ତ ସୁଖଶାନ୍ତି ଏବଂ ସମୃଦ୍ଧି ପ୍ରାପ୍ତ କରିବା। କିନ୍ତୁ ତାଙ୍କର ପୃଷ୍ଠଭାଗରେ ରହିଛି ଦରିଦ୍ର୍ୟ। ତେଣୁ ପୃଷ୍ଠଭାଗରୁ ଦର୍ଶନ ବର୍ଜିତ ବୋଲି ବିଶ୍ୱାସ ରହିଛି । ସେହିପରି ଭଗବାନ ବିଷ୍ଣୁଙ୍କ ପୃଷ୍ଠ ଭାଗ ଦର୍ଶନ କରିବା ଅଧର୍ମ ବୋଲି ବିଚ୍ଚର କରାଯାଏ। ମାନ୍ୟତା ଅନୁଯାୟୀ, ଯେଉଁ ବ୍ୟକ୍ତି ବିଷ୍ଣୁଙ୍କୁ ପୃଷ୍ଠଭାଗରୁ ଦର୍ଶନ କରନ୍ତି ତାହାର ସମସ୍ତ ପୁଣ୍ୟ ନଷ୍ଟ ହୋଇଯାଏ।

## କୁକୁଡ଼ା ଦ୍ୱୀପ

ହୱାଇ ଅନ୍ତର୍ଗତ କଓ୍ୱାଇକୁ ଏବେ କୁହାଯାଉଛି 'କୁକୁଡ଼ା ଦ୍ୱୀପ'। କାରଣ ଏହି ଛୋଟିଆ ଦ୍ୱୀପରେ ଏବେ ଜଙ୍ଗଲୀ କୁକୁଡ଼ାଙ୍କ ସଂଖ୍ୟା ମଣିଷଙ୍କଠାରୁ ଅଧିକ ହୋଇଗଲାଣି। ସାଧାରଣତଃ ଜଙ୍ଗଲୀ କୁକୁଡ଼ା ରାତ୍ରିଚର; ତେବେ, ଏଗୁଡ଼ିକ ଦିବାଚର। ଏମାନଙ୍କ ସଂଖ୍ୟା ଆଉ ଜଙ୍ଗଲ ଭିତରେ ସୀମିତ ହୋଇରହିନାହିଁ। ଗ୍ୟାସ୍ ଫିଲିଂ ଷ୍ଟେସନଠାରୁ ଆରମ୍ଭ କରି ସ୍ଥାନୀୟ ବିମାନ ବନ୍ଦର, ବେଳାଭୂମି, ରାସ୍ତା-ଘାଟ ସବୁଆଡ଼େ ଏଗୁଡ଼ିକ ଆଖିରେ ପଡ଼ୁଛନ୍ତି। କଓ୍ୱାଇ ଦ୍ୱୀପ ହଜାରେ ବର୍ଷରୁ ଅଧିକ କାଳ ହେଲା, ଜଙ୍ଗଲୀ କୁକୁଡ଼ାଙ୍କ ବାସସ୍ଥାନ। ସ୍ଥାନୀୟ ଭାଷାରେ ଏହାର ନାମ- 'ମୋଆ'। 'ମୋଆ'ଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି। ଏହାର ଏକାଧିକ କାରଣ। ପ୍ରଥମ କାରଣ ହେଲା, ଦ୍ୱୀପରେ କୁକୁଡ଼ା ଶିକାରୀ ପ୍ରାଣୀ ନାହାନ୍ତି। କଓ୍ୱାଇବାସୀ ଜଙ୍ଗଲୀ କୁକୁଡ଼ା ଖାଆନ୍ତିନାହିଁ। କାରଣ ଏହାର ମାଂସ ସ୍ୱାଦିଷ୍ଟ ନୁହେଁ। ପୁଣି, ଯେତେ ସମୟ ସିଝାଇଲେ ବି ନରମ ହୁଏନାହିଁ। ତେଣୁ, ମଣିଷଙ୍କ ଖାଦ୍ୟ ମଧ୍ୟ ନୁହେଁ। 'ମୋଆ'ର ଅଣ୍ଡା ଖାଦ୍ୟ ଉପଯୋଗୀ ନୁହେଁ। ହେଲେ, ମାଈ 'ମୋଆ' ଅତି ଘଞ୍ଚ ସ୍ଥାନରେ ଲୁଚେଇ ଅଣ୍ଡା ଦେଉଥିବାରୁ, ତାହା ସହଜରେ ମଣିଷ ଆଖିରେ ପଡ଼େନାହିଁ। ତେଣୁ, ଶହ ଶହ ଚିଆଁ ଦିବାଲୋକ ଦେଖୁଛନ୍ତି ଏବଂ ସଂଖ୍ୟା ବଢ଼ିଚାଲିଛି।





## ମା' ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବାର ଉପାୟ

- ମାଘ ପୂର୍ଣ୍ଣିମା ଦିନ ଗଙ୍ଗାରେ ସ୍ନାନ କରିବା ଦ୍ୱାରା ଭଗବାନ ବିଷ୍ଣୁଙ୍କ ସହିତ ମାତା ଲକ୍ଷ୍ମୀଙ୍କ ଆଶୀର୍ବାଦ ମଧ୍ୟ ପ୍ରାପ୍ତ ହୋଇଥାଏ। ଏହା ସହିତ ଧନ-ସମୃଦ୍ଧତା ଏବଂ ସୁଖ-ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହୁଏ।
- ଏହି ଦିନ ଦେବୀ ଲକ୍ଷ୍ମୀଙ୍କ ମନ୍ତ୍ର ଜପ କଲେ ଧନ ବୃଦ୍ଧି ପୋଇଥାଏ । ପରିବାର ମଧ୍ୟ ଖୁସିରେ ରୁହନ୍ତି । ଦେବୀ ଲକ୍ଷ୍ମୀଙ୍କ ସହିତ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ଏହି ଦିନ ପୂଜା କରାଯିବା ଉଚିତ।
- ଏହି ଦିନ ଦେବୀ ଲକ୍ଷ୍ମୀଙ୍କୁ ହଳଦିଆ ଏବଂ ଲାଲ ରଙ୍ଗର ସାମଗ୍ରୀ ଅର୍ପଣ କରାଯିବା ଉଚିତ। ଏହା ବ୍ୟତୀତ ସେ ଦେବୀ ଲକ୍ଷ୍ମୀଙ୍କୁ କ୍ଷୀର ଅର୍ପଣ କଲେ ପ୍ରସନ୍ନ ହୁଅନ୍ତି। ଏହାଦ୍ୱାରା ମନୋସ୍କାମନା ପୂର୍ଣ୍ଣ ହୋଇଥାଏ।
- ମାଘ ପୂର୍ଣ୍ଣିମାରେ ତେଲ, ଘିଅ, ଗୁଡ଼, ଲୁଣ, କମ୍ବଳ, ପୋଷାକ, ପାଞ୍ଚ ପ୍ରକାରର ଶସ୍ୟ ଏବଂ ଗୋ ଦାନ କରିବା ଦ୍ୱାରା ଅନେକ ଗୁଣ ଅଧିକ ପୁଣ୍ୟ ମିଳିଥାଏ।
- ଆର୍ଥିକ ସମସ୍ୟା ଦୂର କରିବା ପାଇଁ, ଏହି ଦିନ ୧୧ଟି କଉଡିକୁ ହଳଦିଆ ରଙ୍ଗରେ ରଙ୍ଗ ଦେଇ ଦେବୀ ଲକ୍ଷ୍ମୀଙ୍କୁ ଅର୍ପଣ କରନ୍ତୁ। ଏହା ପରେ ଏହାକୁ ଏକ ନାଲି କପଡ଼ାରେ ବାନ୍ଧି ସିନ୍ଧୁକ କିମ୍ବା ଅର୍ଥ ରଖୁଥିବା ସ୍ଥାନରେ ରଖନ୍ତୁ ।
- ମାଘ ପୂର୍ଣ୍ଣିମା ଦିନ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରିବା ପରେ ଶ୍ରୀସୂକ୍ତ ପାଠ କରିବା ଲାଭଦାୟକ ଅଟେ। ଏହା କରିବା ଦ୍ୱାରା, ମା ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ଏବଂ ସୁଖ ଏବଂ ସମୃଦ୍ଧିତା ଆଶୀର୍ବାଦ କରନ୍ତି । ଏହା ବ୍ୟତୀତ, ତୁଳସୀ ଗଛ ମୂଳେ ଘିଅଦୀପ ଜାଳିବା ଦ୍ୱାରା ମା' ଲକ୍ଷ୍ମୀଙ୍କ ବିଶେଷ ଆଶୀର୍ବାଦ ପ୍ରାପ୍ତ ହୁଏ।
- ଏହି ପୂର୍ଣ୍ଣିମା ଦିନ, ଚନ୍ଦ୍ର ଦେବତାଙ୍କୁ କ୍ଷୀର ଅର୍ପଣ କରିବା ଚନ୍ଦ୍ର ଗ୍ରହକୁ ମଜଭୁତ ହୋଇଥାଏ। ଏହା ସହିତ ଆର୍ଥିକ ସମସ୍ୟାର ମଧ୍ୟ ସମାଧାନ ହୁଏ।

# ଧର୍ମରାଜ୍ୟ ସ୍ଥାପନ କରିଥିଲେ ଶ୍ରୀକୃଷ୍ଣ



ଧର୍ମାତ୍ମା ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କ ପାଇଁ ଧର୍ମଆଚରଣର ଚିହ୍ନ ଅଙ୍କିତ କରିଚାଲିବ । ସେ ବ୍ୟକ୍ତିଗତ ଜୀବନରେ ଅନ୍ୟାୟ କରିବ ନାହିଁ କିମ୍ବା ଅନ୍ୟାୟ ସହିବ ନାହିଁ । ସେ ସାମାଜିକ ଜୀବନରେ ମଧ୍ୟ କୌଣସି ଅନ୍ୟାୟ କରିବ ନାହିଁ । ଯେଉଁ ଦିଗରେ ଅନ୍ନ, ବସ୍ତ୍ର, ଶିକ୍ଷା, ଚିକିତ୍ସାର ବ୍ୟବସ୍ଥା ଥିବ ସେ ସେହି ଦିଗ ପ୍ରତିଗୁରୁତ୍ୱଦେବ । ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଅବତାର ନେଇଥିଲେ । ସେ ସମୟରେ ସାରା ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ରହିଥିଲା। ଛୋଟ ଛୋଟ ରାଜ୍ୟ କେବଳ ପରସ୍ପର ସହ କ୍ଷମତା ପାଇଁ ସଂଘର୍ଷ କରୁଥିଲେ। ଚାରିଆଡ଼େ ଅଧର୍ମ ଖେଳିଯାଇଥିଲା। କେହି କାହାରିକୁ ସହିପାରୁନଥିଲେ। ଯୁଦ୍ଧ ଏବଂ ସଂଘର୍ଷରେ ସର୍ବଦା ବ୍ୟସ୍ତ ରହୁଥିବାରୁ ଲୋକ କଲ୍ୟାଣ ପାଇଁ ରାଜାମାନେ ଗୁରୁତ୍ୱ ଦେଉନଥିଲେ । ତତ୍‌କାଳୀନ ରାଜାମାନେ ସାମ୍ରାଜ୍ୟବିସ୍ତାର ଲାଳସାରେ ନାନା ଅଧର୍ମ କରୁଥିଲେ । ସର୍ବଦା ଯୁଦ୍ଧ ଲାଗି ରହୁଥିବାରୁ ଧନଜୀବନ ବିପନ୍ନ ହେଉଥିଲା । ବଡ଼ ରାଜାମାନେ ଅତ୍ୟାଚାରୀ ହୋଇପଡ଼ିଥିଲେ। ଛୋଟ ରାଜାମାନେ ଆତ୍ମରକ୍ଷା କରିବାରେ ଅସମର୍ଥ ଥିଲେ, ତେଣୁ ଜନକଲ୍ୟାଣ କରିବା ମଧ୍ୟ ସେମାନଙ୍କ ସାମର୍ଥ୍ୟ ବାହାରେ ଥିଲା । ତେଣୁ ସମସ୍ତଙ୍କୁ ଏକ ଗୋଟିଏ ସୂତ୍ରରେ ବାନ୍ଧି ଧର୍ମରାଜ୍ୟ ସ୍ଥାପନ କରିବା ଜରୁରୀ ହୋଇପଡ଼ିଥିଲା। ଖଣ୍ଡ ଖଣ୍ଡ ହୋଇ ବିଭାଜିତ ଭାରତକୁ ଏକତ୍ର କରିବା, ଏବଂ ଏକ ସ୍ୱୟଂସମ୍ପୂର୍ଣ୍ଣ ରାଷ୍ଟ୍ର ନିର୍ମାଣ କରି ମନୁଷ୍ୟଜାତିକୁ ଏକ ନୂତନ ପଥ ଦେଖାଇବା ଉଦ୍ଦେଶ୍ୟରେ ଭଗବାନ ଶ୍ରୀକୃଷ୍ଣ ଗୁରୁଦାୟିତ୍ୱ ବହନ କରିଥିଲେ।

ସେ ପ୍ରଥମେ ସମସ୍ତ ଧର୍ମବୁଦ୍ଧି ସମ୍ପନ୍ନ ରାଜା ଏବଂ ସାଧାରଣ ଜନତାଙ୍କୁ ଏକତ୍ର କରିବାର ପ୍ରୟାସ କରିଥିଲେ । ଅଙ୍ଗ, ବଙ୍ଗ, କଳିଙ୍ଗ, ସୌରାଷ୍ଟ୍ର, ମଗଧ ଆଦି ଛୋଟ ଛୋଟ ରାଜ୍ୟକୁ ଗୋଟିଏ ସାମ୍ରାଜ୍ୟ ଅଧୀନକୁ ଆଣି ଏକ ଧର୍ମରାଜ୍ୟ ପ୍ରତିଷ୍ଠା କରିବା ଲାଗି ପ୍ରୟାସ କରିଥିଲେ। ଏହାଦ୍ୱାରା ରାଜାମାନେ ଏକତ୍ରିତ ହୋଇଥିଲେ । ନୂଆ ଆଦର୍ଶ ନେଇ ଆସିବାରୁ କିଛି ଲୋକ ଶ୍ରୀକୃଷ୍ଣଙ୍କ ସମର୍ଥନ କଲେ ଏବଂ ଅନ୍ୟ କିଛି ଲୋକ ତାଙ୍କୁ ଘୋର ବିରୋଧ କଲେ । ଏହାପରେ ଶ୍ରୀକୃଷ୍ଣ ମହାଭାରତ ଭଳି ମହାଯୁଦ୍ଧର ସର୍ଜନା ଆରମ୍ଭ କଲେ। ଅଧର୍ମୀଙ୍କ ବିନାଶ କରିବା ସହ ଧର୍ମ ପ୍ରତିଷ୍ଠା କରିବା ଏବଂ ଜନକଲ୍ୟାଣ ପାଇଁ ସମୃଦ୍ଧ ରାଷ୍ଟ୍ରଗଠନ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା।

## ସର୍ବୋଚ୍ଚ ମହାଦେବ ମୂର୍ତ୍ତି

ନେପାଳର ରାଜଧାନୀ କାଠମାଣ୍ଡୁଠାରୁ ୨୦କିଲୋମିଟର ଦୂର ସାଙ୍ଗାଠାରେ ଥିବା କୈଳାସନାଥ ମହାଦେବ ମୂର୍ତ୍ତି ବିଶ୍ୱର ସର୍ବୋଚ୍ଚ ମହାଦେବ ମୂର୍ତ୍ତି ଭାବେ ପରିଚିତ। ତମ୍ବା, ଜିଙ୍କ୍, କଂକ୍ରିଟ ଏବଂ ଷ୍ଟିଲ୍‌ରେ ତିଆରି ଏହି ମୂର୍ତ୍ତି ୧୪୩ ଫୁଟ ଉଚ୍ଚ। ଆଉ କିଛି ମାସ ପରେ ଭାରତ ଏହି ରେକର୍ଡର ଅଧିକାରୀ ହେବାକୁ ଯାଉଛି। ରାଜସ୍ଥାନର ନାଥଦ୍ୱାରାଠାରେ ୩୫୧ ଫୁଟ ଉଚ୍ଚ ମହାଦେବଙ୍କ ବିଶାଳକାୟ ମୂର୍ତ୍ତି ନିର୍ମାଣ କରାଯାଉଛି। ଏହା ଷ୍ଟାଚ୍ୟୁ ଅଫ୍ ଲର୍ଡ ଶିବ ଧୁଲିଲାଲ୍ ଏବଂ ଷ୍ଟାଚ୍ୟୁ ଅଫ୍ ବିଲିଫ୍ ଭାବେ ପରିଚିତ ହେବ। ଉଦୟପୁରଠାରୁ ୫୦ କିଲୋମିଟର ଦୂରରେ ଥିବା ଗଣେଶ ଟେକରୀଠାରେ ଏହି ମୂର୍ତ୍ତି ନିର୍ମାଣ ଚାଲିଛି। ୨୦୧୨ରୁ ମୂର୍ତ୍ତି ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଏହା ଚାରିପଟେ ପ୍ରାୟ ୩୦୦ବର୍ଗଫୁଟ ଅଞ୍ଚଳରେ ଏକ ସୁଶୋଭିତ ଉଦ୍ୟାନ କରାଯିବ।



### ବରୀ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ହଲଚଲ

# ଜେନ-ଜି ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ସାଜିଛନ୍ତି ରତିକାନ୍ତ ରାଜବଂଶୀ

ବରୀ ବିଜେପିର ଗଡ଼ କୁହାଯାଉଥିବା ବରୀ ନିର୍ବାଚନ ମଣ୍ଡଳୀରେ ଅନେକ ବରିଷ୍ଠ ଓ ପ୍ରଭାବଶାଳୀ ନେତା ଥିବା ସତ୍ତ୍ୱେ, ବର୍ତ୍ତମାନର ଯୁବପିଢ଼ି ତଥା ଜେନ-ଜି ମଧ୍ୟରେ ରତିକାନ୍ତ ରାଜବଂଶୀଙ୍କୁ ନେଇ ଏକ ଅଭୁତପୂର୍ବ କ୍ରେଜ୍ ବା ପାଗଳପନ ଦେଖିବାକୁ ମିଳିଛି। ଏହାର ସବୁଠାରୁ ବଡ଼ କାରଣ ହେଉଛି ରାଜବଂଶୀ ପରିବାରର ସ୍ୱଚ୍ଛ ଭାବମୂର୍ତ୍ତି ଏବଂ ସେମାନଙ୍କର ପ୍ରାୟ ୪୦ ବର୍ଷର ଅପରାଜେୟ ରାଜନୈତିକ ଟ୍ରାକ୍ ରେକର୍ଡ। ମାତ୍ର ୧୮ ବର୍ଷ ବୟସରେ 'ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜି'ର ସଭାପତି ଭାବେ ନିର୍ବାଚିତ ହୋଇ ନିଜର ଛାତ୍ର ରାଜନୀତି କ୍ୟାରିୟର ଆରମ୍ଭ କରିଥିବା ରତିକାନ୍ତ, ଆଜି ଜଣେ ପରିପକ୍ୱ ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତା ଭାବେ ଉଭା ହୋଇଛନ୍ତି। ସାଧାରଣତଃ ଆଜିକାଲିର ରାଜନୀତିରେ ଉଚ୍ଚଶିକ୍ଷିତ ବ୍ୟକ୍ତିତ୍ୱ ବିରଳ ମନେହେଉଥିବା ବେଳେ, ରତିକାନ୍ତଙ୍କର ଫାଇନାନ୍ସ କ୍ଷେତ୍ରରେ ପିଏଚ୍‌ଡି ଭଳି ଏକ ସୁଦୃଢ଼ ଶୈକ୍ଷିକ ଯୋଗ୍ୟତା ରହିଛି, ଯାହା ଅଞ୍ଚଳର ଶିକ୍ଷିତ ଓ ବୁଦ୍ଧିଜୀବୀ ମହଲକୁ ତାଙ୍କ ପ୍ରତି ବେଶ୍ ଆକୃଷ୍ଟ କରୁଛି। କେବଳ ସେତିକି ନୁହେଁ, ସୋସିଆଲ ମିଡିଆରେ ମଧ୍ୟ ତାଙ୍କର ଦେଖିବାକୁ ମିଳିଛି ପ୍ରଭାବଶାଳୀ ଉପସ୍ଥିତି। ତାଙ୍କର ପ୍ରତିଟି ପୋଷ୍ଟ ଓ ବାର୍ତ୍ତା କୋଟି କୋଟି ଜନତାଙ୍କ ପାଖରେ ପହଞ୍ଚି ଡିଜିଟାଲ୍ ଦୁନିଆରେ ହଲଚଲ ସୃଷ୍ଟି କରୁଛି। ୪୦ ବର୍ଷର ପାରିବାରିକ ରାଜନୈତିକ ଅଭିଜ୍ଞତା ଥାଇ ସୁଦ୍ଧା ତାଙ୍କର ଅତ୍ୟନ୍ତ ନମ୍ର, ସରଳ ସ୍ୱଭାବ ତାଙ୍କୁ ଜନସାଧାରଣଙ୍କ ସହ ସହଜରେ ଯୋଡ଼ିପାରୁଛି। ଯୁବମାନସର ନାଡ଼ିକୁ ଚିହ୍ନିପାରୁଥିବା ରତିକାନ୍ତଙ୍କ ପ୍ରତି ବରୀ ଅଞ୍ଚଳର ଏହି 'ଜେନ-ଜି' କ୍ରେଜ୍ ଆଗାମୀ ଦିନରେ ତାଙ୍କୁ ରାଜନୀତିର ଏକ ଉଚ୍ଚ ଶିଖରରେ ପହଞ୍ଚାଇବା ସହ ତାଙ୍କର



ପ୍ରଗତିର ଗତିକୁ ଆହୁରି ଦ୍ରୁତ କରିବ ବୋଲି ସ୍ପଷ୍ଟ ଅନୁମାନ କରାଯାଉଛି। ବରୀ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ହଲଚଲ: ଜେନ-ଜି ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ ସାଜିଛନ୍ତି ବିଜେପି ଯୁବ ନେତା ରତିକାନ୍ତ ରାଜବଂଶୀବରୀ ବିଜେପିର ଗଡ଼ କୁହାଯାଉଥିବା ବରୀ ନିର୍ବାଚନ ମଣ୍ଡଳୀରେ ଅନେକ ବରିଷ୍ଠ ଓ ପ୍ରଭାବଶାଳୀ ନେତା ଥିବା ସତ୍ତ୍ୱେ, ବର୍ତ୍ତମାନର ଯୁବପିଢ଼ି ତଥା ଜେନ-ଜି ମଧ୍ୟରେ ରତିକାନ୍ତ ରାଜବଂଶୀଙ୍କୁ ନେଇ ଏକ ଅଭୁତପୂର୍ବ କ୍ରେଜ୍ ବା ପାଗଳପନ ଦେଖିବାକୁ ମିଳିଛି। ଏହାର ସବୁଠାରୁ ବଡ଼ କାରଣ ହେଉଛି ରାଜବଂଶୀ ପରିବାରର ସ୍ୱଚ୍ଛ ଭାବମୂର୍ତ୍ତି ଏବଂ ସେମାନଙ୍କର ପ୍ରାୟ ୪୦ ବର୍ଷର ଅପରାଜେୟ ରାଜନୈତିକ ଟ୍ରାକ୍ ରେକର୍ଡ। ମାତ୍ର ୧୮ ବର୍ଷ ବୟସରେ 'ଇନଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜି'ର ସଭାପତି ଭାବେ ନିର୍ବାଚିତ ହୋଇ ନିଜର ଛାତ୍ର ରାଜନୀତି କ୍ୟାରିୟର ଆରମ୍ଭ କରିଥିବା ରତିକାନ୍ତ, ଆଜି ଜଣେ ପରିପକ୍ୱ ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତା ଭାବେ ଉଭା ହୋଇଛନ୍ତି। ସାଧାରଣତଃ ଆଜିକାଲିର ରାଜନୀତିରେ ଉଚ୍ଚଶିକ୍ଷିତ ବ୍ୟକ୍ତିତ୍ୱ ବିରଳ ମନେହେଉଥିବା ବେଳେ, ରତିକାନ୍ତଙ୍କର ଫାଇନାନ୍ସ କ୍ଷେତ୍ରରେ ପିଏଚ୍‌ଡି ଭଳି ଏକ ସୁଦୃଢ଼ ଶୈକ୍ଷିକ ଯୋଗ୍ୟତା ରହିଛି, ଯାହା ଅଞ୍ଚଳର ଶିକ୍ଷିତ ଓ ବୁଦ୍ଧିଜୀବୀ ମହଲକୁ ତାଙ୍କ ପ୍ରତି ବେଶ୍ ଆକୃଷ୍ଟ କରୁଛି। କେବଳ ସେତିକି ନୁହେଁ, ସୋସିଆଲ ମିଡିଆରେ ମଧ୍ୟ ତାଙ୍କର ଦେଖିବାକୁ ମିଳିଛି ପ୍ରଭାବଶାଳୀ ଉପସ୍ଥିତି। ତାଙ୍କର ପ୍ରତିଟି ପୋଷ୍ଟ ଓ ବାର୍ତ୍ତା କୋଟି କୋଟି ଜନତାଙ୍କ ପାଖରେ ପହଞ୍ଚି ଡିଜିଟାଲ୍ ଦୁନିଆରେ ହଲଚଲ ସୃଷ୍ଟି କରୁଛି। ୪୦ ବର୍ଷର ପାରିବାରିକ ରାଜନୈତିକ ଅଭିଜ୍ଞତା ଥାଇ ସୁଦ୍ଧା ତାଙ୍କର ଅତ୍ୟନ୍ତ ନମ୍ର, ସରଳ ସ୍ୱଭାବ ତାଙ୍କୁ ଜନସାଧାରଣଙ୍କ ସହ ସହଜରେ ଯୋଡ଼ିପାରୁଛି। ଯୁବମାନସର ନାଡ଼ିକୁ ଚିହ୍ନିପାରୁଥିବା ରତିକାନ୍ତଙ୍କ ପ୍ରତି ବରୀ ଅଞ୍ଚଳର ଏହି 'ଜେନ-ଜି' କ୍ରେଜ୍ ଆଗାମୀ ଦିନରେ ତାଙ୍କୁ ରାଜନୀତିର ଏକ ଉଚ୍ଚ ଶିଖରରେ ପହଞ୍ଚାଇବା ସହ ତାଙ୍କର ପ୍ରଗତିର ଗତିକୁ ଆହୁରି ଦ୍ରୁତ କରିବ ବୋଲି ସ୍ପଷ୍ଟ ଅନୁମାନ କରାଯାଉଛି।

# ମହେନ୍ଦ୍ର ମେଳା ପାଇଁ ଚଳଚଞ୍ଚଳ ପୌରାଣିକ ପୀଠ ମହେନ୍ଦ୍ରଗିରି

ପାରଳାଖେମୁଣ୍ଡି, -ଭାରତ ସରକାରଙ୍କ ରାମାୟଣ ସାରକିଟ୍‌ରେ ସ୍ଥାନ ପାଇଥିବା ପୌରାଣିକ ପୀଠ ମହେନ୍ଦ୍ରଗିରିରେ ପୁନର୍ବାର ଜୀବନ୍ତ ହେବାକୁ ଯାଉଛି ପୌରାଣିକ ପରମ୍ପରା ଓ ଆଧ୍ୟାତ୍ମିକ ଐତିହ୍ୟ ଗଜପତି ଜିଲ୍ଲାର ଗର୍ବ ଓ ଗୌରବ ଭାବେ ପରିଚିତ ମହେନ୍ଦ୍ରତନୟା ନଦୀର ଉତ୍ପତ୍ତି ସ୍ଥଳ ମହେନ୍ଦ୍ରଗିରିରେ ଆସନ୍ତା ଜୁନ୍ ୧ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ଆୟୋଜିତ ହେବ ମହେନ୍ଦ୍ର ମେଳା ।ଏହି ଆଧ୍ୟାତ୍ମିକ ମହୋତ୍ସବକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ପାଇଁ ରାଜ୍ୟ ସରକାର ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି । ଏହି ପରିପ୍ରେକ୍ଷୀରେ ଖଣି ଓ ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ସୋମବାର ମହେନ୍ଦ୍ରଗିରି ଗସ୍ତ କରି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ । ସେ ମେଳା ପାଇଁ ଚାଲିଥିବା ଭିତ୍ତିଭୂମି ବିକାଶ କାମ, ଯାତାୟାତ ବ୍ୟବସ୍ଥା ଓ ଶ୍ରଦ୍ଧାଳୁଙ୍କ ସୁବିଧା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ସାଧୁସନ୍ଥଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏହି ଅବସରରେ କଳସ ଯାତ୍ରା, ମହାଯଜ୍ଞ, ଅନ୍ନଯଜ୍ଞ ଓ ଅହୋରାତ୍ର ନାମ ସଙ୍କୀର୍ତ୍ତନ ଭଳି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଲୋକଙ୍କ ସୁବିଧା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଛି । ବିଶେଷ କରି ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ପରିବହନ ବ୍ୟବସ୍ଥାକୁ ସୁଗମ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ଏହା ସହ ପାନୀୟଜଳ, ଆଲୋକୀକରଣ, ସ୍ୱାସ୍ଥ୍ୟସେବା ଓ ପ୍ରସାଦ ସେବନ ପାଇଁ ଖାଦ୍ୟର ସୁବ୍ୟବସ୍ଥା ଉପରେ ପ୍ରଶାସନ ବିଶେଷ ଗୁରୁତ୍ୱ ଦେଉଛି ।ମହେନ୍ଦ୍ରଗିରିର ଐତିହ୍ୟ ଓ ପୌରାଣିକ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି । ପ୍ରଶାସନ ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ମହାମେଳାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା କହିଛନ୍ତି ମନ୍ତ୍ରୀ ।ଅନ୍ୟପଟେ ମହେନ୍ଦ୍ର ମେଳାକୁ ନେଇ କିଛି ଆଦିବାସୀ ସଂଗଠନଙ୍କ ବିରୋଧ ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି ଯେ, ଜିଲ୍ଲାପାଳ ମହେନ୍ଦ୍ର ଉନ୍ନୟନ କମିଟିର ଅଧ୍ୟକ୍ଷ ଭାବେ ସମସ୍ତ ଆଇନଗତ ପ୍ରସଙ୍ଗ ଉପରେ ସ୍ୱଷ୍ଟତା ଦେଇପାରିବେ । ସମସ୍ତଙ୍କୁ ସାମିଲ କରି ମେଳାକୁ ଆଗକୁ ନେବା ପାଇଁ ରାଜ୍ୟ ସରକାର ଆହ୍ୱାନ କରୁଥିବା ସେ କହିଥିଲେ । ଆପସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ପାଇଁ ପ୍ରୟାସ ଚାଲିଥିବା ଓ ଜିଲ୍ଲାପାଳଙ୍କ ବୈଠକ ପରେ ଶୀଘ୍ର ସମାଧାନ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଅଶୋକ ପାଢ଼ି, ରାଧାଚରଣ ଦାସ ମହାରାଜ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ କାମଦେବ ବଡ଼ ନାୟକ, ଶବର ସମାଜ କଲ୍ୟାଣ ସମିତିର ସଭାପତି ଦଳପତି ମଣ୍ଡଳ, ଯଜ୍ଞ ପରିଚାଳନା କମିଟି ସଭାପତି ଜୁରିଆ ଜାନି, ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ସିଦ୍ଧେଶ୍ୱର ମିଶ୍ରଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସାମାଜିକ କର୍ମୀ, ବିଜେପି ନେତା ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବିଜେଡି ପକ୍ଷରୁ ନାରୀ ଅଧିକାର ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନରେ ଯୋଗଦେଲେ ବିଧାୟକ




ପାରଳାଖେମୁଣ୍ଡି - : ସାରା ରାଜ୍ୟ ତଥା ଦେଶରେ ଆଜି ମହିଳା ନିର୍ଯାତନା ବୃଦ୍ଧି ପାଇଛି। ନିରୀ ନିର୍ଯ୍ୟାତନା ତାଲିକାରେ ଶୀର୍ଷରେ ପହଞ୍ଚି ଓଡ଼ିଶା, ବିଜେପି ସରକାରରେ ନାରୀର ସୁରକ୍ଷା ନାହିଁ । ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ଦରଦାମ ଆକାଶ ଛୁଆଁ ହୋଇଛି। ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛ ବିଜୁ ମହିଳା ଜନତା ଦଳ। ଏଥିସହ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ, ମହିଳାଙ୍କୁ ସୁରକ୍ଷା ପ୍ରଦାନ ସହ ମହିଳାଙ୍କ ନିମନ୍ତେ ନିଯୁକ୍ତି ସୃଷ୍ଟି କରିବା ଦାବିରେ ଆଜି ଗଜପତି ବିଜୁ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ହଜାର ହଜାର ମହିଳା ଓ ପୁରୁଷ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କାର୍ଯକ୍ରମରେ ବିଧାୟକ ଇଂ ରୁପେଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଜିଲ୍ଲା ବିଜେଡ଼ି ସଭାପତି ପ୍ରଦୀପ ନାୟକ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲ୍ଲା ମହିଳା ବିଜେଡ଼ି ସଭାପତି ସଂଯୁକ୍ତା ବେହେରା, କାଶୀନଗର, ଗୁମ୍ମା ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ପ୍ରମୁଖଙ୍କ ନେତୃତ୍ୱରେ ଜିଲ୍ଲାର କୌଣଅନୁକୋଣରୁ ହଜାର ହଜାର ସଂଖ୍ୟାରେ ବିଜେଡ଼ି ମହିଳା କର୍ମୀ ସାମିଲ ହୋଇଥିଲେ।

# ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ସାଲେପୁର : ସାଲେପୁର ନେମାଳ ଥାନା ଜନାର୍ଦ୍ଦନ ପୁର ଶନି ଘାଟରେ ଚିତ୍ରପ୍ରଳା ନଦୀ ରୁ ବେଆଇନ ଭାବେ ବାଲି ଉଠାଇ ଚାଲାଣ କରୁଥିବା ଏକ ଟ୍ରାକ୍ଟର ଚିତ୍ରୋପ୍ରଳା ନଦୀ କୁ ଓଲଟି ପଡିଯିବାରୁ ଡ୍ରାଇଭର ର ମୃର୍ତ୍ୟୁ ହୋଇଛି,ସୂଚନା ଅନୁଯାଇ ଚିତ୍ରୋପ୍ରଳା ନଦୀ ରୁ ଚୋରାରେ ବାଲି ଉଠାଇ ଆଣୁଥିବା ବେଳେ ଭାରସାମ୍ୟ ହରାଇ ଦକ୍ଷିଣ କେନାଲ ମଧ୍ୟ କୁ ଖସି ଓଲଟି ପଡି ଯାଇଥିଲା, ଫଳରେ ଡ୍ରାଇଭର ଡ୍ରାଇଭର ଲକ୍ଷ୍ମୀଧର ଭୋଇ ଟ୍ରାକ୍ଟର ତଳେ ଚାପି ହେଇ ରହିଥିଲେ, ସ୍ଥାନୀୟ ଲୋକ ତୁରନ୍ତ ଟ୍ରାକ୍ଟର ତଳୁ ଗୁରୁତର ଡ୍ରାଇଭର କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ସାଲେପୁର ଗୋଷ୍ଠୀ କେନ୍ଦ୍ରକୁ ନେଇଥିଲେ, ସେଠାରେ ଡକ୍ଟର ତାଙ୍କୁ ମୃତ ଘୋଷଣା କରିଥିଲେ, ମୃତ ଡ୍ରାଇଭର ଜନାର୍ଦ୍ଦନ ପୁର ପଞ୍ଚାୟତ ର କେଉଁଟିଲ ଗାଁ ର, ନେମାଳ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି, ମୃତ ଦେହକୁ ବ୍ୱେସଛଦ ପାଇଁ ପଠାଇଛି,

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଚଳ ଏସି, ଅସହ୍ୟ ଗରମକୁ ସମ୍ଭାଳିପାରୁନାହାନ୍ତି, ତ୍ରାହି ତ୍ରାହି ଡାକୁଛନ୍ତି

[illegible] ଅଚଳ ଅବସ୍ଥାରେ ପଡି ରହିଥିବାରୁ ରୋଗୀ ଓ ରୋଗୀଙ୍କ ସାହା ଭାବେ ରହୁଥିବା ଲୋକେ ତ୍ରାହି ତ୍ରାହି ଡାକ ଦେଉଛନ୍ତି । ଏହି ଚିକିତ୍ସାଳୟରେ ରୋଗୀ ସେବା କିପରି ହେଉଛି ତାହା କାହାରି ଠାରେ ଅଛପା ନୁହେଁ । ତେବେ ଏଠାରେ ଚିକିତ୍ସିତ ପାଇଁ ରହୁଥିବା ରୋଗୀଙ୍କ ଅବସ୍ଥା ଜଟିଳ ହୋଇପଡୁଛି । ଚଳିତ ବର୍ଷ ଗ୍ରୀଷ୍ମର ପ୍ରଚଣ୍ଡ ତାତି ଜାରି ରହିଛି । ଏ ମଧ୍ୟରେ ପାରା ୪୦ରୁ ଉର୍ଦ୍ଧ ମୁହାଁ ହୋଇଛି । ଏଭଳି ପରିସ୍ଥିତିରେ ସାଧାରଣ ଜନତାଙ୍କ ଠାରୁ ଧରି ସଭିଏଁ ହନ୍ତସନ୍ତ ହେଉଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ରୋଗୀ ଓ ତାଙ୍କ ସାଥିରେ ଆସୁଥିବା ସହୟାକ ବା ପରିବାର ପରିଜନ ମାନଙ୍କ ଅବସ୍ଥା ଶୋଚନୀୟ । ଏହି ଚିକିତ୍ସାଳୟରେ ଥିବା ବିଭିନ୍ନ ୱାର୍ଡ, ଶିଶୁ ଓ ପ୍ରସୂତୀ ବିଭାଗ ଏବଂ ଆଇସିୟୁରେ ଲାଗିଥିବା ଏସି କାମ କରୁନଥିବାରୁ ରୋଗୀଙ୍କ ଯନ୍ତ୍ରଣା ଦ୍ୱିଗୁଣିତ ହେଉଥିବା ଅଭିଯୋଗ ହେଉଛି । ବିଶେଷ କରି ଆଇସିୟୁ ଭଳି ସଂବେଦନଶୀଳ ବିଭାଗରେ ମଧ୍ୟ ଏସି ଅଚଳ ଥିବା ଘଟଣା ସ୍ୱାସ୍ଥ୍ୟ ସେବାର ଅବ୍ୟବସ୍ଥାକୁ ପଦାରେ ପକାଇଛି । ପ୍ରାୟତଃ ରୋଗୀଙ୍କ ପରିଜନ ମାନଙ୍କର ହାତରେ ବିଞ୍ଚଣା ରହିଥିବା ବେଳେ ସେମାନେ ରୋଗୀ ତଥା ଶିଶୁମାନଙ୍କୁ ବିଞ୍ଚୁଥିବାର ଦେଖିବାକୁ ମିଳିଛି । ଫେନ୍ ଗୁଡିକ ବୁଲୁଥିଲେ ମଧ୍ୟ ଅସହ୍ୟ ତାତି ଯୋଗୁଁ ସହ୍ୟ କରିପାରୁନାହାନ୍ତି । ଆଉ କେତେକ ରୋଗୀଙ୍କ ଲାଗି ସେମାନଙ୍କ ପରିଜନ ମାନେ ନିଜ ନିଜ ଉଦ୍ୟମରେ ଛୋଟିଆ ଟେବୁଲ୍ ଫେନ୍ କିମ୍ବା ଛୋଟିଆ କୁଲର ଜୁଗାଡ କରି ଆଣିଥିବାର ଦେଖିବାକୁ



ମିଳିଛି । ହେଲେ ଗରୀବ ଶ୍ରେଣୀର ଲୋକେ ଏ ସବୁ ନ ଆଣିପାରି ହାତ ବିଞ୍ଚଣାରେ ବିଞ୍ଚି ବିଞ୍ଚି ଥକିପଡୁଥିବାର ମଧ୍ୟ ଲକ୍ଷ୍ୟ କରାଯାଇଛି । ଏପରି ସ୍ଥଳେ ରୋଗୀଙ୍କୁ ରୋଗ ସହ ଅସହ୍ୟ ଗରମ ଏବଂ ସେମାନହ୍କ ପାଇଁ ରହୁଥିବା ସହାୟକ ତଥା ପରିଜନମାନେ ବିଞ୍ଚି ବିଞ୍ଚି ହାଲିଆ ହେଉଛନ୍ତି । ଏହି ଚିକିତ୍ସାଳୟରେ ଉଭୟ ରୋଗୀ ଓ ସେମାନଙ୍କ ପରିଜନଙ୍କ ବିକଳ ଅବସ୍ଥା ଦେଖି ଯିଏକି ବି ବିଚଳିତ ହୋଇଯାଉଛନ୍ତି । ସେପଟେ ହସ୍ପିଟାଲ କର୍ତ୍ତୃପକ୍ଷ, ସମସ୍ତ ଏସିର ରକ୍ଷଣାବେକ୍ଷଣ ପୂର୍ତ୍ତ ବିଭାଗର ଜିଡି ଶାଖା ଅଧୀନରେ ଥିବା କହି ଦାୟିତ୍ୱ ଏଡାଇ ଯାଉଥିବା ବେଳେ ସମସ୍ୟା ନେଇ ଜିଡି ବିଭାଗ ସହ ଯୋଗାଯୋଗ କରିବାକୁ ଚେଷ୍ଟା କଲେ ମଧ୍ୟ ସଠିକ୍ ପ୍ରତିକ୍ରିୟା ମିଳୁନଥିବା ଅଭିଯୋଗ ହୋଇଛି । ଗ୍ରୀଷ୍ମ ଋତୁ ପୂର୍ବରୁ ହୋଇଥିବା ପ୍ରସ୍ତୁତି ବୈଠକ ଓ ପ୍ରାକୃତିକ ବିପର୍ଯ୍ୟୟ ସମୀକ୍ଷା ବୈଠକରେ ହସ୍ପିଟାଲର ସମସ୍ତ ଏସିକୁ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଇନଥିବା ଆଲୋଚନା ହେଉଛି । ଚିକିତ୍ସାଳୟର ଏପରି ଅବ୍ୟବସ୍ଥା ସମ୍ପର୍କେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଜାଣି ପାରି ରବିବାର ରାତ୍ର ଏବଂ ସୋମବାର ମଧ୍ୟାହ୍ନ ମଧ୍ୟରେ ଦୁଇଥର ପରିଦର୍ଶନ କରିଛନ୍ତି । ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହର ପ୍ରଭାବରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଏକ ହଟ୍ ଚ୍ୟାମ୍ବରରେ ରଖାଯିବା ଭଳି ଏବଂ ବିଭିନ୍ନ ବିଭାଗର ଅବ୍ୟବସ୍ଥା ଓଇ ହସପିଟାଲର ଶୌଚାଳୟ ଗୁଡ଼ିକ ସଫା ନହୋଇ ଦୁର୍ଗନ୍ଧ ହେବା ଆଦି ଅବ୍ୟବସ୍ଥା ଦେଖି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ବିଶେଷ କରି ଶିଶୁ ବିଭାଗ ଓ ଆଇସିୟୁରେ ଏସି ଅଚଳ ଥିବା ଦେଖି ସେ ବିରକ୍ତି ପ୍ରକାଶ କରିଥିଲେ । ସଦ୍ୟଜାତ ଶିଶୁଙ୍କ ନିମନ୍ତେ ତୁରନ୍ତ ଶୀତତାପ ନିୟନ୍ତ୍ରିଣ କକ୍ଷର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶାନ୍ତନୁ ପାଢୀଙ୍କ ସହ ଆଲୋଚନା କରି ସମସ୍ତ କକ୍ଷରେ ଥିବା ସମସ୍ୟାର ସମାଧାନମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଧାୟକ । ଅପରପକ୍ଷରେ ଗତକାଲି ସନ୍ଧ୍ୟାରେ ହଠାତ ହସ୍ପିଟାଲ ପରିଦର୍ଶନ ସମୟରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବିଧାୟକଙ୍କ ତାଗିଦ ପରେ ଧର୍ମକୁ ଆଖି ଠାର ଭଳି ଶୌଚାଳୟ ଗୁଡ଼ିକ ସଫା କରାଯାଇଥିବା ବେଳେ କିଛି କିଛି କୋଠରୀର ଏସି ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବାର ଜଣାପଡିଛି ।

## 'ମୁରିବାହାଲ ବ୍ଲକର ୧୦ ଟି ଗ୍ରାମ ପଞ୍ଚାୟତ ଅଧୀନରେ ୧୩ ଟି ଗ୍ରାମକୁ "ଜନ ଭାଗିଦାରୀ ଅଭିଯାନ ଅନୁଷ୍ଠିତ "



ମୁରିବାହାଲ ତା ୨୬/୫/୨୬(, ଭଗବାନ ମହାନ୍ତି )ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକର ୧୦ ଟି ପଞ୍ଚାୟତ ଅଧୀନ ୧୩ ଟି ଗ୍ରାମରେ "ଜନ ଭାଗିଦାରୀ ଅଭିଯାନ" ଆୟୋଜିତ ହୋଇଥିଲା। ଏହି ଅଭିଯାନ ଅନ୍ତର୍ଗତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ୟାଚୁରେସନ କ୍ୟାମ୍ପ ଓ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପ୍ରଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।ଏହି ଅଭିଯାନ ମୁରିବାହାଲ ଗ୍ରାମପଞ୍ଚାୟତର ବନବହାଲ, ହଳଦୀ ଗ୍ରାମପଞ୍ଚାୟତର କର୍ଲାପିଟା, ପତ୍ରାପାଲି (ଖ) ଗ୍ରାମପଞ୍ଚାୟତର ପତ୍ରାପାଲି, ବାଙ୍କେଲ ଗ୍ରାମପଞ୍ଚାୟତର ରନାବନ୍ଧ, ଡଙ୍ଗରପଡା ଗ୍ରାମପଞ୍ଚାୟତର ଡଙ୍ଗରପଡା, ଗୁଡିଘାଟ ଗ୍ରାମପଞ୍ଚାୟତର ବାରବନ୍ଧ ଓ ବାବେଜୁରି, ବାନ୍ଦୁପଲା ଗ୍ରାମପଞ୍ଚାୟତର ଜମୁନାବାହାଲ , ଚନାବାହାଲ ଗ୍ରାମପଞ୍ଚାୟତର କୁର୍ଲୁବାହାଲ, ଇଚ୍ଛାପଡା ଗ୍ରାମପଞ୍ଚାୟତର ସର୍ଗୁଲ, ଭଣ୍ଡାରବାଞ୍ଜି ଓ କତରଲାଗା, ଏବଂ ମାଲିସିରା ଗ୍ରାମପଞ୍ଚାୟତର ଚିକିନିବାହାଲି ଗ୍ରାମରେ ଆୟୋଜିତ ହୋଇଥିଲା।ଅଭିଯାନ ସମୟରେ ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ପାନୀୟ ଜଳ, କୃଷି ଉନ୍ନତି ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଯୋଗାଣ ବିଭାଗ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡ଼ିଏସ , ପାନୀୟ ଜଳ ବିଭାଗ ସହିତ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ, ପିଇଓ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ସମନ୍ୱୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଜୁଳି କଟିଲେ ନେଟ୍‌ୱାର୍କ ଫେଲ୍



ମାଲକାନାଗିରି:ତା ୨୬/୦୫)୨୬(ମାନସ୍ ରଞ୍ଜନ୍ ନେତାମ୍)ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୯ ଅଞ୍ଚଳରେ ବିଦ୍ୟୁତ ବିଚ୍ଛେଦ ହେଲେ ମୋବାଇଲ ନେଟୱାର୍କ ସେବା ସମ୍ପୂର୍ଣ୍ଣ ଭାବେ ବ୍ୟାହତ ହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବିଶେଷ କରି ଜିଓ ନେଟୱାର୍କ ଉପରେ ନିର୍ଭରଶୀଳ ଏହି ଅଞ୍ଚଳରେ ବିଜୁଳି ଚାଲିଗଲେ ଇଣ୍ଟରନେଟ ସେବା ଅଚଳ ହୋଇପଡୁଥିବାରୁ ଶିକ୍ଷା, ବ୍ୟବସାୟ ଓ ଅନ୍‌ଲାଇନ ସେବା କାର୍ଯ୍ୟକ୍ରମ ପ୍ରଭାବିତ ହେଉଛି ଓ ବର୍ତ୍ତମାନ ଯୁକ୍ତ ଦୁଇ ନାମଲେଖା ପ୍ରକ୍ରିୟା ଅନ୍‌ଲାଇନ ମାଧ୍ୟମରେ ଚାଲୁଥିବା ବେଳେ ଛାତ୍ରଛାତ୍ରୀମାନେ ଭାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନେଟୱାର୍କ ବନ୍ଦ ହୋଇଯିବାରୁ ଫର୍ମ ପୂରଣ ସମୟରେ ପୃଷ୍ଠା ରିଫ୍ରେସ ହୋଇ ତଥ୍ୟ ନଷ୍ଟ ହେଉଛି। ଫଳରେ ପୁନର୍ବାର ସମସ୍ତ ପ୍ରକ୍ରିୟା କରିବାକୁ ପଡୁଥିବାରୁ ସମୟ ଓ ଅର୍ଥ ଉଭୟର ଅପଚୟ ହେଉଛି । ଏଥିସହ ଗ୍ରୀଷ୍ମ ଅବକାଶ ସମୟ ରେ ଅନଲାଇନ ପାଠପଢା ଓ ୟୁଟ୍ୟୁବ ମାଧ୍ୟମରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପଢାପଢି ମଧ୍ୟ ବାଧାପ୍ରାପ୍ତ ହେଉଛି । କେବଳ ଶିକ୍ଷା କ୍ଷେତ୍ର ନୁହେଁ, ଅନଲାଇନ ବ୍ୟାଙ୍କିଙ୍ଗ, ଡିଜିଟାଲ ପେମେଣ୍ଟ, ସରକାରୀ ସେବା ପୋର୍ଟାଲ ଓ ଦୈନନ୍ଦିନ ଇଣ୍ଟରନେଟ ସେବା କାର୍ଯ୍ୟରେ ମଧ୍ୟ ପ୍ରଭାବିତ ହେଉଛି । ଅଞ୍ଚଳବାସୀ ଙ୍କ କହିବା ଅନୁଯାୟୀ, ବିଦ୍ୟୁତ ବିଚ୍ଛେଦ ହେଲେ ମୋବାଇଲ ଟାୱାରର ବ୍ୟାକଅପ ବ୍ୟବସ୍ଥା କାର୍ଯ୍ୟକ୍ଷମ ନ ଥିବାରୁ ନେଟୱାର୍କ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡୁଛି। ସ୍ଥାନୀୟଲୋକମାନେ ତୁରନ୍ତ ସମାଧାନଦାବି କରି ମୋବାଇଲ ଟାୱାରରେ ସୌର ଶକ୍ତି ଆଧାରିତ ବ୍ୟାକଅପ ବ୍ୟବସ୍ଥା, ଅଧିକ ଟାୱାର ସ୍ଥାପନ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ପ୍ରଶାସନ ଓ ଟେଲିକମ କମ୍ପାନୀଙ୍କ ହସ୍ତକ୍ଷେପଆବଶ୍ୟକ ବୋଲି ଦାବି କରିଛନ୍ତି। ଡିଜିଟାଲ ଇଣ୍ଡିଆ ଯୋଜନାର ସଫଳ କାର୍ଯ୍ୟକରଣ ପାଇଁ ମାଲକାନଗିରି ପରି ଦୁର୍ଗମ ଅଞ୍ଚଳରେ ଡିଜିଟାଲ ସଂଯୋଗ ସୁଦୃଢ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ମାଓବାଦୀଙ୍କ ଗଚ୍ଛିତ ବିପୁଳ ସାମଗ୍ରୀ ଜବତ




ମାଲକାନଗିରି, ତା ୨୬/୦୫/୨୬(ମାନସ୍ ରଞ୍ଜନ୍ ନେତାମ୍)ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବସ୍ତର ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ କ୍ରମାଗତ ଭାବେ ସଫଳତା ମିଳିବାରେ ଲାଗିଛି । ଗତ ୧୭ ତାରିଖରୁ ସୁକମା ଜିଲ୍ଲାରେ ଚାଲିଥିବା ସର୍ଚ୍ଚ ଅପରେସନ ସମୟରେ ଜଙ୍ଗଲ ଅଞ୍ଚଳରୁ ନକ୍ସଲମାନଙ୍କ ଲୁଚାଇ ରଖାଯାଇଥିବା ଆଶ୍ରୟସ୍ଥଳ ଓ ଡମ୍ପ ଉଦ୍ଧାର କରାଯାଇଛି। ଅପରେସନ ସମୟରେ ବାହିନୀ ବହୁ ପରିମାଣର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ, ୱାୟାରଲେସ୍ ସେଟ୍ ଓ ନିତ୍ୟ ବ୍ୟବହାର ସାମଗ୍ରୀ ଜବତ କରିଛି। ପୂର୍ବରୁ ଆତ୍ମ ସମର୍ପଣ କରିଥିବା ନକ୍ସଲଙ୍କ ଠାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏହି ଅଭିଯାନ ଚାଲିଥିଲା । ଏହି କ୍ରମରେ ଆଜି ମଧ୍ୟ ଚିନ୍ତାଗୁଫା ଅଞ୍ଚଳରେ୨୦୧ କୋବ୍ରା ଓ ୧୩୧ ସିଆରପିଏଫ ବାଟାଲିୟନ ପକ୍ଷରୁ ବିଶେଷ ସର୍ଚ୍ଚ ଅପରେସନ କରାଯାଇଥିଲା । ସେଠାରୁ ଏକ ଲାପଟପ୍, ୱାକୀ ଓ ୱାୟାରଲେସ୍ ସେଟ୍, ବୋମା, ନକ୍ସଲ ପତାକା, ବ୍ୟାଟେରୀ, ଅସ୍ତ୍ରଶସ୍ତ୍ର ସହ ଓ ନକ୍ସଲ ସାହିତ୍ୟ ଜବତ କରାଯାଇଛି । ସୁକମା ଏସପି କିରଣ ଚୌହାନ କହିଛନ୍ତି ଯେ, ଆତ୍ମ ସମର୍ପଣ କରିଥିବା ନକ୍ସଲଙ୍କଠାରୁ ମିଳୁଥିବା ସୂଚନା ଆଧାର ଅପରେସନ ଜାରି ରହିଛି। ଜଙ୍ଗଲରେ ଲୁଚାଇ ରଖାଯାଇଥିବା ଅସ୍ତ୍ର ଓ ବିସ୍ଫୋରକ ଉଦ୍ଧାର କରାଯାଉଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ସେ କହିଛନ୍ତି।

# ସ୍ମାର୍ଟ ୧୧କୁ ହରାଇ ତ୍ରିରଙ୍ଗାର ବିଜୟ ଧାରା ଜାରି



ବିନିକା, ସୁବର୍ଣ୍ଣପୁର ଜିଲ୍ଲା ବିନିକା ଜୟ ଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ସିଦ୍ଧାର୍ଥ ଡିଗ୍ରୀ କଲେଜ ଗରୁଡ଼ କ୍ୟାମ୍ପସ ଠାରେ ଚାଲିଥିବା ବିନିକା ପ୍ରୀମିୟର ଲିଗ ମ୍ୟାଚ୍ ସିଜନ -୨ ର ଆଜି ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସ୍ମାର୍ଟ ୧୧କୁ ହରାଇ ତ୍ରିରଙ୍ଗା ୟୁଥ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି ।ଗତ ୨୭ତାରିଖରୁ ଅଦ୍ୟାବଧି ଅନୁଷ୍ଠିତ ୧୧ଟି ମ୍ୟାଚ ମଧ୍ୟରୁ ତ୍ରିରଙ୍ଗା ଦୁଇଟି ମ୍ୟାଚ୍ ଖେଳି ତାର ବିଜୟ ଅଭିଯାନ ଜାରି ରଖିଛି ।ଅନୁଷ୍ଠିତ ଏହି ପ୍ରିମିୟର ଲିଗ୍ ମ୍ୟାଚରେ ସର୍ବମୋଟ ୬ଟି ଦଳ ଭାଗ ନେଇଛନ୍ତି ।ଆଜି ଅନୁଷ୍ଠିତ ୧୧ତମ ମ୍ୟାଚ୍ ରେ ପ୍ରଥମେ ସ୍ମାର୍ଟ ୧୧ ଟସ୍ ଜିଣି ବ୍ୟାଟିଂ କରିଥିଲା ନିର୍ଦ୍ଧାରିତ ଓଭର ମଧ୍ୟରେ ଦଳ ୫ୱିକେଟ୍ ହରାଇ ୮୯ରନ ସଂଗ୍ରହ କରିଥିଲା ଏକ ସହଜ ବିଜୟ ନେଇ ତ୍ରିରଙ୍ଗା ଦଳର ଖେଳାଳୀ ମାନେ ବ୍ୟାଟିଂ କରିବାକୁ ଯାଇଥିଲେ ହେଁ ୩ଓଭରରେ ୩ୱିକେଟ୍ ହରାଇ ଥିଲା ହେଲେ ଟିମ ର ଅନ୍ୟ ଖେଳାଳି ଧୈର୍ଯ୍ୟ ସହିତ ଖେଳ ପ୍ରଦର୍ଶନ କରି ୭ୱିକେଟ୍ ହରାଇ ବିଜୟୀ ହୋଇଥିଲା ଖେଳକୁ ମଣ୍ଟୁ ମୁଦୁଲି ଓ କୈବର୍ତ୍ତ ଦୀପ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋନିତ୍ ସାହୁ ଓ ମ୍ୟାଚ୍ ର ଧାରାବିବରଣୀ ଭବାନୀ ଶଙ୍କର ଜଗଦଳା ପ୍ରଦାନ କରିଥିଲେ ।ଆୟୋଜକ କମିଟି ସଭାପତି ଶଶାଙ୍କ ଶେଖର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବିନିକା ସାମ୍ବାଦିକ ସଂଘର ସଭାପତି ସୃଜନ ପଣ୍ଡା ମୁଖ୍ୟ ଅତିଥି,ସାମ୍ବାଦିକ ଶାନ୍ତନୁ ପଣ୍ଡା,ହିମାଂଶୁ ଶେଖର ପୁଟେଲ,କମଲ ଲୋଚନ ପରିଚ୍ଛା,ମିଥୁନ ବାରିକ,ଉମାକାନ୍ତ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ/ରନର୍ ଅପ ଦଳକୁ ଏବଂ ମ୍ୟାନ ଅଫ ଦି ମ୍ୟାଚ ଦିନେଶ ନାୟକଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଜନଜାତି ଐତିହ୍ୟ ସଂରକ୍ଷଣ ଶୁଭାରମ୍ଭ

ଯାଜପୁର, ସ୍ଥାନୀୟ ସଂସ୍କୃତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ଗୋବରଘାଟି ଫେଜ୍-୨ ସ୍ଥିତ ଆଦିବାସୀ ୟୁଥ କ୍ଲବ୍‌ଠାରେ 'ସଂବାଦ ଫେଲୋସିପ୍'ର ୧୦ମ ସଂସ୍କରଣ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଯାଜପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ପରମ୍ପରାକୁ ସୁରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ପୁନର୍ବାସ ଓ ଥଇଥାନ ବିଭାଗ ମୁଖ୍ୟ ରଶ୍ମି ରଞ୍ଜନ ନାୟକ ଏବଂ ଟିଏସଏଫ କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଟାଟା ଷ୍ଟିଲ୍ ଓ ଟିଏସଏଫର ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଜନଜାତି ଭାଷା ଶିକ୍ଷକ, ସଂବାଦ ଫେଲୋ ଏବଂ ପୂର୍ବତନ ସଦସ୍ୟ, ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ)ର ପ୍ରତିନିଧି



ଏବଂ କଳିଙ୍ଗନଗର ୱାର୍କିଂ କମିଟିର ସଦସ୍ୟଙ୍କ ସମେତ ପ୍ରାୟ ୧୨୦ ଜଣ କମ୍ୟୁନିଟି ମେମ୍ବର ଅଂଶଗ୍ରହଣ କରିଥିଲେ ।ଏହି ଶୁଭାରମ୍ଭର ଅଂଶବିଶେଷ ସ୍ୱରୂପ, ଦାନଗଦି, ବ୍ରାହ୍ମଣୀପାଳ ଏବଂ ସୁକିନ୍ଦା ଅଞ୍ଚଳର ୨୪ଟି ପଞ୍ଚାୟତରୁ ୧୮ ରୁ ୩୫ ବର୍ଷ ବୟସ୍କ ଜନଜାତି ଯୁବବର୍ଗ ଏକତ୍ରିତ ହୋଇ ନିଜର ସମୃଦ୍ଧ ଐତିହ୍ୟକୁ ଆଗାମୀ ପିଢ଼ି ପାଇଁ ଏକ ଜୀବନ୍ତ ପରମ୍ପରା ଭାବେ ବଞ୍ଚାଇ ରଖିବାର ଚିନ୍ତାଧାରା ବିଷୟରେ ଆଲୋଚନା କରିବା ସହ କାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରିଥିଲେ ।୨୦୧୭ ମସିହାରେ ଆରମ୍ଭ ହୋଇଥିବା 'ସଂବାଦ ଫେଲୋସିପ୍', ବିଲୁପ୍ତ ହେବାର ଆଶଙ୍କା ଥିବା ଜନଜାତି ଭାଷା, ପରମ୍ପରା ଏବଂ ସାଂସ୍କୃତିକ ପ୍ରଥାଗୁଡ଼ିକର ଦସ୍ତାବିଜ୍ ପ୍ରସ୍ତୁତ ତଥା ସୁରକ୍ଷା ପାଇଁ ଜନଜାତି ଯୁବବର୍ଗଙ୍କୁ ସହାୟତା ପ୍ରଦାନ କରିଆସୁଛି । ଏହି ଫେଲୋସିପ୍ ଆର୍ଥିକ ସହାୟତା, ମାର୍ଗଦର୍ଶନ ଏବଂ କମ୍ୟୁନିଟି -ଭିତ୍ତିକ ଗବେଷଣା ତଥା ଦସ୍ତାବିଜ୍ ପ୍ରସ୍ତୁତି ପାଇଁ ସୁଯୋଗ ପ୍ରଦାନ କରିଆସୁଛି । ବିଗତ ନଅଟି ସଂସ୍କରଣ ମଧ୍ୟରେ ସଂବାଦ ଫେଲୋସିପ୍ ସମଗ୍ର ଭାରତରେ ଅନେକ ପ୍ରଭାବଶାଳୀ ପଦକ୍ଷେପ ନେବାରେ ସକ୍ଷମ ହୋଇଛି, ଯେଉଁଥିରେ ବିଲୁପ୍ତପ୍ରାୟ ଜନଜାତି ଭାଷାଗୁଡ଼ିକର ସଂରକ୍ଷଣ, ଲୋକଗୀତ, ନୃତ୍ୟ, ପାରମ୍ପରିକ ଖେଳ, ଔଷଧୀୟ ଜ୍ଞାନ, ପାରମ୍ପରିକ ଖାଦ୍ୟ ପ୍ରଣାଳୀର ଦସ୍ତାବିଜ୍ ପ୍ରସ୍ତୁତି ଏବଂ ଜନଜାତି ଲୋକକଥା ଉପରେ ଆଧାରିତ ଶିଶୁ ସାହିତ୍ୟର ସୃଷ୍ଟି ଅନ୍ତର୍ଭୁକ୍ତ ।ଗତ ୧୦ ବର୍ଷ ମଧ୍ୟରେ, ଏହି ଫେଲୋସିପ୍ ୬୪ ଜଣ ଫେଲୋଙ୍କୁ ସହାୟତା ପ୍ରଦାନ କରିବା ସହ ୩୪ ଟି ସାହିତ୍ୟିକ ରଚନା, ୩୨ ଟି ସଙ୍ଗୀତ, ୧୧ ଟି ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଦୁଇଟି ସ୍ଥାନୀୟ ଅଞ୍ଚଳର ଐତିହ୍ୟ ଅନୁଷ୍ଠାନ ଗଠନରେ ସହାୟକ ହୋଇଛି, ଯାହା ଭାରତର ବିଭିନ୍ନ ଜନଜାତି ଐତିହ୍ୟର ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି ।ସଂବାଦ ଫେଲୋସିପ୍ ଜନଜାତିର ଅଭ୍ୟାସକାରୀ, ଗବେଷକ, କଳାକାର ଏବଂ ସାଂସ୍କୃତିକ ନେତୃବୃନ୍ଦଙ୍କୁ ସମର୍ଥନ ଜଣାଇ ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ଜୀବନ ମଧ୍ୟରେ ଥିବା ଦୂରତାକୁ ଦୂର କରିବାକୁ ଚେଷ୍ଟା କରୁଛି । ଜନଜାତି ଜ୍ଞାନ କୌଶଳକୁ ଜୀବନ୍ତ ଏବଂ ପ୍ରାସଙ୍ଗିକ ରଖିବା ନିଶ୍ଚିତ କରି ଏହି ପଦକ୍ଷେପ ଦୈନନ୍ଦିନ ସ୍ଥାନୀୟ ଲୋକଙ୍କ ଜୀବନ ସହିତ ଏକ ନିବିଡ଼ ସମ୍ପର୍କ ସ୍ଥାପନ କରିଥାଏ ।

# ବୟାଳିଶ ମୌଜା ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



କଟକ ସଦର, କଟକ ସଦର ବ୍ଲକ ଅନ୍ତର୍ଗତ ବୟାଳିଶ ମୌଜା ଠାରେ, ବୟାଳିଶ ମୌଜା ସାଂସ୍କୃତିକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଅଛି । ବୟାଳିଶ ମୌଜା ସାଂସ୍କୃତିକ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ମହୋତ୍ସବର ଚତୁର୍ଥ ଦିବସରେ, କନ୍ଦରପୁର ସ୍ଥିତ ସରସ୍ୱତୀ ଡ୍ୟାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା । ସର୍ବପ୍ରଥମେ, ମାତୃ ବନ୍ଦନା, ମହାଭାରତ, ନୀଳସୈଳ, ରାକ୍ଷୀ ବାନ୍ଧିଲି ମୋ ରଖିବ ମାନ, ବାବୁ ପଇସା ଟିଏ ଦିଅ ବାବୁ ମଞ୍ଚସ୍ଥ ହୋଇଥିଲା ଯାହାକି ଦର୍ଶକ ମାନଙ୍କ ହୃଦୟକୁ ବିମୋହିତ କରିଥିଲା । ଏହି ଅବସରରେ, ସରସ୍ୱତୀ ଡ୍ୟାନ୍ସ ଗ୍ରୁପର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ କଳାକାର ମାନଙ୍କୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ କରାଯଇଥିଲା । ଉକ୍ତ କାର୍ଯ୍ୟକ୍ରମରେ, ଉପଦେଷ୍ଟା ବିଳାସ ବେହେରା, ସିଦ୍ଧେଶ୍ୱର ପତି, ବିକ୍ରମ କିଶୋର ପତି, ପ୍ରମୋଦ କୁମାର ମହାପାତ୍ର, ସନ୍ତୋଷ କୁମାର ପଣ୍ଡା, ଭଜକୃଷ୍ଣ ଲେଙ୍କା, ସେବକ ଇଂ ଶ୍ରୀକାନ୍ତ ଜେନା, ଉପସଭାପତି ପ୍ରଫୁଲ୍ଲ ଦାସ, ସମ୍ପାଦକ ଦୁର୍ଗା ପ୍ରସାଦ ପତି, ନିତ୍ୟାନନ୍ଦ ପତି, ପ୍ରସନ୍ନ କୁମାର ପତି,ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି,କୋଷାଧ୍ୟକ୍ଷ ସୁଶାନ୍ତ କୁମାର ସ୍ୱାଇଁ, ଅଶୋକ କୁମାର ପତି, ସତ୍ୟନାରାୟଣ ମହାନ୍ତି, ସନ୍ତୋଷ ସ୍ୱାଇଁ, ବସନ୍ତ ଭୋଇ, ପ୍ରଫୁଲ୍ଲ ଭୋଇ, ଗୁଣ୍ଡୁଚି ଭୋଇ, ପବିତ୍ର ଭୋଇ, ଅଶୋକ ଭୋଇ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ସର୍ବଶେଷରେ ବୟାଳିଶ ମୌଜା ସାଂସ୍କୃତିକ ମହୋତ୍ସବ କମିଟିର ସଭାପତି ସନ୍ତୋଷ କୁମାର ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ମହେନ୍ଦ୍ର ମେଳା'କୁ ବିରୋଧ କରି ଧାରଣା

ପାରଳାଖେମୁଣ୍ଡି, : ଓଡ଼ିଶାର ସର୍ବ ପୁରାତନ ଶୈବପୀଠ ମହେନ୍ଦ୍ରଗିରି ଠାରେ ଆଗାମୀ ଜୁନ ୧ ତାରିଖ ଠାରୁ ୯ ଦିନ ଧରି ଆୟୋଜିତ ହେବାକୁ ଥିବା ମହେନ୍ଦ୍ର ମେଳାକୁ ବିରୋଧ କରି ଆଜି ଠାରୁ ମହେନ୍ଦ୍ରଗିରି ଥରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି. ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ମହେନ୍ଦ୍ରାଞ୍ଚଳ ଆଦିବାସି, ବିଶ୍ୱବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚ, ମହେନ୍ଦ୍ରଗିରି ପୂଜା କମିଟି (ବାରଘର) ଓ ପୂଜାରୀ ବୃନ୍ଦଙ୍କ ମିଳିତ ସହଯୋଗରେ ଏହି ଧାରଣା ଦିଆଯାଇ ଅଭିଯୋଗ କରାଯାଇଛିଯେ, ସେମାନେ କେଉଁ ଆଦିମ କାଳରୁ ଆମ ପୂର୍ବ ପୁରୁଷମାନେ ମହେନ୍ଦ୍ରଗିରି ଶୈବପୀଠରେ ଥିବା ମନ୍ଦିର ଗୁଡିକରେ ନିସ୍ୱାର୍ଥପର ଭାବେ ପୂଜା, ମନ୍ଦିରର ଗୁଡିକର ରକ୍ଷଣା ବେକ୍ଷଣ, ଓ ସେଠାର ପ୍ରାକୃତିକ ପରିବେଶର ସୁରକ୍ଷା ନିରବଛିନ୍ନ ରକ୍ଷା କରିଆସୁଛୁ । ବର୍ତ୍ତମାନ ମଧ ସେ ଗୁରୁଦାୟିତ୍ୱ ସମ୍ପାଦନ କରାଯାଉଅଛି । ପରବର୍ତ୍ତୀ ସମୟରେ ଆମ ଅନ୍ତେ ଆମ ପିଲାଙ୍କ




ଦାୟିତ୍ୱରେ ଆସିବା ନିଶ୍ଚିତ ଅଟେ । ସେମାନେ ଆହୁରି ଅଭିଯୋଗ ଆଣିଛନ୍ତି ଯେ କିଛି ଅନୁପ୍ରବେଶକାରି ଭଣ୍ଡ ବାବା, ବ୍ଲକ / ଜିଲ୍ଲା ସ୍ତରୀୟ କିଛି ଟାଉଟର, କିଛି କୁଜୀ ନେତା, ସ୍ଥାନିୟ କିଛି ଅସାମାଜିକ ବ୍ୟକ୍ତି ମାନେ ନିୟମିତ ମହେନ୍ଦ୍ରଗିରିକୁ ଆସି ସେଠାର ଧାର୍ମିକ ପରିବେଶକୁ କଳୁଷିତ କରୁଛନ୍ତି ଓ ଯାହା ଆମ ଅଦିବାସୀ ମାନଙ୍କ କୌଳିକ ପ୍ରଥା, ରୀତିନୀତି, ପରମ୍ପରା, ସଂସ୍କୃତି, ସମୂଳେ କ୍ଷୁଣ୍ଣ ହେବାରେ ଲାଗିଛି । ଏପରିକି ପବିତ୍ର ମହେନ୍ଦ୍ରଗିରି ଶିଖରେ ଭୋଜିଭାତର ଆୟୋଜନ, ଉକ୍ତ ଭୋଜିରେ ମଦ୍ୟପାନ, ମାଂସ ଭକ୍ଷଣ ଭଳି ନିନ୍ଦନୀୟ କାର୍ଯ୍ୟ କରାଯାଉଅଛି । ମହେନ୍ଦ୍ରଗିରି ଅଞ୍ଚଳରୁ ଖଣିଜ ରତ୍ନ ପଥର, ପ୍ରାଚୀନ ଦୁର୍ଲଭ ମୂର୍ତ୍ତି, ଶିବଲିଙ୍ଗ, ଇତ୍ୟାଦି ଚୋରିକରି ନେବାର ପ୍ରମାଣ ମଧ ଅଛି । ବର୍ତ୍ତମାନ କିଛି ଭଣ୍ଡ ବାବାଙ୍କ ସହ କିଛି ମୁଷ୍ଟିମେୟ ଓ ରାଜନେତାଙ୍କ ସହାୟତାରେ 'ମହେନ୍ଦ୍ର ମେଳା ଉତ୍ସବ" ନାମରେ ଏକ ପ୍ରହସନ କରିବାକୁ ଯାଉଛନ୍ତି । ଯାହା ମହେନ୍ଦ୍ରଗିରିର ଇତିହାସରେ କେବେ ହୋଇନାହିଁ ଓ ଉକ୍ତ ମେଳା ଉତ୍ସବକୁ ମହେନ୍ଦ୍ରାଞ୍ଚଳ ଆଦିବାସୀଙ୍କ ସାଂସ୍କୃତିକ ଓ ପରମ୍ପରାକୁ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଆମ୍ଭେ ଘୋର ବିରୋଧ କରୁଛୁ ବୋଲି ଦାବି କରି ଏହି ଧାରଣା ଆରମ୍ଭ କରାଯାଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି. ।

# ମୁକ୍ତି କଲେଜ ଅଫ ନର୍ସିଂରେ ଆନ୍ତର୍ଜାତୀୟ ସେବିକା ଦିବସ ପାଳିତ




ଗୋପ, ଗୋପ ଗଣେଶ୍ୱର ପୁର ଅଞ୍ଚଳ ରେ ଥିବା ଅଗ୍ରଣୀ ଅନୁଷ୍ଠାନ ମୁକ୍ତି କଲେଜ ଅଫ ନର୍ସିଂ ପରିସରରେ ଅନ୍ତର୍ଜାତୀୟ ସେବିକା ଦିବସ ଉତ୍ସାହ ଓ ଆଡ଼ମ୍ବର ର ସହ ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓ ସମ୍ମାନିତ ଅତିଥି । ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ କଲେଜ ର ଚେୟାରମେନ ଶ୍ରୀ ଯୁକ୍ତ ଗଣେଶ ଚନ୍ଦ୍ର ଦାସ, ପ୍ରାଚର୍ଯ୍ୟା ଶ୍ରୀ ମତି ମନସ୍ୱିନୀ ପୃଷ୍ଟି,ଅଧ୍ୟାପକ / ଅଧ୍ୟାପିକା ଓ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ ।ନାସନାଲ ନର୍ସିଂ ଡେ ଅବସରରେ ଅତିଥିମାନେ କହିଥିଲେ ଯେ, ଭାରତରେ "ବେଟି ବଞ୍ଚାଅ, ବେଟି ପଢ଼ାଅ" ଅଭିଯାନର ମୂଳ ଲକ୍ଷ୍ୟ ଏବେ ଧୀରେ ଧୀରେ ସାକାର ହେଉଛି । ବିଶେଷ କରି ଗ୍ରାମାଞ୍ଚଳରେ ମହିଳାମାନେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ଆଗକୁ ବଢ଼ୁଛନ୍ତି ।ସେମାନେ ଆଉ କହିଥିଲେ ଯେ, ନର୍ସିଂ କ୍ଷେତ୍ର ମହିଳାମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ । ଆଗାମୀ ଦିନରେ ଆହୁରି ୩ ଟି ଗ୍ରାମ ଓ ଅପହଞ୍ଚ ଅଞ୍ଚଳରେ ଅଧିକ ସଂଖ୍ୟାରେ ନର୍ସିଂ ସୁବିଧା ଓ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯିବ, ଯାହା ମାଧ୍ୟମରେ ମହିଳାମାନେ ଆତ୍ମନିର୍ଭର ହୋଇପାରିବେ ।କାର୍ଯ୍ୟକ୍ରମ ର ଆରମ୍ଭ ଦୀପ ପ୍ରଜ୍ୱଳନ ଓ ସ୍ୱାଗତ ସଙ୍ଗୀତ ସହ ହେବା ପରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ନର୍ସିଂ ପେସାରା ମହତ୍ତ୍ୱ, ସେବା ଭାବର ଓ ସମାଜ ଗଠନ ରେ ନର୍ସ ମାନଙ୍କ ର ଭୂମିକା ସମ୍ପର୍କ ରେ ଅତିଥି ମାନେ ମତବ୍ୟକ୍ତି କରିଥିଲେ ।ଚଳିତ ବର୍ଷ ର ଥିମ୍ ଉପରେ ଆଧାରିତ ଭାବେ ବିଭିନ୍ନ ସାଂସ୍କୃତିକ ଓ ସଚେତନା ମୂଳକ କାର୍ଯ୍ୟକ୍ରମ ପରୀଦର୍ଷୀତ ହୋଇଥିଲା ଯାହା ସମସ୍ତଙ୍କୁ ଆକର୍ଷିତ କରିଥିଲା ।ଶେଷ ରେ ଧନ୍ୟବାଦ ଜ୍ଞାପନ ସହ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା ।

# ହିଞ୍ଜିଳିକାଟୁରେ ଭୟାବହ ଅଗ୍ନିକାଣ୍ଡ

## ଦୁଇ ଗାଡ଼ି ସମେତ ଅନେକ ସାମଗ୍ରୀ ଜଳି ପୋଡି ପାଉଁଶ

ହିଞ୍ଜିଳିକାଟୁ: ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଆଙ୍କୋରଡା ଗ୍ରାମର ଜାନିନଗର ସାହିରେ ମା ତାରାତାରିଣୀ ଏଣ୍ଟରପ୍ରାୟିଶେଶ ଏକ ଘରୋଇ କାରଖାନାରେ ବୁଧବାର ପ୍ରାତଃ ୪ ଘଟିକା ସମୟରେ ଭୟାବହ



ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ଧନ ସମ୍ପଦ ନଷ୍ଟ ହୋଇଯାଇଥିବାର ସୂଚନା ମିଳିଛି । ତେବେ ଏହି ଘଟଣାରେ କୌଣସି ଜନ ଜିବନର ହାନି ହୋଇନଥିବାର ସୂଚନା ମିଳିଛି । କେଉଁ କାରଣରୁ ଏଭଳି ଅଗ୍ନିକାଣ୍ଡ ଘଟିଛି ତାହା ଅସ୍ପଷ୍ଟ ରହିଛି । ଅନ୍ୟପକ୍ଷରେ କୌଣସି ସର୍ଟ ସର୍କିଟ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟିଯାଇଥିବା ନେଇ ଅନୁମାନ କରାଯାଉଛି । ଏହି ଅଗ୍ନିକାଣ୍ଡରେ ପଚିଶି ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ଖୟକ୍ଷତି ହୋଇଥି ଅନୁମାନ କରାଯାଉଥିବା ବେଳେ ୨ ଟି ଟାଟା ଏସି ଗାଡ଼ି ନଂ ଓଡ଼ି ୩୨ ଜେ ୭୦୭୦ ଏବଂ ଅନ୍ୟଟି ଓଡ଼ି ୦୭ ଏକେ ୭୦୭୦ ପୋଡ଼ି ଯାଇଥିବା ସହ କମ୍ପାନୀରେ ଥିବ କେମିକାଲ, ପାଇପ୍ ଆଦି ସାମଗ୍ରୀ ପୋଡ଼ି ଯାଇଥିବାର ସୂଚନା ମିଳିଛି । ସ୍ଥାନୀୟ ଲୋକେ ଏହି ଅଗ୍ନିକାଣ୍ଡ ଘଟଣା ବିଷୟରେ ହିଞ୍ଜିଳି ଅଗ୍ନିଶମ ବାହିନୀ ବିଭାଗ କୁ ସୂଚନା ଦେଇଥିଲେ । ଖବର ପାଇ ହିଞ୍ଜିଳିକାଟୁ , କୁକୁଡ଼ାଖଣ୍ଡି , ଶେରଗଡ ବ୍ରହ୍ମପୁର ଛତ୍ରପୁର ଅଗ୍ନିଶମ ବାହିନୀ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଁଚି ନିଆଁ କୁଁ ଆୟତ କରିଥିଲେ । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ହିଞ୍ଜିଳି ଦମକଳ ବାହିନୀ ଓଆଇସି ପ୍ରକାଶ କୁମାର ସାମଲ,ହାବିଲଦାର ଭବାନୀ ଶଙ୍କର ଗୌଡ଼, ଫାୟାର ଫାଇଟର ଗୁଣ୍ଡିଚା ସେଠୀ,ହେମନ୍ତ ବେହେରା,ପ୍ରଦୀପ୍ତ ସ୍ୱାଇଁ,ସଞ୍ଜୟ ଗୌଡ଼ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବେ ନିଆଁକୁ ଆୟତ କରିଥିଲେ ।

# ମହିଳା କନେଷ୍ଟବଲଙ୍କ ଅଙ୍ଗଦାନ ସାଜିଲା ମାନବତାର ଶ୍ରେଷ୍ଠ ଉଦାହରଣ

ଯାଜପୁର : ଜୀବନ ଥାଇ ସେ ଜନତାଙ୍କ ସୁରକ୍ଷା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ, ଆଉ ମୃତ୍ୟୁ ପରେ ନିଜର ଅଙ୍ଗଦାନ କରି ଅନ୍ୟକୁ ନୂଆ ଜୀବନ ଦେଇଗଲେ । ଯେଉଁଠି ମୃତ୍ୟୁ ସବୁକିଛି ଶେଷ କରିଦିଏ ବୋଲି ବିଶ୍ୱାସ କରାଯାଏ, ସେଠାରେ ଯାଜପୁର ଜିଲ୍ଲାର ଜଣେ କର୍ତ୍ତବ୍ୟନିଷ୍ଠ ମହିଳା ପୋଲିସ କନେଷ୍ଟବଳ ନିଜର ବଦାନ୍ୟତା ପାଇଁ ଆଜି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି । ସେ ହେଉଛନ୍ତି ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୩୩ ବର୍ଷୀୟା

## ମୃତ୍ୟୁ ପରେ ବି ଅମର



ବାଲି ଜାମୁଦା ।ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରବାଟି ପଞ୍ଚାୟତର ବେଲହୁଡ଼ି (ବୋଲହରି) ଗ୍ରାମର ବାସିନ୍ଦା ବାଲି ଜାମୁଦା ଜଣେ ସକ୍ରିୟ ଓ ନିଷ୍ପାପର କନେଷ୍ଟବଳ ଭାବେ ପରିଚିତ ଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ ମସ୍ତିଷ୍କାଘାତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ସମୟରେ ମଧ ତାଙ୍କ ପରିବାର, ବିଶେଷକରି ସ୍ୱାମୀ ମନୋଜ କୁମାର ବାନରା ଏବଂ ରାଜ୍ୟ କଂଗ୍ରେସ ସମ୍ପାଦିକା ସ୍ୱର୍ଣ୍ଣଲତା ବାନରା ଏକ ଅତ୍ୟନ୍ତ ସାହସିକ ନିଷ୍ପତ୍ତି ନେଇଥିଲେ । ଶୋକାକୁଳ ପରିବେଶରେ ଧୈର୍ଯ୍ୟ ନହରାଇ ସେମାନେ ବାଲିଙ୍କ ଅଙ୍ଗଦାନ ପାଇଁ ସମ୍ମତି ପ୍ରଦାନ କରିଥିଲେ ।ସ୍ୱର୍ଗତ ବାଲି ଜାମୁଦାଙ୍କ ହୃଦୟ , ଯକୃତ ଏବଂ ବୃକକ ଦାନ କରାଯାଇଛି । 'ଥୋଟା ଆକ୍ଟ' ଅନୁଯାୟୀ ତାଙ୍କ ଯକୃତକୁ ସଫଳତାର ସହ ଉଦ୍ଧାର କରାଯାଇ ଜଣେ ଗ୍ରହୀତାଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି, ଯାହା ଫଳରେ ଜଣେ ବ୍ୟକ୍ତି ମୃତ୍ୟୁ ମୁଖରୁ ବଞ୍ଚି ନୂତନ ଜୀବନ ପାଇଛନ୍ତି ।ବାଲି ଜାମୁଦାଙ୍କ ଏହି ନିଃସ୍ୱାର୍ଥପର ବଳିଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜି (୧୩-୦୫-୨୦୨୬) ତାଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ ହୋଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଏବଂ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ବେଲହୁଡ଼ି ଗ୍ରାମର ମଶାଣିରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗନଗର) ଶ୍ରୀ ସପନ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କଳିଙ୍ଗନଗର ଥାନା ଅଧିକାରୀ ଏବଂ ଅତିରିକ୍ତ ତହସିଲଦାର ପ୍ରମୁଖ ଶେଷ ଯାତ୍ରାରେ ସାମିଲ ହୋଇ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଶେଷ ବିଦାୟ ଜଣାଇଥିଲେ । ପୋଲିସ ବିଭାଗ ପକ୍ଷରୁ 'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଥିଲା, ଯାହା କେବଳ ଜଣେ ସରକାରୀ କର୍ମଚାରୀଙ୍କୁ ସମ୍ମାନ ନଥିଲା ବରଂ ଜଣେ ମହାନ ମାନବବାଦୀଙ୍କ ପ୍ରତି ସମଗ୍ର ରାଜ୍ୟର କୃତଜ୍ଞତା ଥିଲା ।ଏହି ମହତ୍ କାର୍ଯ୍ୟକୁ ସମ୍ମାନ ଜଣାଇବା ପାଇଁ ଶେଷକୃତ୍ୟ ସମୟରେ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ନେତୃତ୍ୱରେ କଂଗ୍ରେସ ନେତା ମହେନ୍ଦ୍ର ଦାଶ, ମଦନ ଖୁଣ୍ଟିଆ, ଦୟାନିଧି ପଲେଇ, ଉମାକାନ୍ତ ଜେନାମଣି, ସ୍ୱପ୍ନା ବେହୁରା, ହରିହର ପାଣିଗ୍ରାହୀ ଏବଂ ବିଭୁ ଭୂଷଣ ରାଉତ ପ୍ରମୁଖ ଶେଷ ଦର୍ଶନ କରିବା ସହ ବାଲି ଜାମୁଦାଙ୍କ ଅଙ୍ଗଦାନ ନିଷ୍ପତ୍ତିକୁ ଭୂୟସୀ ପ୍ରଶଂସା କରିଥିଲେ ।

# ବ୍ଲକ୍ ସ୍ତରୀୟ ମେଧା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




ବଲାଙ୍ଗିର ): ଗୁଡଭେଲା ବ୍ଲକ୍ ସ୍ତରୀୟ ମେଧା ସମ୍ବର୍ଦ୍ଧନା ସଭା ବିଇଓ ଗୁଡଭେଲାଙ୍କ କାର୍ଯ୍ୟାଳୟରେ ବିଇଓ ନମିତା ରାଣୀ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବର୍ଷ ୨୦୨୫-୨୬ ମାଟ୍ରିକ ବୋର୍ଡ ପରୀକ୍ଷାରେ ବ୍ଲକ୍‌ରେ ସର୍ବୋଚ୍ଚ ନମ୍ବର ୫୪୦ ମାର୍କ ୯୦% ରଖି ଏ-୧ ପାଇ ବ୍ଲକ ପାଇଁ ଗୌରବ ଆଣି ଦେଇଥିବା ଦେମୁହାଣ ସ୍ୱସ୍ତି ବିଦ୍ୟାପୀଠର ଛାତ୍ର ଅଭିଷେକ ବଢେଇଙ୍କୁ ବିଇଓ ଶ୍ରୀମତୀ ଭୋଇ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଓ ବିପିନ ବାଗ, ବ୍ଲକ୍ କର୍ମଚାରୀ ରମା ମହାପାତ୍ର ଓ ପଞ୍ଚାନନ ରଣା ତଥା ପ୍ରଧାନ ଶିକ୍ଷକ ରୁଦ୍ର ହେର୍ଣ୍ଣା ଓ ବିଜ୍ଞାନ ଶିକ୍ଷକ ହୃଷିକେଶ ମେହେର ଉପସ୍ଥିତ ଥିଲେ ।

### ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ ଉଦ୍‌ଯାପିତ

# "ସେବା ସହିତ କରୁଣା ରହିଲେ, ରୋଗୀ ପାଇଁ ମହୋଷଧି ପାଲଟିଥାଏ"

କେସିଙ୍ଗା , ନୂତନ ଜେନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ କଳାହାଣ୍ଡି ଜିଏନଏମ୍ କଲେଜ ଅଫ୍ ନର୍ସିଂ, ଭବାନୀପାଟଣା ପକ୍ଷରୁ ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ ଅବସରରେ ଏକ ଭବ୍ୟ ଉଦଯାପନୀ ଉତ୍ସବ ଇରିଗେସନ କଲୋନୀ ସ୍ଥିତ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । "ଆମର ନର୍ସମାନେ ଆମର ଭବିଷ୍ୟତ – ନର୍ସମାନଙ୍କ ଯତ୍ନ ଅର୍ଥନୀତିକୁ ସୁଦୃଢ଼ କରେ" ଏହି ବାର୍ତ୍ତାକୁ ନେଇ ଆୟୋଜିତ ଉତ୍ସବରେ ନର୍ସିଂ ସେବାର ମାନବିକତା, କରୁଣା ଓ ସମାଜ ପ୍ରତି ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିର ଅତିରିକ୍ତ ଜିଲ୍ଲାପାଳ ଟି.କେ. ଦରୱାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନର୍ସମାନଙ୍କ ସେବାଭାବକୁ ଉଚ୍ଚ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ଼. ନିବେଦିତା ନାଥ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ଼. ଅଜୟ ମିଶ୍ର, ଏବଂ ଆଇନଜୀବୀ ତଥା ପରାମର୍ଶଦାତା ନିହାର ରଞ୍ଜନ ମିଶ୍ର ଉପସ୍ଥିତ ରହି ନର୍ସିଂ ଶିକ୍ଷାର ଗୁରୁତ୍ୱ ଉପରେ ମତପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ ନୂତନ ଜେନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ କଳାହାଣ୍ଡିର ଚେୟାରମ୍ୟାନ ସୁକାନ୍ତ କୁମାର ଶତପଥୀ, ପରିଚାଳନା ଉପଦେଷ୍ଟା ଜ୍ୟୋତ୍ସ୍ନା ମଞ୍ଜରୀ ମିଶ୍ର, କଳାହାଣ୍ଡି ଜିଏନଏମ୍ କଲେଜ ଅଫ୍ ନର୍ସିଂର ପ୍ରିନ୍ସିପାଲ ଅମୃତା ସିଂ ଓ ଜୟପୁର କଲେଜ ଅଫ୍ ନର୍ସିଂର ଚେୟାରମ୍ୟାନ ଶିବ କିଶୋର ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।ବକ୍ତାମାନେ କହିଥିଲେ ଯେ, "ସେବା ସହିତ କରୁଣା ରହିଲେ ତାହା ରୋଗୀଙ୍କ ପାଇଁ ମହୋଷଧି ସମାନ ହୁଏ । ଚିକିତ୍ସା ସହ ରୋଗୀଙ୍କ ପ୍ରତି ସମ୍ମାନ ଓ ମାନବିକ ବ୍ୟବହାର ରହିବା ଆବଶ୍ୟକ ।" ସେଥିସହ ନାରୀ ଶକ୍ତିର ସଶକ୍ତିକରଣ ଓ ଭବିଷ୍ୟତରେ ନର୍ସିଂ କ୍ଷେତ୍ରରେ ତାଙ୍କ ଅବଦାନ ନେଇ ମଧ ଆଲୋଚନା ହୋଇଥିଲା ।ଉତ୍ସବ ଅବସରରେ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା । ବେଷ୍ଟ ଟିଚର ଭାବେ ଉତ୍କଳ ହରପାଲ, ବେଷ୍ଟ ଷ୍ଟୁଡେଣ୍ଟ ଭାବେ ପାୟଲ ମହାପାତ୍ର, ବେଷ୍ଟ ଭଲୁଣ୍ଟିୟର ଭାବେ ସ୍ମୃତିଶ୍ରୀ ବାଲ, ବେଷ୍ଟ ସ୍କଲାର ଭାବେ ପ୍ରିୟଙ୍କା ମୁଣ୍ଡ, ବେଷ୍ଟ ସପୋର୍ଟିଭ ଷ୍ଟୁଡେଣ୍ଟ ଭାବେ ଅଭିନାଶ ମେହେରଙ୍କୁ ସମ୍ମାନିତ କରାଯାଇଥିଲା । ବିଏସ୍‌ସି ନର୍ସିଂ ତୃତୀୟ ବର୍ଷକୁ ବେଷ୍ଟ ବ୍ୟାଚ ଓ ଜିଏନଏମ୍ ତୃତୀୟ ବର୍ଷକୁ ବେଷ୍ଟ ଇଭେଣ୍ଟ ପାଇଁ ପୁରସ୍କୃତ କରାଯାଇଥିଲା ।ଏହି ଅବସରରେ ନର୍ସିଂ ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟ ସଚେତନତା ର୍ୟାଲି ମାଧ୍ୟମରେ "ସ୍ୱାସ୍ଥ୍ୟ ହିଁ ସମ୍ପଦ", "ସ୍ୱଚ୍ଛତା ରଖନ୍ତୁ, ରୋଗ ଦୂର କରନ୍ତୁ" ପରି ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରି ସାଧାରଣ ଲୋକଙ୍କୁ ସଚେତନ କରିଥିଲେ । ସ୍ୱାସ୍ଥ୍ୟ ସୁରକ୍ଷା, ପରିଚ୍ଛନ୍ନତା ଓ ସୁସ୍ଥ ଜୀବନଶୈଳୀ ଉପରେ ଲୋକମାନଙ୍କ ମଧ୍ୟରେ ସକାରାତ୍ମକ ସନ୍ଦେଶ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ।ସମାଜ ସେବା ଓ ମିଡିଆ କ୍ଷେତ୍ରରେ ନିସ୍ୱାର୍ଥପର ଅବଦାନ ପାଇଁ କଳାହାଣ୍ଡି ଜିଲ୍ଲା ପ୍ରତିନିଧି ବିଷ୍ଣୁ ଚରଣ ସ୍ୱାଇଁଙ୍କୁ ମଧ ସମ୍ମାନିତ କରାଯାଇଥିଲା । କଲେଜର ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।



# ଧୂଳେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା
# ୬ ମୃତ, ୨୬ ଆହତ



ମୁମ୍ବାଇ : ସୋମବାର ସକାଳେ ମହାରାଷ୍ଟ୍ରର ଧୂଳେ ଜିଲ୍ଲା ନିକଟସ୍ଥ ମୁମ୍ବାଇ-ଆଗ୍ରା ରାଜପଥର ଲାଲିଙ୍ଗ ଘାଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଟୋଲ୍ କର୍ମଚାରୀଙ୍କ ସମେତ ୬ ଜଣଙ୍କର ଦୁଃଖଦ ମୃତ୍ୟୁ ଘଟିଛି ଏବଂ ୨୬ ଜଣ ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟ ସମୟରେ ଏକ ବସ୍ ନିୟନ୍ତ୍ରଣ ହରାଇ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ଗାଡ଼ି ସହିତ ପଛରୁ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଛି। ରିପୋର୍ଟ ଅନୁସାରେ, ଏକ ବାଲି ବୋଝେଇ ଡମ୍ପର ଅନେକ ଯାତ୍ରୀବାହୀ ଗାଡ଼ି ସହିତ ଧକ୍କା ହୋଇଥିଲା, ଯାହା ଫଳରେ ତିନୋଟି ଗାଡ଼ି ଧକ୍କା ହୋଇଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ଆହତମାନଙ୍କୁ ଚିକିତ୍ସା ଲାଗି ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ତିନୋଟି ଯାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଦୁର୍ଘଟଣାର ଏକ ଭିଡିଓ ସାମ୍ନାକୁ ଆସିଛି, ଯାହା ଦୁର୍ଘଟଣାର ଭୟାବହତାକୁ ଦର୍ଶାଉଛି। ରିପୋର୍ଟ ଅନୁସାରେ, ଏକ ବାଲି ବୋଝେଇ ଡମ୍ପର ଏବଂ ଏକ ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ପରେ ପଛରେ ଆସୁଥିବା ଏକ ଘରୋଇ ବସ୍ ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ବସ୍‌ର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡିଛି, ମୁମ୍ବାଇ-ଆଗ୍ରା ରାଜପଥର ଧୂଳେ ଜିଲ୍ଲା ନିକଟ ଲାଲିଙ୍ଗ ଘାଟ ଦେଇ ଯାଉଥିବା ସମୟରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ ଯାହା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ରିପୋର୍ଟ ଅନୁଯାୟୀ, ଏକ ଦ୍ରୁତଗାମୀ ଡମ୍ପର ଟ୍ରକ୍ ଏକ ଟ୍ରକ୍ ସହିତ ଧକ୍କା ହୋଇଥିଲା। ଉଦ୍ଧାର କାର୍ଯ୍ୟ ସମୟରେ ଏକ ବସ୍ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଗ୍ରସ୍ତ ଗାଡ଼ିଗୁଡ଼ିକ ସହିତ ଧକ୍କା ହୋଇଥିଲା।ଦୁର୍ଘଟଣା ପରେ ଯାତାୟାତ ପ୍ରଭାବିତ ଦୁର୍ଘଟଣା ଯୋଗୁଁ ମୁମ୍ବାଇ-ଆଗ୍ରା ରାଜପଥରେ କିଛି ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଆରମ୍ଭ କରିଥିଲା। ରାସ୍ତାରୁ ଯାନବାହନ ହଟାଇବା ପାଇଁ କ୍ରେନ୍ ବ୍ୟବହାର କରାଯାଇଥିଲା। ଏହା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାରେ ଜଣେ ଟୋଲ୍ କର୍ମଚାରୀଙ୍କ ମୃତ୍ୟୁ ପରେ,ଏନ୍‌ଏଚ୍‌ଏଆଇ କର୍ମଚାରୀମାନେ ଘଟଣାସ୍ଥଳରେ ଧାରଣା ଦେଇଥିଲେ। ପୁଲିସ ଆନ୍ଦୋଳନକାରୀ କର୍ମଚାରୀଙ୍କ ସହ କଥା ହୋଇ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେବା ସହ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି।ମହାରାଷ୍ଟ୍ରର ଧୂଳେ ଜିଲ୍ଲା ନିକଟସ୍ଥ ମୁମ୍ବାଇ-ଆଗ୍ରା ରାଜପଥର ଲାଲିଙ୍ଗ ଘାଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଟୋଲ୍ କର୍ମଚାରୀଙ୍କ ସମେତ ୬ ଜଣଙ୍କର ଦୁଃଖଦ ମୃତ୍ୟୁ ଘଟିଛି ଏବଂ ୨୬ ଜଣ ଆହତ ହୋଇଛନ୍ତି।

# ୫୦୦ ଟଙ୍କା ପେନସନ ପାଇଁ ଶାଶୁଙ୍କୁ କାନ୍ଧରେ ବୋହି ବ୍ୟାଙ୍କକୁ ଗଲେ ବୋହୂ




ରାୟପୁର : ଛତିଶଗଡ଼ର ସୁରଗୁଜା ଜିଲ୍ଲାର ମୈନପାଟ ଅଞ୍ଚଳରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଯେଉଁ ଘଟଣା ସରକାରୀ ବ୍ୟବସ୍ଥା ଏବଂ ଡିଜିଟାଲ ପ୍ରକ୍ରିୟାର କଠୋରତାକୁ ପୁଣିଥରେ ସାମ୍ନାକୁ ଆଣିଛି। ମାତ୍ର ୫୦୦ ଟଙ୍କାର ବୃଦ୍ଧାଭତ୍ତା ପେନସନ ପାଇବା ପାଇଁ ଜଣେ ମହିଳା ତାଙ୍କ ୯୦ ବର୍ଷୀୟ ଶାଶୁଙ୍କୁ କାନ୍ଧରେ ବୋହି ଟାଇଁଟାଇଁ ଖରାରେ ଚାଲି ବ୍ୟାଙ୍କକୁ ଯାଇଥିଲେ।ସୂଚନା ଅନୁଯାୟୀ, ଜଙ୍ଗଲପାରା ଗ୍ରାମର ସୁଖମାନିଆ ନାମକ ମହିଳାଙ୍କ ଶାଶୁଙ୍କ ପେନସନ ଗତ ଚାରି ମାସ ଧରି ଅଟକି ରହିଥିଲା। ବ୍ୟାଙ୍କରେ କେୱାଇସି ସମ୍ବନ୍ଧୀୟ କାଗଜପତ୍ରରେ କୌଣସି ଅସୁବିଧା ଥିବାରୁ ପେନସନ ଟଙ୍କା ମିଳିପାରୁ ନଥିଲା। ଫଳରେ, ଅସହାୟ ପରିବାରଟି ବୃଦ୍ଧାଙ୍କୁ କାନ୍ଧରେ ବୋହି ବ୍ୟାଙ୍କକୁ ନେବାକୁ ବାଧ ହୋଇଥିଲା।ଘଟଣାଟି ସେତେବେଳେ ସାମ୍ନାକୁ ଆସିଥିଲା, ଯେତେବେଳେ ଜଣେ ପଥଚାରୀ ଏହାର ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଭିଡିଓଟି ଭାଇରାଲ ହେବା ପରେ ପ୍ରଶାସନର ନିଦ ଭାଙ୍ଗିଛି। ସୁଖମାନିଆ କହିଥିଲେ ଯେ ପୂର୍ବରୁ "ବ୍ୟାଙ୍କ ମିତ୍ର" ଘରକୁ ଆସି ପେନସନ ଦେଇଯାଉଥିଲେ, କିନ୍ତୁ ଗତ କିଛି ମାସ ଧରି ସେହି ସେବା ବନ୍ଦ ହୋଇଯାଇଛି । ତେଣୁ ମୁଁ ବାଧ ହୋଇ ଶାଶୁଙ୍କୁ ନେଇ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୈନପାଟ ଶାଖାରେ ପହଞ୍ଚିଥିଲି। ସେଠାରେ କେୱାଇସି ପ୍ରକ୍ରିୟା ସମାପ୍ତ ହୋଇଥିଲା। ସମସ୍ତ ପ୍ରକ୍ରିୟା ସମାପ୍ତ ପରେ ବ୍ୟାଙ୍କ ଗତ ଚାରି ମାସର ଅଟକିଥିବା ମୋଟ ୨ ହଜାର ଟଙ୍କା ପେନସନ ମୋ ଶାଶୁଙ୍କୁ ପ୍ରଦାନ କରିଥିଲା।'ପେନସନ୍ ପାଇଁ ବୋହୂ ପିଠିରେ ବୃଦ୍ଧା ଶାଶୁ ମୈନପାଟ ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଖୁସ୍ବୁ ଶାସ୍ତ୍ରୀ କହିଛନ୍ତି ଯେ, କାଗଜପତ୍ର ଅଭାବରୁ ପେନସନ ଅଟକିଥିଲା। ତେବେ ଆସନ୍ତା ଦିନରେ ବୃଦ୍ଧାଙ୍କୁ ଆଉ ବ୍ୟାଙ୍କକୁ ଆସିବାକୁ ପଡ଼ିବ ନାହିଁ, ବ୍ୟାଙ୍କ ମିତ୍ର ତାଙ୍କ ଘରେ ପହଞ୍ଚି ପେନସନ ଦେବେ ବୋଲି ସେ ଆଶ୍ୱାସନ ଦେଇଛନ୍ତି।

# ୟୁରୋପକୁ ଜଳାଇବା ପରେ, ଭାରତ ମୁହାଁ ଭୟଙ୍କର ବିପଦ



ନୂଆଦିଲ୍ଲୀ : ପ୍ରଶାନ୍ତ ମହାସାଗରରେ ଏଲ ନିନୋ ନାମକ ଏକ ପ୍ରାକୃତିକ ଘଟଣା ସୃଷ୍ଟି ହୋଇଛି, ଯାହା ସମୁଦ୍ରର ତାପମାତ୍ରା ବୃଦ୍ଧି କରୁଛି। ୟୁରୋପକୁ ଗ୍ରୀଷ୍ମ ପ୍ରବାହରେ ଜଳାଇବା ପରେ, ଏହି ଭୟଙ୍କର ବିପଦ ଏବେ ଭାରତ ଆଡକୁ ମୁହାଁଇଛି। ଏହାର ସର୍ବାଧିକ ପ୍ରଭାବ ଭାରତୀୟ ଉପମହାଦେଶରେ ଅନୁଭୂତ ହେଉଛି, ଯେଉଁଠାରେ ଅଧିକାଂଶ କୃଷି ମୌସୁମୀ ଉପରେ ନିର୍ଭର କରେ। ଯଦିଓ ନଳକୂପ ଏବଂ ପମ୍ପିଂ ସେଟ୍ ଚାଷ ଏବଂ ଜଳସେଚନ ପାଇଁ ଉପଲବ୍ଧ ହେଉଛି ତେବେ ଏସବୁ ଅଞ୍ଚଳରେ ବର୍ଷାଜଳକୁ ଫସଲ ପାଇଁ ଏକ ବରଦାନ ଭାବରେ ବିବେଚନା କରାଯାଇଥାଏ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମଧ୍ୟ ଏଲ୍ ନିନୋ ଯୋଗୁଁ ୨୦୨୬ ରେ ଦୁର୍ବଳ ମୌସୁମୀ ହେବାର ସମ୍ଭାବନା ପ୍ରକାଶ କରିଛି। ଫଳସ୍ୱରୂପ, କେନ୍ଦ୍ର ସରକାର ଏଲ୍ ନିନୋର ବିନାଶରୁ ଖରିଫ ଫସଲକୁ ରକ୍ଷା କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଭାରତ ଏଲ୍ ନିନୋ ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତ ହେଉଛି। ସବୁଠାରୁ ବଡ଼ ବିହନ ବୁଣା ଋତୁ ପୂର୍ବରୁ, କୃଷି ମନ୍ତ୍ରଣାଳୟ ବିହନ ସଂରକ୍ଷଣ, ଜଳ ପରିଚାଳନା ଏବଂ ଜିଲ୍ଲାସ୍ତରୀୟ ଫସଲ ଯୋଜନା ଉପରେ କେନ୍ଦ୍ରିତ ଏକ ଜରୁରୀକାଳୀନ ଯୋଜନା ଆରମ୍ଭ କରିଛି, କାରଣ ଦେଶ ମୌସୁମୀ ବର୍ଷାର ଅଭାବର ସମ୍ମୁଖୀନ ହେଉଛି।ଧାନ-ମକା ଫସଲ ଉପରେ ସଙ୍କଟ, ମିଶନ ମୋଡ୍‌ରେ ସରକାରମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ଜିଲ୍ଲାୱାରୀ ଫସଲ ରଣନୀତି ପ୍ରସ୍ତୁତ କରିବାକୁ ଏବଂ ଖରିଫ ଋତୁରେ ଡାଲି, କିଛି ବାଜରା ଏବଂ ପନିପରିବା ଭଳି ସ୍ୱଳ୍ପକାଳୀନ ଫସଲକୁ ପ୍ରୋତ୍ସାହିତ କରିବାକୁ ନିର୍ଦ୍ଦେଶ ଦେଇଛି କାରଣ ଏଗୁଡ଼ିକ କମ୍ ପାଣି ଆବଶ୍ୟକ କରିଥାଏ। ଏସବୁ ଶୀଘ୍ର ଅମଳ ହେବା ସହିତ ପାଗର ଅନିଶ୍ଚିତତାକୁ ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ଜଳବାୟୁ ଜରୁରୀକାଳୀନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଏବଂ ଆନ୍ତଃସରକାରୀ ପ୍ୟାନେଲ ଅନ୍ କ୍ଲାଇମେଟ୍ ଚେଞ୍ଜ (ଆଇପିସିସି)ର ବିଶେଷଜ୍ଞ ସମୀକ୍ଷକ ପିଟର ଡି. କାର୍ଟର ସତର୍କ କରାଇ ଦେଇଛନ୍ତି ଯେ ସମଗ୍ର ୟୁରୋପୀୟ ଅଞ୍ଚଳ ବିଶ୍ୱ ତାପନ ପ୍ରତି ବିପଦପୂର୍ଣ୍ଣ। ୟୁରୋପ ଏକ ଭୟଙ୍କର ଗ୍ରୀଷ୍ମ ଲହରୀ କବଳରେ ଅଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଚାଷୀମାନେ ଚିନ୍ତିତ, କାରଣ ତାପମାତ୍ରା ଏପରି ସ୍ତରରେ ପହଞ୍ଚିଛି ଯାହା ଫସଲକୁ କ୍ଷତି ପହଞ୍ଚାଇପାରେ। ଭାରତ ପାଣିପାଗ ବିଭାଗ ହାରାହାରି ପ୍ରାୟ ୯୨ ପ୍ରତିଶତ ମୌସୁମୀ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଏବଂ ସତର୍କ କରାଇ ଦେଇଛି ଯେ, ଏଲ୍ ନିନୋ ପ୍ରଭାବ ଯୋଗୁଁ ମରୁଡ଼ି ଭଳି ପରିସ୍ଥିତିର ୩୫ ପ୍ରତିଶତ ସମ୍ଭାବନା ରହିଛି। ଏଲ୍ ନିନୋ ହେଉଛି ଏକ ଜଳବାୟୁ ଢାଞ୍ଚା ଯାହା ଦୁର୍ବଳ ମୌସୁମୀ ଏବଂ କୃଷି ଉତ୍ପାଦନ ହ୍ରାସ ସହିତ ଜଡିତ। ବରିଷ୍ଠ ଅଧିକାରୀମାନେ କହିଛନ୍ତି ଯେ, ଯେଉଁଠାରେ ଏଲ୍ ନିନୋ ପ୍ରଭାବ ଅଧିକ ଗୁରୁତର ହେବାର ଅନୁମାନ କରାଯାଉଛି ସେଠାରେ ସରକାର କିଛି ଜିଲ୍ଲାରେ ମରୁଡ଼ି ପ୍ରତିରୋଧୀ କିସମର ବିହନ ବଣ୍ଟନ କରୁଛନ୍ତି। ନିୟମିତ ଖରିଫ ପ୍ରସ୍ତୁତି ପରିବର୍ତ୍ତେ, ଚଳିତ ବର୍ଷ ପାଗ ତଦାରଖ ଏବଂ ବଣ୍ଟନ କରାଯାଉଥିବା ବିହନର କିସମ ଉପରେ ଗୁରୁତ୍ୱ ଦିଆଯାଉଛି। ମନ୍ତ୍ରଣାଳୟ ଅଞ୍ଚଳ-ନିର୍ଦ୍ଦିଷ୍ଟ ଏବଂ ଫସଲ-ନିର୍ଦ୍ଦିଷ୍ଟ ରଣନୀତି ମାଧ୍ୟମରେ ଚାଷୀମାନଙ୍କୁ ସମୟୋଚିତ ପରାମର୍ଶ, ସମ୍ବଳ ଏବଂ ବିକଳ୍ପ ପ୍ରଦାନ କରିବା ପାଇଁ ମିଶନ ମୋଡ୍‌ରେ କାର୍ଯ୍ୟ କରୁଛି। ଏଲ୍ ନିନୋର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଆନ୍ଧ୍ର ପ୍ରଦେଶ, ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ ଏବଂ ଓଡ଼ିଶା ଭଳି ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ଅନୁଭୂତ ହେବାର ଆଶଙ୍କା ରହିଛି। ଚଳିତ ବର୍ଷ ଏଲ୍ ନିନୋ ପରିସ୍ଥିତି ଜାରି ରହିବାର ସମ୍ଭାବନା ଥିବାରୁ, ନୀତି ନିର୍ଦ୍ଧାରକମାନେ କୃଷି କ୍ଷତିକୁ କମ କରିବା ଏବଂ କୃଷକଙ୍କ ଜୀବିକାକୁ ସୁରକ୍ଷା ଦେବା ପାଇଁ ମରୁଡ଼ି ସହିଷ୍ଣୁ ଫସଲ କିସମ, ପାଣିପାଗ-ଭିତ୍ତିକ କୃଷି-ପରାମର୍ଶ ସେବା, ଦକ୍ଷ ଜଳ ପରିଚାଳନା ଏବଂ ସ୍ଥାନ-ନିର୍ଦ୍ଦିଷ୍ଟ ଅନୁକୂଳନ ରଣନୀତିକୁ ପ୍ରୋତ୍ସାହିତ କରି ଜରୁରୀକାଳୀନ ଯୋଜନାକୁ ସୁଦୃଢ଼ କରିବା ଉଚିତ ବୋଲି ଆଇସିଏଆର୍ ବୈଜ୍ଞାନିକ ସୁଭାଷ ଏନ ପିଲ୍ଲାଇ କହିଛନ୍ତି। ଖରିଫ ଫସଲ ସାଧାରଣତଃ ମୌସୁମୀ ଋତୁର ଆରମ୍ଭରେ ଜୁନ୍-ଜୁଲାଇରେ ବୁଣାଯାଏ ଏବଂ ସେପ୍ଟେମ୍ବର-ଅକ୍ଟୋବରରେ ଅମଳ କରାଯାଏ। ଏଥିପାଇଁ ଭଲ ବର୍ଷା ଏବଂ ଉଷ୍ମ ତାପମାତ୍ରା ଆବଶ୍ୟକ ହୋଇଥାଏ। କିନ୍ତୁ ଫସଲ ପୋଡ଼ିଯିବା ଭଳି ତାପମାତ୍ରା ଅନାବଶ୍ୟକ।ଶସ୍ୟ ମଧ୍ୟରେ ଧାନ, ମକା, ଜ୍ୱାର, ବାଜରା , ମୁଗ, ବିରି, ହରଡ଼, ସୋୟାବିନ୍, ବାଦାମ, ରାଶି, ସୂର୍ଯ୍ୟମୁଖୀ ଏବଂ ଜଡ଼ା, କପା, ଆଖୁ, ଝୋଟକୁ ଖରିଫ ଫସଲ ଭାବରେ ବିବେଚନା କରାଯାଇଥାଏ। ଏଭଳି ଫସଲ ଏଲ୍ ନିନୋ ପ୍ରଭାବରେ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ଚାଷୀମାନଙ୍କୁ ପାଣିପାଗ ପରାମର୍ଶ ପ୍ରଦାନ କରାଯାଉଛି। ଖରିଫ ଋତୁ ଜୁନ୍ ଏବଂ ଜୁଲାଇରେ ଦେଶବ୍ୟାପୀ ଧାନ, ଡାଲି, ତୈଳବୀଜ, ଆଖୁ ଏବଂ କପା ଭଳି ପ୍ରମୁଖ ଫସଲ ବୁଣା ସହିତ ଆରମ୍ଭ ହୁଏ ଏବଂ ସେପ୍ଟେମ୍ବର ଏବଂ ଅକ୍ଟୋବରରେ ଅମଳ ସହିତ ଶେଷ ହୁଏ। ଇରାନ ଯୁଦ୍ଧ ସମୟରେ ହର୍ମୁଜ୍ ପ୍ରଣାଳୀରେ ଉତ୍ତେଜନା ଯୋଗୁଁ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି ହେବା ଦ୍ୱାରା ସାର ମୂଲ୍ୟ ବୃଦ୍ଧି ସମ୍ପର୍କରେ ବଢୁଥିବା ଚିନ୍ତା ସହିତ ଏବେ ଏଲ୍ ନିନୋ ସଙ୍କଟ ନେଇ ଯୁଦ୍ଧକାଳୀନ ପ୍ରସ୍ତୁତି ଆରମ୍ଭ ହୋଇଛି। ପାଗ ଅନିୟମିତତା ଯୋଗୁଁ ଫସଲ ନଷ୍ଟ ହେବାରୁ ଚାଷୀମାନଙ୍କୁ ସୁରକ୍ଷା ଦେବା ଏବଂ ଲକ୍ଷ୍ୟଭୁକ୍ତ, ସ୍ଥାନୀୟ ପଦକ୍ଷେପ ମାଧ୍ୟମରେ ଆର୍ଥିକ କ୍ଷତିକୁ କମ କରିବା ପାଇଁ ସରକାର ଅଞ୍ଚଳ-ନିର୍ଦ୍ଦିଷ୍ଟ ବିହନ ଏବଂ ପାଣିପାଗ ପରାମର୍ଶ ଜାରି କରିଛନ୍ତି। ଏଲ୍ ନିନୋର ପ୍ରଭାବର ମୁକାବିଲା କରିବା ପାଇଁ ମନ୍ତ୍ରଣାଳୟ ରାଜ୍ୟ କୃଷି ବିଭାଗଗୁଡ଼ିକୁ ଜଳସେଚନ ଏବଂ ଜଳଭଣ୍ଡାର ଜଳସ୍ତର ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛି। କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗତ ମାସରେ କୃଷି କ୍ଷେତ୍ରର ପରିସ୍ଥିତି ଏବଂ ଆଗାମୀ ଖରିଫ ଋତୁ ପାଇଁ ପ୍ରସ୍ତୁତିର ମୂଲ୍ୟାଙ୍କନ ପାଇଁ ଅନୁଷ୍ଠିତ ଏକ ବୈଠକରେ ସମ୍ଭାବ୍ୟ ପ୍ରତିକୂଳ ପାଗ ପରିସ୍ଥିତିର ମୁକାବିଲା ପାଇଁ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀମାନେ ଯେପରି ବିହନ, ସାର ଏବଂ ଅନ୍ୟାନ୍ୟ ଜରୁରୀ କୃଷି ସାମଗ୍ରୀ, ବିକଳ୍ପ ଫସଲ ବିକଳ୍ପ, ବିହନ ବିଳମ୍ବ ରଣନୀତି ଏବଂ ମରୁଡ଼ି ସହନଶୀଳ କିସମର ପ୍ରୋତ୍ସାହନ ସମେତ ବ୍ୟବହାରିକ ଏବଂ ଶୀଘ୍ର ସମାଧାନ ପାଇପାରିବେ ତାହା ସୁନିଶ୍ଚିତ କରିବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମୁଁ ସର୍ବୋତ୍ତମ ଚୁକ୍ତି କରିବି, ଇରାନ ଚୁକ୍ତି ଉପରେ ଟ୍ରମ୍ପଙ୍କ ମନ୍ତବ୍ୟ

ୱାସିଂଟନ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନ ସହିତ ପରମାଣୁ ଚୁକ୍ତିନାମା ସମ୍ପର୍କରେ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ଆମେ ଇରାନ ସହିତ ଏକ ଚୁକ୍ତିନାମାରେ ପହଞ୍ଚିବୁ, ତେବେ ଏହା ଏକ ଭଲ ଏବଂ ନିରପେକ୍ଷ ଚୁକ୍ତିନାମା ହେବ। ସେ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କୁ କଟାକ୍ଷ କରିଛନ୍ତି। ଓବାମାଙ୍କ କାର୍ଯ୍ୟକାଳରେ ହୋଇଥିବା ପରମାଣୁ ଚୁକ୍ତିନାମା ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ, ଏହି ଚୁକ୍ତିନାମା ଇରାନକୁ ନଗଦ ଏବଂ ପରମାଣୁ ଅସ୍ତ୍ର ପାଇଁ ଏକ ବାଟ ଦେଖାଇଥିଲା। ଟ୍ରମ୍ପ କହିଛନ୍ତି , ଆମର ଚୁକ୍ତିନାମା ଆମେରିକାର ସ୍ୱାର୍ଥକୁ ଧ୍ୟାନରେ ରଖି କରାଯିବ। ଇରାନ ସହିତ ଓବାମା କରିଥିବା ଚୁକ୍ତି ଆମେରିକାକୁ କ୍ଷତି ପହଞ୍ଚାଇଥିଲା। ଇରାନ ଆର୍ଥିକ ଭାବରେ ଲାଭବାନ ହୋଇ ପରମାଣୁ କାର୍ଯ୍ୟକଳାପକୁ ଆଗକୁ ବଢାଇଥିଲା। ଆମ ପ୍ରଶାସନ ଓବାମାଙ୍କ ଭୁଲ୍‌କୁ ଦୋହରାଇବ ନାହିଁ। ଆମର ପ୍ରାଥମିକତା ଆମେରିକୀୟ ସୁରକ୍ଷା ଏବଂ ବିଶ୍ୱ ସ୍ଥିରତା ହେବ। ବିରୋଧୀଙ୍କୁ ଟାର୍ଗେଟ କରି ଟ୍ରମ୍ପ କହିଛନ୍ତି, ଏହି ସମ୍ଭାବ୍ୟ ଚୁକ୍ତିର ସମାଲୋଚନା କରୁଥିବା ଲୋକଙ୍କ ପାଖରେ ସମ୍ପୂର୍ଣ୍ଣ ସୂଚନାର ଅଭାବ ଅଛି। ଓବାମାଙ୍କୁ କଲେ କଟାକ୍ଷ ସେ ସ୍ପଷ୍ଟ କରିଛନ୍ତି ଯେ ଇରାନ ସହିତ ଚୁକ୍ତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଚୂଡ଼ାନ୍ତ ହୋଇନାହିଁବର୍ତ୍ତମାନ ଆଲୋଚନା ଚାଲିଛି। ଏହା ସତ୍ତ୍ୱେ, କିଛି ଲୋକ ସମାଲୋଚନା ଜାରି ରଖିଛନ୍ତି। ଆମ ସରକାର କୌଣସି ତରବରିଆ ନିଷ୍ପତ୍ତି ନେବେ ନାହିଁ। ପ୍ରତ୍ୟେକ ପଦକ୍ଷେପ ସତର୍କତାର ସହ ନିଆଯିବ। ଟ୍ରମ୍ପ କହିଛନ୍ତି ଯେ ୱାସିଂଟନ ଏବଂ ତେହେରାନ ପ୍ରାୟ ତିନି ମାସ ଧରି ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ଏକ ଶାନ୍ତି ଚୁକ୍ତି ଉପରେ ଆଲୋଚନା ପ୍ରାୟତଃ ସମାପ୍ତ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ସେ ଆଲୋଚନାକାରୀମାନଙ୍କୁ ଏକ ଚୁକ୍ତି ପାଇଁ ତରବର ନ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି, ଉଭୟ ପକ୍ଷ ସେମାନଙ୍କର ସମୟ ନେବା ଉଚିତ ଏବଂ ଏହାକୁ ସଠିକ୍ ଉପାୟରେ କରିବା ଉଚିତ। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ କହିଛନ୍ତି ଯେ, ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନା ଏକ ସୁବ୍ୟବସ୍ଥିତ ଏବଂ ଗଠନମୂଳକ ଉପାୟରେ ଆଗକୁ ବଢୁଛି। ସମୟ ଆମେରିକା ସପକ୍ଷରେ ଅଛି। ସେ କହିଛନ୍ତି, ଚୁକ୍ତିନାମା ଉପରେ ସହମତି ଏବଂ ଏହା ସ୍ୱାକ୍ଷରିତ ନହେବା ପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀରେ ଆମେରିକାର ଜାହାଜ ଅବରୋଧ ପୂର୍ଣ୍ଣ ବଳବତ୍ତର ରହିବ।

# ଆନ୍ଧ୍ରରେ ପେଟ୍ରୋଲ୍ ସବୁଠୁ ମହଙ୍ଗା, ଗୁଜରାଟରେ ଶସ୍ତା

ନୂଆଦିଲ୍ଲୀ : ମଧ୍ୟ ପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଦେଶରେ ତିନି ଥର ପେଟ୍ରୋଲ ଦରରେ ବୃଦ୍ଧି ଘଟିଛି। ଏହି ଦରବୃଦ୍ଧି ପରେ ବିଭିନ୍ନ ରାଜ୍ୟରେ ପେଟ୍ରୋଲ ଦର ଭିନ୍ନ ଭିନ୍ନ ସ୍ତରକୁ ବୃଦ୍ଧି ପାଇଛି। ଆନ୍ଧ୍ରରେ ପେଟ୍ରୋଲ ଦର ଲିଟର ପିଛା ସର୍ବାଧିକ ୧୧୭ ଟଙ୍କା ୮୦ ପଇସା ରହିଛି। ଏହା ପଛକୁ ତେଲେଙ୍ଗାନାରେଦେର ୧୧୫ ଟଙ୍କା ୭୦ ପଇସା, କେରଳରେ ୧୧୨ ଟଙ୍କା ୩୦ ପଇସା, ମଧ୍ୟପ୍ରଦେଶରେ ୧୧୧ ଟଙ୍କା ୪୦ ପଇସା ଓ ବିହାରରେ ୧୧୦ ଟଙ୍କା ୪୦ ପଇସା ରହିଛି। ଏହି ପାଞ୍ଚଟି ରାଜ୍ୟରେ ପେଟ୍ରୋଲ ଦର ୧୧୦ ଟଙ୍କାରୁ ଅଧିକ ହୋଇଛି।ପଶ୍ଚିମବଙ୍ଗରେ ପେଟ୍ରୋଲ ୧୦୯ ଟଙ୍କା ୮୦ ପଇସା, ରାଜସ୍ଥାନରେ ୧୦୯ ଟଙ୍କା ୫୦ ପଇସା, ମହାରାଷ୍ଟ୍ରରେ ୧୦୮ ଟଙ୍କା ୫୦ ପଇସା, କର୍ଣ୍ଣାଟକରେ ୧୦୭ ଟଙ୍କା ୭୦ ପଇସା, ଓଡ଼ିଶାରେ ୧୦୫ ଟଙ୍କା ୯୦ ପଇସା ହୋଇଛି। ସବୁଠୁ ଶସ୍ତାରେ ପେଟ୍ରୋଲ ଗୁଜରାଟରେ ମିଳୁଛି। ସେଠାରେ ପେଟ୍ରୋଲ ଲିଟର ୯୯ ଟଙ୍କା ୧୦ ପଇସା ରହିଛି। ଚାରିଟି ରାଜ୍ୟରେ ପେଟ୍ରୋଲ ଦର ଏବେବି ୧୦୦ ଟଙ୍କାରୁ କମ୍ ରହିଛି। ହରିୟାନାରେ ଦର ୯୯ ଟଙ୍କା ୭୦ ପଇସା, ଦିଲ୍ଲୀରେ ୯୯ ଟଙ୍କା ୫୦ ପଇସା ଓ ଉତ୍ତରପ୍ରଦେଶରେ ୯୯ ଟଙ୍କା ୫୦ ପଇସା ରହିଛି। ତାମିଲନାଡୁରେ ପେଟ୍ରୋଲ ଦର ଲିଟର ପିଛା ୧୦୫ ଟଙ୍କା ୬୦ ପଇସା, ଛତିଶଗଡ଼ରେ ୧୦୫ ଟଙ୍କା ୨୦ ପଇସା, ଝାଡ଼ଖଣ୍ଡରେ ୧୦୨ ଟଙ୍କା ୬୦ ପଇସା, ଆସାମରେ ୧୦୧ ଟଙ୍କା ୯୦ ପଇସା, ଗୋଆରେ ୧୦୧ ଟଙ୍କା ୩୦ ପଇସା ଓ ପଞ୍ଜାବରେ ୧୦୧ ଟଙ୍କା ୧୦ ପଇସା ରହିଛି।ଗତ ମାର୍ଚ୍ଚ ୨୭ରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲରେ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଲିଟର ପିଛା ୧୦ ଟଙ୍କା କମ୍ କରିଥିଲେ। ଏହାପରେ ବିଜେପି ଶାସିତ ରାଜ୍ୟଗୁଡ଼ିକ ତାହାର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚାଇଥିଲେ। ସେଥିପାଇଁ ଗୁଜରାଟ, ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା, ଗୋଆ ଓ ଆସାମରେ ପେଟ୍ରୋଲ ଦାମ୍ କମ୍ ରହିଛି।

## ଆମେରିକା-ଇରାନ ଆଲୋଚନା ମଧ୍ୟରେ ଚେତାବନୀ ଦେଲା ଇସ୍ରାଏଲ

ଜେରୁଜେଲମ୍ : ଇସ୍ରାଏଲୀ ସେନା ମୁଖ୍ୟ ଜେନେରାଲ ଆୟଲ ଜମିର ଉତ୍ତର କମାଣ୍ଡରେ ଏକ ସୁରକ୍ଷା ସମୀକ୍ଷା ସମୟରେ କହିଛନ୍ତି ଯେ, ଆବଶ୍ୟକ ହେଲେ ସେନା ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଆଲୋଚନାରେ କିଛି ଅଗ୍ରଗତି ହେବାର ରିପୋର୍ଟ ଆସୁଛି। ଜମିର କହିଛନ୍ତି ଯେ, ଇସ୍ରାଏଲୀ ସେନା ତୁରନ୍ତ ଏବଂ ବଡ଼ ସ୍ତରରେ ସାମରିକ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ କରିବାକୁ ପ୍ରସ୍ତୁତ। ସାମରିକ ବାହିନୀର ଲକ୍ଷ୍ୟ ହେଉଛି ଇରାନର କ୍ଷମତାକୁ ଯଥାସମ୍ଭବ ଦୁର୍ବଳ କରିବା। ସିନହୁଆ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ବୃଦ୍ଧି କରିବା ଏବଂ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ପାଇଁ ଆଲୋଚନା ଚାଲିଛି। ତଥାପି, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଦୁଇ ଦେଶ ମଧ୍ୟରେ ମତଭେଦ ରହିଛି। ଦୁଇ ଦେଶ ମଧ୍ୟରେ ରହିଛି ମତଭେଦ ସେନା ମୁଖ୍ୟ ଜମିର କହିଛନ୍ତି, ଇସ୍ରାଏଲୀ ସେନା ଲେବାନନରେ ହିଜବୁଲ୍ଲା ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ତାଙ୍କ ଅନୁସାରେ, ସେନା ପ୍ରତ୍ୟେକ ସ୍ତରରେ ହିଜବୁଲ୍ଲାକୁ ଟାର୍ଗେଟ କରୁଛି। ଏପ୍ରିଲରେ ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା, କିନ୍ତୁ ଏହା ସତ୍ତ୍ୱେ, ଇସ୍ରାଏଲୀ ସେନା ଏପର୍ଯ୍ୟନ୍ତ ଦକ୍ଷିଣ ଲେବାନନରୁ ସେନ୍ୟ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନାହିଁ।

# ଓଡ଼ିଶାରୁ ପଦ୍ମଶ୍ରୀ ପାଇଲେ ଡକ୍ଟର ମହେନ୍ଦ୍ର ମିଶ୍ର

ନୂଆଦିଲ୍ଲୀ : ଓଡ଼ିଶାରୁ ବିଶିଷ୍ଟ ଶିକ୍ଷାବିତ, ଭାଷାବିତ୍ ତଥା ଲୋକକଥାକାର ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ । ସୋମବାର ଦିନ ରାଷ୍ଟ୍ରପତି ଭବନରେ ପ୍ରଥମ ପର୍ଯ୍ୟାୟ ବେସାମରିକ ସମ୍ମାନ ପ୍ରଦାନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ ।ଡକ୍ଟର ମିଶ୍ର ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତପ୍ରାୟ ଆଦିବାସୀ ସ୍ୱରକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ କରିବା ଏବଂ ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି। ସେ ଭାରତର ଆଦିବାସୀ ଓ ଗ୍ରାମୀଣ ଜନସମାଜରେ ସନ୍ନିହିତ ଭାରତୀୟ ଜ୍ଞାନ ପ୍ରଣାଳୀକୁ ସ୍ୱର ଦେବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା ହାସଲ କରିଛନ୍ତି। ସେ ଆଦିବାସୀଙ୍କ ବିକାଶ ସହିତ ଆଦିବାସୀ ଭାଷା, ସଂସ୍କୃତି ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଅନେକ ଆଦିବାସୀ ସଂଗଠନ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି।୧ ଏପ୍ରିଲ୍ ୧୯୫୨ ମସିହାରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା କଳାହାଣ୍ଡିରେ ଜନ୍ମଗ୍ରହଣ କରିଥିବା ଡକ୍ଟର ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପାଠପଢ଼ିଥିଲେ ଏବଂ ୧୯୮୭ ମସିହାରେ ପିଏଚଡି ଡିଗ୍ରୀ ହାସଲ କରିଥିଲେ। ସେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟରେ ସହକାରୀ ନିର୍ଦ୍ଦେଶକ ଭାବରେ ଯୋଗ ଦେଇଥିଲେ। ସେ ଜନଜାତି ବହୁଭାଷୀ ଶିକ୍ଷା ଉପରେ ଧ୍ୟାନ ଦେଇ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଶିକ୍ଷା ପାଇଁ ରାଜ୍ୟ ସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ ।ଡକ୍ଟର ମିଶ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ବହୁଭାଷୀ ଶିକ୍ଷା କ୍ଷେତ୍ରରେ ରହିଛି । ଏଥିରେ ସେ ଆଦିବାସୀ ଭାଷା ଏବଂ ସଂସ୍କୃତିକୁ ଶିକ୍ଷାର ଉପକରଣ ଭାବରେ ପୁନର୍ଜୀବିତ କରିଛନ୍ତି। ଓଡ଼ିଶା ସରକାରଙ୍କ ଅଗ୍ରଣୀ ପ୍ରୟାସ କାରଣରୁ, ସେ ୨୧ଟି ଆଦିବାସୀ ଭାଷାରେ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ପରେ ସେଗୁଡ଼ିକୁ ନୂଆଦିଲ୍ଲୀର ଭାଷା ଏବଂ ଶିକ୍ଷା ଫାଉଣ୍ଡେସନ୍ ମାଧ୍ୟମରେ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ ଏବଂ ଆସାମ ରାଜ୍ୟରେ ବିସ୍ତାର କରିଥିଲେ। ତାଙ୍କର ପରିବର୍ତ୍ତନକାରୀ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ, ''ରୂପାନ୍ତର'' ଶିକ୍ଷକମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରିଥାଏ। ସ୍ଥାନୀୟ ଜ୍ଞାନକୁ ଏକୀକୃତ କରୁଥିବା ବିଦ୍ୟାଳୟ-ସମାଜ ସମ୍ପର୍କକୁ ପ୍ରୋତ୍ସାହିତ କରେ। ଏହି ପ୍ରୟାସଗୁଡ଼ିକ, ୟୁନେସ୍କୋ, ଏନସିଇଆରଟି ଏବଂ ଏନଇପି ୨୦୨୦ ସହ ଜଡ଼ିତ ତଥା ସାଂସ୍କୃତିକ ବ୍ୟବଧାନ ପୂରଣ କରିଥାଏ । ଏହା ମଧ୍ୟ ସାକ୍ଷରତାକୁ ପ୍ରୋତ୍ସାହିତ କରେ ଏବଂ ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି କରେ । ଉଦାହରଣ ସ୍ୱରୂପ ତାଙ୍କ ପୁସ୍ତକ, ''ଇରଇ ଇରଇ: ଭାରତର ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ବହୁଭାଷୀ ଶିକ୍ଷା''ରେ ଏ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।ଆଦିବାସୀ ମୌଖିକ ପରମ୍ପରାର ଜଣେ ଉତ୍ସାହୀ ବିଦ୍ୱାନ ଭାବରେ, ଡକ୍ଟର ମିଶ୍ର କଳାହାଣ୍ଡିର ମୌଖିକ ମହାକାବ୍ୟ (୨୦୦୭), ସାଓରା ଟେଲ୍ସ ଆଣ୍ଡ ଗୀତସ୍ (୨୦୦୫), ପାହାଡ଼ିଆ ମୌଖିକ ପରମ୍ପରା (୨୦୨୧) ଏବଂ ଓଡ଼ିଶାର ମୌଖିକ ପରମ୍ପରାରେ ରାମକଥା (୨୦୨୫) ଭଳି ପ୍ରମୁଖ କୃତି ମାଧ୍ୟମରେ ସମୃଦ୍ଧ ଲୋକକଥାକୁ ସଂରକ୍ଷଣ କରିଛନ୍ତି। ସେ ଫିନଲ୍ୟାଣ୍ଡର କାଲେୱାଲା ଭଳି ବିଶ୍ୱସ୍ତରୀୟ ମହାକାବ୍ୟଗୁଡ଼ିକୁ ଓଡ଼ିଆରେ ଅନୁବାଦ କରିଛନ୍ତି। ତାଙ୍କର ପ୍ରୟାସ ଦ୍ୱାରା ଓଡ଼ିଶାର ଜନଜାତି – ଗୋଣ୍ଡ, ସାନ୍ତାଳୀ, କନ୍ଧ, ପାହାଡ଼ିଆ, ସୋରା, ବଞ୍ଜାରା ଏବଂ ଅନ୍ୟାମାନଙ୍କ ବ୍ରହ୍ମାଣ୍ଡ ଧାରଣା, ପୌରାଣିକ ଆଖ୍ୟାନ, ମୌଖିକ ମହାକାବ୍ୟ ଏବଂ ଗୀତକୁ ସଂରକ୍ଷଣ କରିବା ଦିଗରେ କାର୍ଯ୍ୟ କରିଛନ୍ତି । ଏହାର ଶିକ୍ଷାକୁ ସାଂସ୍କୃତିକ ଭାବରେ ଅର୍ଥପୂର୍ଣ୍ଣ କରିବା ପାଇଁ ପ୍ରାଥମିକ ଶିକ୍ଷାରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ପାଠ୍ୟକ୍ରମରେ ସେଗୁଡ଼ିକୁ ସଂହତ କରିବା ଲାଗି କାର୍ଯ୍ୟ କରିଛନ୍ତି। ସେ ନୂଆଦିଲ୍ଲୀର ସାହିତ୍ୟ ଏକାଡେମୀରେ ଭାଷା ବିକାଶ ବୋର୍ଡ, ଜନଜାତି ମୌଖିକ ସାହିତ୍ୟ କେନ୍ଦ୍ର ଏବଂ ଭାରତୀୟ ସମ୍ବିଧାନର ଅନୁସୂଚିତ ଭାଷାରେ ଅନୁବାଦ କମିଟିର ସଦସ୍ୟ ଅଟନ୍ତି ।ଅନ୍ତର୍ଜାତୀୟ ସ୍ତରରେ, ଡକ୍ଟର ମିଶ୍ର ନେପାଳର ଏମଏଲଇ ନୀତି ଉପରେ ପରାମର୍ଶ ଦେଇଛନ୍ତି, ଚୀନର ସିଏଏସଏ, ହାନୟାଙ୍ଗ ବିଶ୍ୱବିଦ୍ୟାଳୟ, ଦକ୍ଷିଣ କୋରିଆ; ଥାଇଲ୍ୟାଣ୍ଡ ମାହିଡୋଲ ବିଶ୍ୱବିଦ୍ୟାଳୟ, ଏବଂ ରୁଷ ବିଜ୍ଞାନ ଏକାଡେମୀରେ ବକ୍ତୃତା ଦେଇଛନ୍ତି। ୟୁନେସ୍କୋ ସହଯୋଗରେ ସେ ବାଂଲାଦେଶରେ ଭାରତୀୟ ସଂସ୍କୃତିର ପ୍ରତିନିଧିତ୍ୱ କରିଛନ୍ତି। ସାହିତ୍ୟ ଏକାଡେମୀ ସହ ମିଶି ସେ ଅଣ-ଅନୁସୂଚିତ ଭାଷା ଏବଂ ମୌଖିକ ପରମ୍ପରାର ସୁରକ୍ଷା ସୁନିଶ୍ଚିତ କରନ୍ତି ।ଡକ୍ଟର ମିଶ୍ରଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପୁରସ୍କାର ମିଳିଛି ।



## ଉମିଦ୍ ପୋର୍ଟାଲରେ ୩୧,୦୦୦ରୁ ଅଧିକ ୱକଫ୍ ସମ୍ପତ୍ତିର ପଞ୍ଜୀକରଣ ବାତିଲ

ନୂଆଦିଲ୍ଲୀ ୨ ଉତ୍ତରପ୍ରଦେଶରେ ୱକଫ୍ ଭାବରେ ପଞ୍ଜୀକୃତ ୩୧,୦୦୦ରୁ ଅଧିକ ସମ୍ପତ୍ତିକୁ କେନ୍ଦ୍ରର ଉମିଦ୍ ପୋର୍ଟାଲରୁ ହଟାଇ ଦିଆଯାଇଛି। ଅଧିକାରୀମାନେ କହିଛନ୍ତି ଯେ ସମ୍ପତ୍ତି ସହ ଜଡିତ ଦସ୍ତାବିଜ ଯାଞ୍ଚ ପରେ ପଞ୍ଜୀକରଣ ବାତିଲ କରାଯାଇଛି, ଜମି ଓ ମାଲିକାନା ବିବରଣୀରେ ମେଳ ଖାଉ ନ ଥିବାରୁ ଅନେକ ଦାବି ମଧ୍ୟ ପ୍ରତ୍ୟାଖ୍ୟାନ କରାଯାଇଛି।ଅଧିକାରୀଙ୍କ କହିବାନୁସାରେ, ଉମିଦ୍ ପୋର୍ଟାଲରେ ରେକର୍ଡ ହୋଇଥିବା ୩୧,୩୨୮ ୱକଫ୍ ସମ୍ପତ୍ତିର ପଞ୍ଜୀକରଣ ଏପର୍ଯ୍ୟନ୍ତ ରଦ୍ଦ କରାଯାଇଛି। ଏଥିମଧ୍ୟରୁ ୩୧,୧୯୨ ସମ୍ପତ୍ତି ସମ୍ବନ୍ଧୀୟ ୱକଫ୍ ଦାବିକୁ ମଧ୍ୟ ଯାଞ୍ଚ ପରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ରାଜ୍ୟରେ ୱକଫ୍ ରେକର୍ଡର ସମୀକ୍ଷାର ଏକ ଅଂଶ, ଯେଉଁଠାରେ ସମୁଦାୟ ୧,୧୮,୩୦୨ ୱକଫ୍ ସମ୍ପତ୍ତିର ଡକ୍ୟୁମେଣ୍ଟ କରାଯାଇଛି। କର୍ତ୍ତୃପକ୍ଷ କହିଛନ୍ତି ଯେ, ଜମି ଓ ରାଜସ୍ୱ ରେକର୍ଡର କ୍ରସ୍ ଚେକିଂ ସମୟରେ ବ୍ୟାପକ ଅନିୟମିତତା ସାମ୍ନାକୁ ଆସିବା ପରେ ଏହି ବାତିଲ କରାଯାଇଥିଲା।

PRINTED BY- PRASANTA KUMAR POTHAL AND OWNED, PUBLISHED AND EDITED BY **JYOTIRMAYA PANDA**, PRINTED AT- OMM PRINTERS PLOT NO-6709, NEAR RADHAKRUSHNA TEMPLE, MANCHESWAR INDUSTRIAL ESTATE, KHORDHA, ODISHA - 751010 AND PUBLISHED FROM-LB-58, BHIMATANGI HOUSING BOARD COLONY, KAPILPRASAD, BHUBANESWAR, KHORDHA, ODISHA - 751002

CHIEF EDITOR: SIMANCHAL PATTNAIK   ମୁଖ୍ୟ ସଂପାଦକ : ସିମାଞ୍ଚଳ ପଟ୍ଟନାୟକ   Email:-aamarprayas@gmail.com Mob:-9937020732   EDITOR : JYOTIRMAYA PANDA   ସଂପାଦକ : ଜ୍ୟୋତିର୍ମୟ ପଣ୍ଡା